୬ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ପ୍ରତିଯୋଗିତାରେ ଚମକିଲେ ଓଡ଼ିଆ ଝିଅ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୩୧୩ • ୧୨ ଡିସେମ୍ବର ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -31 • Issue-313 • 12th December 2024, Thursday • Bhubaneswar | Licensed to post without pre-payment of postage No- BN-60/25-27

# ଗାଁ ଏବଂ ଗ୍ରାମବାସୀଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ : ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୧୧।୧୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୪ ପ୍ରଦାନ କରିଛନ୍ତି। ତୃଣମୂଳ ସ୍ତରର ଶାସନ ଓ ଗୋଷ୍ଠୀ ବିକାଶ କ୍ଷେତ୍ରରେ ବ୍ୟାପକ ସଫଳତାକୁ ପ୍ରତିଫଳିତ କରି ଚଳିତ ବର୍ଷ ବିଭିନ୍ନ ବର୍ଗରେ ମୋଟ ୪୫ ଜଣଙ୍କୁ ପୁରସ୍କୃତ କରାଯାଇଛି । ଓଡ଼ିଶା ଓ ତ୍ରିପୁରାକୁ ସର୍ବାଧିକ ୭ଟି ଲେଖାଏଁ ପୁରସ୍କାର ମିଳିଛି । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଛନ୍ତି । ଏହି ପୁରସ୍କାର ପଞ୍ଚାୟତର ନିଷ୍ଠା ଓ ପ୍ରୟାସର ପ୍ରତୀକ ହୋଇଥିବାରୁ ଭବିଷ୍ୟତରେ ମଧ୍ୟ ସର୍ବଦା ଶ୍ରେଷ୍ଠ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି, ପ୍ରାୟ ୬୪% ନାଗରିକ ଗ୍ରାମୀଣ ଭାରତରେ ବସବାସ କରନ୍ତି, ତେଣୁ ଭାରତକୁ ଏକ ଶକ୍ତିଶାଳୀ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଗାଁ ଏବଂ ଗ୍ରାମବାସୀଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି ଆଲୋକପାତ କରିଥିଲେ।

ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଜଳ ସଂରକ୍ଷଣ, ପରିମଳ, ଭିତ୍ତିଭୂମି, ସାମାଜିକ ନ୍ୟାୟ, ଶାସନ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ପଞ୍ଚାୟତଗୁଡ଼ିକର ପ୍ରୟାସକୁ ସ୍ୱୀକୃତି ଦେବା ଏବଂ ଉତ୍ସାହିତ କରିବାରେ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୪ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଗ୍ରାମୀଣ ଭାରତର ସାମଗ୍ରିକ ବିକାଶରେ ଯୋଗଦାନ କରିବା ଏବଂ ଶ୍ରେଷ୍ଠ ଅଭ୍ୟାସ ଗ୍ରହଣ କରିବାକୁ ଅନ୍ୟ ପଞ୍ଚାୟତଗୁଡ଼ିକୁ ପ୍ରେରିତ କରିବା ଏହି ସ୍ୱୀକୃତିର ଉଦ୍ଦେଶ୍ୟ। ଚଳିତ ବର୍ଷ ପ୍ରାୟ ୧.୯୪ ଲକ୍ଷ ଗ୍ରାମ ପଞ୍ଚାୟତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ପ୍ରାପ୍ତ ପଞ୍ଚାୟତଗୁଡ଼ିକ ୪୨% ମହିଳାଙ୍କ ନେତୃତ୍ୱରେ ରହିଛି।



# ୧୨ଟି କାର୍ଯ୍ୟ ଦିବସ ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

**ଭୁବନେଶ୍ୱର, ୧୧।୧୨**
**ନ୍ୟୁଜ୍ ବ୍ୟୁରୋ**

ସପ୍ତଦଶ ଓଡ଼ିଶା ବିଧାନସଭାର ଦ୍ୱିତୀୟ ତଥା ଚଳିତ ଶୀତକାଳୀନ ଅଧିବେଶନର ବୁଧବାର ଶେଷ ହୋଇଛି। ନଭେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥିବା ଚଳିତ ଶୀତ ଅଧିବେଶନ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିଲା। ୩୧ଟି କାର୍ଯ୍ୟଦିବସ ବିଶିଷ୍ଟ ଏହି ଅଧିବେଶନ କାଳରେ ଗୃହ ମାତ୍ର ୧୨ ଦିନ ପାଇଁ ଚାଲିଥିଲା। ଚଳିତ ଅଧିବେଶନ କାଳରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଏବଂ ବ୍ୟୟମଞ୍ଜୁରୀ ବିଲ୍ ଉପରେ ଗୃହରେ ଆଲୋଚନା ହୋଇ ପାରିତ ହୋଇଥିବା ବେଳେ ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍ ୨୦୨୪ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ ୨୦୨୪ ଭଳି ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ମଧ୍ୟ ଆଲୋଚନା ହୋଇ ପାରିତ ହୋଇଥିଲା। ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବା ଜରୁରୀ ପ୍ରସଙ୍ଗ ଆଲୋଚନା ପାଇଁ ନଥିବା ଦର୍ଶାଇ ଚଳିତ ଶୀତ ଅଧିବେଶନର ପରିସମାପ୍ତି ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ସରକାରୀ ଦଳ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମର୍ଥନ ଜଣାଇବା ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହର ମତ ନେଇ ପ୍ରସ୍ତାବଟିକୁ ପାରିତ କରାଇ ନେଇଥିଲେ।

ଏହାପରେ ବାଚସ୍ପତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ *(ପୃଷ୍ଠା ୭ରେ)*



# ମହିଳାଙ୍କୁ ସଶକ୍ତିକରଣ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ରହିଛି

**ଭୁବନେଶ୍ୱର, ୧୧।୧୨**
**ନ୍ୟୁଜ୍ ବ୍ୟୁରୋ**

ମିଶନ ଶକ୍ତିକୁ ଶକ୍ତିହୀନ କରିବାକୁ ସରକାର ଉଦ୍ୟମ କରୁଥିବା ଅଭିଯୋଗ ସଂକ୍ରାନ୍ତରେ ବିରୋଧୀ ଦଳ ପକ୍ଷରୁ ବୁଧବାର ବିଧାନସଭାରେ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ପ୍ରସଙ୍ଗରେ ବିଜେଡ଼ିରୁ ବିଧାୟିକା ସୁଜାତା ସାହୁ, ଡଃ ଅରୁଣ କୁମାର ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଂଗ୍ରେସ ବିଧାୟକ ଅଶୋକ ଦାସ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ ପ୍ରମୁଖ ଆଲୋଚନାରେ ଭାଗ ନେଇ ରାଜ୍ୟ ସରକାରଙ୍କୁ ମହିଳାମାନଙ୍କ ପ୍ରତି ସମ୍ବେଦନହୀନ ଓ ଅବହେଳା ମନୋଭାବ ପ୍ରଦର୍ଶନକୁ ତୀବ୍ର ସମାଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ, ଗତ ତିନିଦିନ ଧରି ରାଜଧାନୀର ରାଜରାସ୍ତାରେ ଶୀତ, କାକର ଓ ବର୍ଷାରେ ମଧ୍ୟ ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଭାବେ କାମ କରୁଥିବା ହଜାର ହଜାର ସଂଖ୍ୟାରେ ମହିଳା ଆନ୍ଦୋଳନ ଚଳାଇଥିବା ବେଳେ ସେମାନଙ୍କ ପ୍ରତି ସରକାର ସମ୍ପୂର୍ଣ୍ଣ ଅବହେଳା ଓ ଉଦାସୀନ ମନୋଭାବ ଦେଖାଇଛନ୍ତି। ସେମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ସେମାନଙ୍କୁ ପାନୀୟ ଜଳ ସମେତ ସାମାନ୍ୟତମ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ୨୩ଟି ଶିଳ୍ପ ସଂସ୍ଥା ଉପରେ ରହିଛି ୧୦୯୬ କୋଟି ଟଙ୍କାର ବକେୟା ବିଲ୍

**ଭୁବନେଶ୍ୱର, ୧୧।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ୨୩ଟି ଶିଳ୍ପ ସଂସ୍ଥା ଦେଉ ନାହାନ୍ତି ବକେୟା ବିଜୁଳି ବିଲ୍ । ଏହି ୨୩ଟି ପ୍ରମୁଖ ଶିଳ୍ପ ସଂସ୍ଥା ଉପରେ ୧୦୯୬ କୋଟି ଟଙ୍କା ବକେୟା ରହିଛି ବୋଲି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ପ୍ରକାଶ କରିଛନ୍ତି। ଶିଳ୍ପ ସଂସ୍ଥା ଉପରେ ବିଦ୍ୟୁତ୍ ବିଲ୍ ବାକି ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି ଯେ, ବିଗତ ୧୦ ବର୍ଷ ମଧ୍ୟରେ ୧୪ଟି ଶିଳ୍ପ ସଂସ୍ଥାକୁ ୪୦୯୭ କୋଟି ବକେୟା ବିଲ ଛାଡ଼ କରାଯାଇଛି । ଜିନ୍ଦଲ ୨୮୫ କୋଟି ଟଙ୍କା ବାକି ରଖିଥିବା ବେଳେ ଭିସା ଷ୍ଟିଲ (ଯାଜପୁର) ୨୪୬ କୋଟି, ଜିଏମ ଆର କମଲାଙ୍ଗ ଏନର୍ଜି ୧୭୯ କୋଟି ଟଙ୍କା, ମାଇଥାନ ଇସ୍ପାତ ନିଗମ ଲିମିଟେଡ଼ *(ପୃଷ୍ଠା ୭ରେ)*








# 'ଧାନର ଇନ୍‌ପୁଟ୍ ସହାୟତା ରାଶି ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ'

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ବୃଦ୍ଧି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷକ ସମାବେଶ ରୟାଲ ପଡ଼ିଆ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ ଚାଷୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କାରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ଅତିରିକ୍ତ ଜିଲ୍ଲାପାଳ



ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ସୋନପୁର ଉପଜିଲ୍ଲାପାଳ ସୌମ୍ୟାରୁପା ରଥ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ, କୃଷି ଜିଲ୍ଲା ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ଅତିରିକ୍ତ ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ, ସୋନପୁର ସହକାରୀ ଉପନିବନ୍ଧକ ସମବାୟ ସମିତି ପାଣୁ ଚରଣ ସାହୁ ଓ ବୀରମହାରାଜପୁର ସହକାରୀ ଉପନିବନ୍ଧକ ସମବାୟ ସମିତି ଗିରିଶ ଚନ୍ଦ୍ର ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିକଶିତ ଓଡ଼ିଶା ନିର୍ମାଣ ଲକ୍ଷ୍ୟରେ କୃଷି ଆୟକୁ ଦ୍ୱିଗୁଣିତ କରିବାକୁ ଚାଷୀଙ୍କୁ ଆହ୍ୱାନ ଦେଇ ଜିଲ୍ଲାର ଆର୍ଥିକ ଅଭିବୃଦ୍ଧିରେ ଅଂଶୀଦାର ହେବାକୁ କହିଥିଲେ । ଏହି ଅବସରରେ ଜିଲ୍ଲାର ୨ ଜଣ ସଫଳ ଚାଷୀଙ୍କୁ କୃଷି ଯାନ୍ତ୍ରିକକରଣ ସମ୍ପର୍କିତ ସହାୟତା ପ୍ରଦାନ ପୂର୍ବକ ଟ୍ରାକ୍ଟରର ଡେମୋ ଚାବି ପ୍ରଦାନ କରାଯାଇଥିଲା । ବରଗଡ଼ର ସୋହେଲା ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭ ଉଦ୍‌ଘାଟିତ କୃଷି ଉତ୍ସବର ଆଭାସି ପ୍ରସାରଣ କରାଯାଇଥିବା ବେଳେ ଆମ ଜିଲ୍ଲାର ୬ଟି ବ୍ଲକରୁ ଶହ ଶହ ଚାଷୀ ଜିଲ୍ଲାରେ ଅନୁଷ୍ଠିତ କୃଷକ ସମାବେଶରେ ଅଂଶଗ୍ରହଣ କରିଥିବା ବେଳେ ସମାରୋହରେ ସ୍ଥାନୀୟ ନେତୃବୃନ୍ଦ ତଥା ବିଭିନ୍ନ ସରକାରୀ ଅଧିକାରୀ ପ୍ରମୁଖ ସାମିଲ୍ ହୋଇଥିଲେ । ସମାରୋହ ଅବସରରେ ଜିଲ୍ଲାର କୃଷକ ମାନଙ୍କୁ ଚାଷୀ ଓ ଚାଷ ସମ୍ପର୍କିତ ବିଭିନ୍ନ ଜ୍ଞାନ କୌଶଳ ତଥା ତତ ସମ୍ବନ୍ଧୀୟ ବିଶେଷ ସୂଚନା ଓ ସଚେତନ ନିମନ୍ତେ ପ୍ରଦର୍ଶନୀ ମଣ୍ଡପ ସହ ଖାଦ୍ୟ ଷ୍ଟଲ୍‌ର ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ର ଓ ସାଂସ୍କୃତିକ ସଂଗଠନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ତରଭା ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆଧ୍ୟାତ୍ମିକ ଶକ୍ତି ବଳରେ ସୁସ୍ଥ ଓ ମର୍ଯ୍ୟାଦା ସମ୍ପନ୍ନ ସମାଜ ଗଠନ ସମ୍ଭବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୋର୍ଟ ପରିସରର ବାର୍ ଆସୋସିଏସନ୍ ସଭା ଗୃହରେ 'ସୁସ୍ଥ ଏବଂ ମର୍ଯ୍ୟାଦା ସମ୍ପନ୍ନ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ ଶକ୍ତିର ଭୂମିକା' ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର କେନ୍ଦ୍ରାପଡା ଶାଖା ପକ୍ଷରୁ ଏହି ଆଲୋଚନା ଚକ୍ରରେ କେନ୍ଦ୍ରାପଡା ଶାଖା ମୁଖ୍ୟ ପରିଚାଳିକା ଭଉଣୀ ବିକେ ସ୍ନେହ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ମଧ୍ୟପ୍ରଦେଶର ଇନ୍ଦୋରର ପୂର୍ବତନ ଜଜ୍ ବିଡି ରାଠି ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଓ ଦୌରାଜଜ୍ ବିଶ୍ୱଜିତ ମହାନ୍ତି, ବାର୍ ଆସୋସିଏସନ୍‌ର ସଭାପତି ଧ୍ରୁବ ଚରଣ ଜେନା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସଂସ୍ଥାର ମାଉଣ୍ଟଆବୁ ସ୍ଥିତ ଜାତୀୟ ସଂଯୋଜକ ରାଜଯୋଗିନୀ ବିକେ ଲତା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ସୁସ୍ଥ ଏବଂ ମର୍ଯ୍ୟାଦା ସମ୍ପନ୍ନ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ ଶକ୍ତିର ଜାଗରଣ ସହ ବ୍ୟକ୍ତି ଜୀବନକୁ ଶୁଦ୍ଧ, ସମୃଦ୍ଧ ଓ ମର୍ଯ୍ୟାଦା ସମ୍ପନ୍ନ କରି ଗଢି ତୋଳିବାକୁ ନିରନ୍ତର ସାଧନା କରିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସଂସ୍ଥାର ରାଜ୍ୟ ସଂଯୋଜକ ବିକେ ଜୟକୃଷ୍ଣ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଚାରପତି, ଓକିଲ, ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଡିସେମ୍ବର ୨୫ରୁ ଡେରାବିଶ ମହୋତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଡେରାବିଶ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ ଶନିବାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଡେରାବିଶ ସାଂସ୍କୃତିକ ସଂଗଠନ ଦ୍ୱାରା ପରିଚାଳିତ ହେଉଥିବା ଡେରାବିଶ ମେହୋତ୍ସବ କାର୍ଯ୍ୟକ୍ରମ ଚଳିତ ବର୍ଷ ଡିସେମ୍ବର ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଡେରାବିଶ ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ବହୁ ଜନ ସାଧାରଣଙ୍କ ସମାଗମ ହେଉଥିବାରୁ ରାସ୍ତାଘାଟ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ, ପୋଲିସ ପ୍ରଶାସନର ସହାୟତା, ଆଶୁ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ଓ ଆର୍ଥିକ ଅନୁଦାନ ଆଦି ବିଷୟ ଗୁଡିକୁ ନେଇ ସଂଗଠନର କର୍ମକର୍ତ୍ତା ମାନେ ଜିଲ୍ଲା ପ୍ରଶାସନ ସହ ମତ ବିନିମୟ କରିଥିଲେ । ମହୋତ୍ସବ ହେବା ପୂର୍ବରୁ ଆର୍ଥିକ ଅନୁଦାନ ମଞ୍ଜୁର କରିବା, ଡେରାବିଶ ହାଇସ୍କୁଲ୍ ପର୍ଯ୍ୟନ୍ତ ଛତା ଛକରୁ ଓ ଚାନ୍ଦୋଳ ଫାଣ୍ଡି ଛକରୁ ରାସ୍ତା ମରାମତି ସହ ବିଦ୍ୟୁତ୍ ସଂଯୋଗୀକରଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ସହ ବିଭିନ୍ନ ସରକାରୀ ବିଭାଗର ପ୍ରଜ୍ଞାପନ ଷ୍ଟଲ୍ ଗୁଡିକୁ ମହୋତ୍ସବ ସ୍ଥଳରେ ଖୋଲିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି । ମହୋତ୍ସବ ସ୍ଥଳରେ ଅସ୍ଥାୟୀ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା କରିବା ଓ ବିଭିନ୍ନ ଦିବସରେ ଆସୁଥିବା ଅତିଥିମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ସହାୟତା କରିବା ଆଦି ବିଷୟରେ ଅଲୋଚନା କରାଯାଇଥିଲା । ଆୟୋଜିତ ଏହି ବୈଠକରେ ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଉଦ୍ୟାନ କୃଷି ବିଭାଗର ଦେବଦାସ ଦତ, ଡେରାବିଶ ମହୋତ୍ସବ କମିଟିର ସଭାପତି ଭକ୍ତକବି ଦାସ, ସମ୍ପାଦକ ଗୁରୁଚରଣ ସେଠୀଙ୍କ ସମେତ ମହେନ୍ଦ୍ର କୁମାର ସିଂହ, ରାମଚନ୍ଦ୍ର ରାଉତ, ସାହାଜାନ ଖାନ, ଖୁରସିଦ ଆଲାମ ଖାନ, ତ୍ରିଲୋଚନ ରାଉତ, ସରୋଜ ଦାସ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ସରକାରଙ୍କ ଇନ୍‌ପୁଟ୍ ସହାୟତାରେ କେନ୍ଦ୍ରାପଡ଼ା ଜିଲ୍ଲାର ୪୦ ହଜାର ଚାଷୀ ଉପକୃତ ହେବେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଧାନର କ୍ରୟ ମୂଲ୍ୟ ୨୩୦୦ ଟଙ୍କା ଉପରେ ଅତିରିକ୍ତ ସହାୟତା ରାଶି ୮୦୦ ଟଙ୍କା କୃଷକ ମାନଙ୍କୁ ପ୍ରଦାନ କରିବେ । ଏ ନେଇ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବରଗଡର ସୋହେଲା ଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ସହ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ



ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶିକ୍ଷ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି, ସୁଶ୍ରୀ ଲିଲିତା ଦାସ, ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ପ୍ରମୁଖ ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ସହାୟକ ଅର୍ଥ ରାଶି କେନ୍ଦ୍ରାପଡା ଜିଲ୍ଲାର ୪୦,୦୦୦ରୁ ଉର୍ଦ୍ଧ୍ୱ ଚାଷୀ ପରିବାରଙ୍କୁ ମିଳିବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ ଗୋଟି ବ୍ଲକର ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କର ସମାଗମ ହୋଇଥିଲା । ଏଥିରେ ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ସମବାୟ ସମିତି ସମୂହର ବରିଷ୍ଠ ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡା ମଞ୍ଚ ପରିଚାଳନା କରିଥିଲେ । ଉପ-ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉପସ୍ଥିତ ସମସ୍ତ ଚାଷୀ, ଗଣମାଧମ ପ୍ରତିନିଧି, ବିଭିନ୍ନ ବିଭାଗର ପଦାଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ନବନିର୍ବାଚିତ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ଶପଥପାଠ ଉତ୍ସବ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଉପଖଣ୍ଡ କ୍ରୀଡା ସଂଘ ବାଲିଗୁଡାର ନବନିର୍ବାଚିତ କର୍ମକର୍ତ୍ତା ଓ ସଭ୍ୟମାନଙ୍କ ଶପଥପାଠ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମିନିଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମିର ନାୟକ ଜିଲ୍ଲା କ୍ରୀଡା ଅଧିକାରୀ ଯୋଗଦେଇଥିଲେ ଏବଂ ନବନିର୍ବାଚିତ କର୍ମକର୍ତ୍ତାଙ୍କର ଶପଥ ପାଠ କରାଇଥିଲେ । ଉପଦେଷ୍ଟା ଭାବେ ସେକ୍‌ସାଦିକ, ଦେବବ୍ରତ ସିଂଦେଓ ଓ ସୁରେନ୍ଦ୍ର ପାତ୍ର, ସମ୍ପାଦକ ଡ. ଶୁଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ରଂଜିତ କୁମାର ମହାନ୍ତୀ, ଆୟୋଜକ ଉପଦେଷ୍ଟା ପରିଷଦ ଭାବେ ଶୁଧାଂଶୁ ଶେଖର ପାଳ, ଏଲିଆସ ଦିଗାଳ, ଶ୍ୟାମ ସୁନ୍ଦର ଦାସ, ସୁବାଷ କହଁର କ୍ରୀଡା ସମ୍ପାଦକ ଏ ଶ୍ରୀନିବାସ ଦୋରା ଓ ଶିବାନନ୍ଦ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣି ସମିତିର ସଭ୍ୟ ଭାବେ ପ୍ରଶାନ୍ତ କୁମାର ସାହୁ, ରଂଜନ ନାୟକ, ସମିର ପଟ୍ଟନାୟକ, ସୁଜିତ କୁମାର ପାଳ, ରୁପକ ନାୟକ ନିର୍ବାଚିତ ହୋଇ ଶପଥ ପାଠ କରିଛନ୍ତି । କ୍ରୀଡାଙ୍ଗନର ଭିତ୍ତି ଭୂମି ବିକାଶ ନିମନ୍ତେ ଜିଲ୍ଲାକ୍ରୀଡା ଅଧିକାରୀ ଗୁରୁତ୍ୱ ଦେବା ପାଇଁ କହିଛନ୍ତି । ଟେନିଶ ବଲ୍ କ୍ରିକେଟ ଦଳର କୃତି ଖେଳାଳି ଓ ବଲ୍‌ବେଡମିଣ୍ଟନ ବିଜେତା ଦଳକୁ ସମ୍ବର୍ଦ୍ଧନା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡ କ୍ରୀଡା ସଂଘର ସମସ୍ତ ସଦସ୍ୟ ଓ ଖେଳାଳି ମାନେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଫେବୃୟାରୀ ୫ରୁ ବୁଦ୍ଧଖୋଲ ମହୋତ୍ସବ

**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ରରେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସଭାପତି ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟଗଣ ଉପସ୍ଥିତ ରହିଥିଲେ । ଏହି ବୈଠକ ଅବସରରେ ଆସନ୍ତା ବର୍ଷ ଫେବୃୟାରୀ ମାସ ୫, ୬ ଓ ୭ ତାରିଖ ତିନିଦିନ ଧରି ବୁଦ୍ଧଖୋଲ ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏଥି ସହ ପରବର୍ତ୍ତୀ ବୈଠକରେ ଉକ୍ତ ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯିବ ବୋଲି ସ୍ଥିର କରାଯାଇଥିଲା ।

# ଏନ୍.ଜେ.ଡବ୍ଲୁ ଏବଂ ଶୁଦ୍ଧାନନ୍ଦ ସ୍କାଉଟ୍ ଟ୍ରୁପ୍ ପକ୍ଷରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଅଭିଯାନ ଉଦ୍‌ଘାଟିତ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଶୁଦ୍ଧାନନ୍ଦ ବିଦ୍ୟାଳୟ ପ୍ରାଙ୍ଗଣରେ ଏନ୍.ଜେ.ଡବ୍ଲୁ (ଓପନ୍) ୟୁନିଟ୍, ଜଗତସିଂହପୁର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡସ୍ ଓ ଶୁଦ୍ଧାନନ୍ଦ ସ୍କାଉଟ୍ ଟ୍ରୁପ୍‌ର ମିଳିତ ଉଦ୍ୟମରେ ଏକ ସପ୍ତାହ ବ୍ୟାପି ବିଶ୍ୱ ହସ୍ତ ପ୍ରକ୍ଷାଳନ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସ୍କାଉଟ୍ ମାନଙ୍କୁ ସଚେତନ କରିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶୁଦ୍ଧାନନ୍ଦ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ୍ ସ୍ୱାଇଁ ସଭାପତିତ୍ୱ କରିଥିଲେ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ରହି ସ୍କାଉଟ୍ ମାନଙ୍କୁ ହାତ ଧୁଆର ଆବଶ୍ୟକତା ଉପରେ ସଚେତନ କରାଇଥିଲେ । ଏହି ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ୟୁନିଟ୍ ଲିଡର ବିଜୟ କୁମାର ରଥ, ବିଦ୍ୟାଳୟର ପ୍ରଶାସନ ଅଧିକାରୀ ଜଦୁ ନାଥ ଦାସ, ସ୍କାଉଟ୍‌ର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ତଥା ହାତଧୋଇବା ବାବଦରେ ସଚେତନ କରିବା ପାଇଁ ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ ଦ୍ୱାରା ମନୋନୀତ ଜଗତସିଂହପୁର ଜିଲ୍ଲା ସଂଯୋଜକ ଅମୂଲ୍ୟ କୁମାର ମିଶ୍ର, ଜିଲ୍ଲା ସଂଗଠନ କମିଶନର ପ୍ରତାପ ଚନ୍ଦ୍ର ରାତରାୟ, ଜିଲ୍ଲା ରେଡକ୍ରସ୍ ସାଧନକର୍ମୀ ଚନ୍ଦନ କୁମାର ବେହେରା, ଏନ୍.ଜେ.ଡବ୍ଲୁ ରୋଭର୍ ୟୁନିଟ୍‌ର ଭାରପ୍ରାପ୍ତ ରୋଭର୍ ଲିଡର ତଥା ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର୍ ଆଶୁତୋଷ ପଣ୍ଡା, ବିଦ୍ୟାଳୟର ଇଂରାଜୀ ଶିକ୍ଷକ ରାକେଶ ରୋଷନ୍ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ରେଡକ୍ରସ୍‌ର ଜିଲ୍ଲା ସାଧନକର୍ମୀ ଶ୍ରୀ ବେହେରା ଏବଂ ଜିଲ୍ଲା ସଂଯୋଜକ ଶ୍ରୀ ମିଶ୍ର ପିଲାମାନଙ୍କୁ କିପରି ଦଶଟି ସୋପାନରେ ହାତ ଧୋଇବାକୁ ପଡେ ବୁଝାଇ ଦେଇଥିଲେ । ଏହା ପରେ ସ୍କାଉଟ୍ ଓ ରୋଭର୍ ମାନଙ୍କ ଦ୍ୱାରା ମଧ୍ୟ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ସ୍କାଉଟ୍‌ମାନେ ଲୋକମାନଙ୍କ ମଧ୍ୟରେ ସଚେତନତା ଜାଗରଣ କରିବା ପାଇଁ ନାନା ପ୍ରକାର ସ୍ଲୋଗାନ୍ ଦେଇଥିଲେ । ପରିଶେଷରେ ସମସ୍ତ ସ୍କାଉଟ୍ ଓ ରୋଭର ମାନେ ନିଜ ଅଞ୍ଚଳରେ ତଥା ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ହାତ ଧୋଇବାର ଗୁରୁତ୍ୱ ବିଷୟରେ ସଚେତନ କରାଇବାର ପ୍ରତିଜ୍ଞା ନେଇଥିଲେ । ଏହି ଅଭିଯାନଟି ତା– ୦୮/୧୨/୨୪ ରୁ ଆରମ୍ଭ ହୋଇ ତା -୧୪/୧୨/୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କରାଯିବ ବୋଲି ଭାରପ୍ରାପ୍ତ ରୋଭର ଲିଡର ଆଶୁତୋଷ ପଣ୍ଡା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସିନିୟର୍ ରୋଭର ମେଟ୍ ସଂଗ୍ରାମ, କ୍ରାନ୍ତି, ସନ୍ତୋଷ, ଆକାଶ ଏବଂ ଶିକ୍ଷକ ସୁରେଶ ସେନ୍ ସହାୟତାର ହାତ ବଢ଼ାଇ ଥିଲେ । ସ୍ଥାନୀୟ ଅଞ୍ଚଳରେ ଏହି ମହତ୍ କାର୍ଯ୍ୟ ପାଇଁ ଲୋକମାନେ ମଧ୍ୟ ଏହି ସ୍କାଉଟ୍ ମାନଙ୍କ ପ୍ରଶଂସା କରିଥିଲେ ।




# ବିଶ୍ୱ ଭାରତୀରେ ଓଷ୍ଟାର ୪୧ ତମ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସଦର ବ୍ଲକ ଅନ୍ତର୍ଗତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ବିଦ୍ୟାଳୟ ଠାରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା)ର ସୋନପୁର ବ୍ଲକର ସଭାପତି ସୂର୍ଯ୍ୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଓଷ୍ଟାର ୪୧ ତମ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ସୁବର୍ଣ୍ଣପୁର ଜିଲ୍ଲା ଓଷ୍ଟାର ଯୁଗ୍ମ ସଂପାଦକ ଚନ୍ଦ୍ର ଶେଖର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସୋନପୁର ବ୍ଲକ ଓଷ୍ଟାର ସଂପାଦକ ସଂଗ୍ରାମ ମିଶ୍ର, ତରଭା ବ୍ଲକ ସଂପାଦକ ବିଜୟ କୁମାର ପଣ୍ଡା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ପାଠ ପଢା ସହିତ ଭବିଷ୍ୟତରେ ନିଜର ଜୀବନରେ କିପରି ଭାବରେ ସଫଳତା ହାସଲ କରିବେ ସେ ବିଷୟରେ ବୁଝାଇଥିଲେ । ଏହି ଉତ୍ସବରେ ସୋନପୁର ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୦ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ଅନୁଷ୍ଠିତ ହୋଇଥିବା ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ଯାପନୀ ସମାରୋହରେ ପୁରସ୍କୃତ କରାଯାଇ ଜିଲ୍ଲା ସ୍ତରକୁ ଉତ୍ତୀର୍ଣ୍ଣ କରାଗଲା । ସେହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ବିଦ୍ୟାଳୟ ନିକଟସ୍ଥ ସୁକାନ୍ତି ଆନ୍ତର୍ଜାତିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟ ଓଷ୍ଟାର ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା ଯୋଗଦାନ କରି ଜୀବନରେ କେବେ ବି ହାର୍ ମାନିବ ନାହିଁ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଆରମ୍ଭରୁ ଶେଷ ଯାଏଁ ସଭାକୁ ସଂଯୋଜନା କରିଥିଲେ ବିଶ୍ୱ ଭାରତୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ ଏବଂ ସଭା ପରିଶେଷରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଲୋକନାଥ ଠେଲା ସମସ୍ତ ଅତିଥି ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ବିଶିଷ୍ଟ ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

**ନେମାଳ, ନ୍ୟୁଜ୍**

କଟକ ଜିଲ୍ଲା ନେମାଳର ବିଶିଷ୍ଟ ସଂଗଠକ, ସମାଜସେବୀ ସ୍ୱର୍ଗତ ବଳରାମ ପତିଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ପତିଙ୍କର ଆଦର୍ଶ ଗଠନ ମୂଳକ କାର୍ଯ୍ୟକ୍ରମ ଓ ଗୁଣାବଳୀ ଉପରେ ସ୍ମୃତିଚାରଣ କରିଥିଲେ । ସଭାରେ ମହନ୍ତ ଗଗନାନନ୍ଦ ଗୋସ୍ୱାମୀ, ଶିକ୍ଷାବିତ୍ ବଟକୃଷ୍ଣ ସ୍ୱାଇଁ, ଆଇନ୍‌ଜୀବୀ ନାରାୟଣ ଦ୍ୱିବେଦୀ, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ରାମଚନ୍ଦ୍ର ଗୋଛୟତ, ରମାକାନ୍ତ ବେହେରା, ପ୍ରଶାନ୍ତ ଜେନା, ବରିଷ୍ଠ ସାମ୍ବାଦିକ ଅଭୟ ଜେନା, ପ୍ରଫୁଲ୍ଲ ଦାଶ, କ୍ଷମାନିଧି ପୂଜାରୀ, ରତ୍ନାକର ବାରିକ, ବିନୟ ଦାସ, ଅମିତାଭ ମହାପାତ୍ର, ଅକ୍ଷୟ ଦାଶ, ଆଡ଼ଭୋକେଟ୍ ଅମରେନ୍ଦ୍ର ଦାସ, ସାଲେପୁର ସାମ୍ବାଦିକ ଅକ୍ଷୟକୁମାର ଦାଶ, ଯୁବନେତା ଆକାଶ ଭୂୟାଁ, ପୁଷ୍ପିତା ପଣ୍ଡା, ଯୁଗଳ କିଶୋର ଷଡ଼ଙ୍ଗୀ, ବିଷ୍ଣୁ ଚରଣ ମିଶ୍ର ପ୍ରମୁଖ ବହୁବ୍ୟକ୍ତି ସ୍ୱର୍ଗତ ପତିଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ପତିଙ୍କ ପୁତ୍ର ବିଶ୍ୱ ରଞ୍ଜନ ପତି ଓ ଜ୍ୱାଇଁ ଚନ୍ଦ୍ର ଶେଖର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୀଳାଚଳ ଇସ୍ପାତ ନିଗମ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଆଦିବାସୀ ପିଲାଙ୍କୁ ଚିତ୍ରାଙ୍କନ ସାମଗ୍ରୀ ବଣ୍ଟନ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ଟିମ୍ ଦ୍ୱାରା ଶାଳୀଜଙ୍ଗା ପଞ୍ଚାୟତ ବଜରପଲି ଗ୍ରାମର ଟିଏସ୍ଏଫ୍ ଆଦିବାସୀ ଭାଷା କେନ୍ଦ୍ରରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଦିବାସୀ ଭାଷା ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରିଥିଲା । ଏନ୍‌ଆଇଏନ୍‌ଏଲ୍‌ର ସ୍ୱେଚ୍ଛାସେବୀମାନେ ଆଦିବାସୀ ଭାଷା କ୍ଲାସ୍‌ର ପିଲାମାନଙ୍କ ସହିତ ଓଲଚିକି ଏବଂ ବାରଙ୍ଗ ଚିଟି ଭାଷା ବିଷୟରେ ଆଲୋଚନା କରିଥିଲେ । ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ପିଲାମାନଙ୍କୁ ଚିତ୍ରାଙ୍କନ ଖାତା ଏବଂ ବିଭିନ୍ନ ରଙ୍ଗର ପେନ୍‌ସିଲ୍ ପ୍ରଦାନ କରି ସୌରା ଚିତ୍ରକଳା ତିଆରି କରିବାକୁ ଉତ୍ସାହିତ କରିଥିଲେ । ଏହାବ୍ୟତୀତ ପିଲାମାନଙ୍କୁ ନୋଟ୍ ବୁକ୍ ଓ ଜଳଖିଆ ଆଦି ପ୍ରଦାନ କରାଯାଇଥିଲା । ପିଲାମାନେ ବେଶ୍ ଉତ୍ସାହିତ ହୋଇ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ ନେଇ ଧାରଣା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁ ଠାରେ ସକାଳ ୮ଟାରୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜନଆନ୍ଦୋଳନ ଆରମ୍ଭ ହୋଇଛି । ବ୍ରାହ୍ମଣୀ ସେତୁ ନିକଟରେ ଏହି ଧାରଣାରେ ଆନ୍ଦୋଳନରେ ୧୧ଟି ବିଭିନ୍ନ ସଂଗଠନ ଓ ସ୍ଥାନୀୟ ଜନ ସାଧାରଣ ସାମିଲ୍ ହୋଇଛନ୍ତି । ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ଏହି ୪୦କିମି ରାସ୍ତା ନିର୍ମାଣ ୮ ବର୍ଷ ତଳୁ ଆରମ୍ଭ ହୋଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳାରୁ ରାସ୍ତା ସମ୍ପୂର୍ଣ୍ଣ ହୋଇନାହିଁ । ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଲାଣି । ପୂର୍ବରୁ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବୀରେନ୍ଦ୍ର ସିଂ, ଯାଜପୁର ଜିଲ୍ଲାପାଳ, ଏସ୍‌ପି, ଧର୍ମଶାଳା, ବଡ଼ଚଣା, ସୁକିନ୍ଦା ବିଧାୟକଙ୍କୁ ନିର୍ମାଣରେ ଅହେତୁକ ବିଳମ୍ବ ପାଇଁ ଲିଖିତ ଭାବେ ଜଣାଇଥିଲେ । ଗଣମାଧମ ପ୍ରତିନିଧି ଓ ବିଭିନ୍ନ ଫୋରମ୍ ପକ୍ଷରୁ ପୂର୍ବରୁ ମଧ୍ୟ ଅଭିଯୋଗ ହୋଇ ଆସୁଥିଲା । ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ବହୁ ମୂଲ୍ୟବାନ ଜୀବନ ଯାଉଥିବାବେଳେ ବହୁଯାତ୍ରୀ ପଙ୍ଗୁ ହେଲେଣି । ନିର୍ମାଣ ହେଉଥିବା ୨ୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆରମ୍ଭ ହୋଇ ବନ୍ଦ ରହିଛି । ଲିଖିତ ପ୍ରତିଶ୍ରୁତି ନପାଇଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମଞ୍ଚର ଆବାହକ ସରୋଜକାନ୍ତ ବେହେରା ସୂଚନା ଦେଇଛନ୍ତି ।

# ଓଡ଼ିଶା ମିନି ଟ୍ରକ୍ ମାଲିକ ସଂଘର ୯ ଦଫା ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମିନିଟ୍ରକ୍ ମାଲିକ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ନଅ ଦଫା ଦାବିପତ୍ର ଦିଆଯାଇଛି । ସଂଘର ସମ୍ପାଦକ ସୁଶାନ୍ତ କୁମାର ରଣା କହିଛନ୍ତି ଯେ କୋଭିଡ ପରି ମହାମାରୀରେ ସବୁଠି ଚକ ଅଖ ବନ୍ଦ ପଡ଼ିଥିବା ବେଳେ ଜୀବନକୁ ବାଜି ଲଗାଇ ସଂଘ ସେବା ପ୍ରଦାନ କରିଆସିଛି । ଛୋଟବଡ଼ ବାତ୍ୟା ହେଉ ଅବା ବନ୍ୟା ସରକାରଙ୍କ ନିୟମ ମାନି ପ୍ରତି ଗଳିକନ୍ଦିରେ କାର୍ଯ୍ୟ କରିଛି । ଏହା ସତ୍ତ୍ୱେ ଅନେକ ସମୟରେ ଟ୍ରକ୍ ମାଲିକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦି ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇଲେ ଆଇନ୍ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ ଦିଆଯାଉ । କିନ୍ତୁ ଡ୍ରାଇଭରକୁ ଛାଡ଼ି ଗାଡ଼ିକୁ ଜବତ କରାଯାଉଛି । ଏହା ବନ୍ଦ କରାଯାଉ । ଅନ୍ୟ ରାଜ୍ୟର ଗାଡ଼ିଗୁଡିକ ଓଡ଼ିଶାକୁ ଆସି ବେଆଇନ୍ କାମ କରୁଛନ୍ତି । ସେମାନଙ୍କୁ ବ୍ୟାନ୍ କରାଯାଉ । ରାଜ୍ୟରେ ଗାଡ଼ିମାନଙ୍କ ଠାରୁ ଆଦାୟ କରାଯାଉଥିବା ଚାନ୍ଦା ବା ବଟି ବନ୍ଦ କରାଯାଉ । ଜାତୀୟ ରାଜପଥରେ ଲେନ୍ ଡ୍ରାଇଭିଂକୁ କଡ଼ାକଡ଼ି କରାଯାଉ । ଅନେକ ସମୟରେ ଜିନିଷପତ୍ର ଲୋଡିଂ ଅନ୍‌ଲୋଡିଂ ପାଇଁ ଗାଡି ମାଲିକଙ୍କୁ ହାତରୁ ଖର୍ଚ୍ଚ କରିବାକୁ ପଡୁଛି, ତାହା ବନ୍ଦ ହେବା ଆବଶ୍ୟକ । କିଛି ସ୍ଥାନରେ ଗାଡ଼ିର ସାମୂହିକ ରହଣି ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରିତ ହେଲେ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ଶ୍ରୀ ରଣା ତାଙ୍କ ଦାବିରେ କହିଛନ୍ତି ।

# ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ଜାତୀୟ ସମ୍ମିଳନୀ:ଗାନ୍ଧୀନୀତି ଓ ଯୁବଶକ୍ତି ସମାରୋହ ଉଦ୍‌ଯାପିତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସେବା, ସମର୍ପଣ, ତିତିକ୍ଷା ଓ ପ୍ରତିବଦ୍ଧତାର ପ୍ରତୀକ ମା' ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ଅବସରରେ ସ୍ୱାଧୀନତା ସଂଗ୍ରାମର ଅନ୍ତର୍ଦ୍ଦିଶାଳ ଅଳକାଶ୍ରମ ଆନୁକୂଲ୍ୟରେ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଓ ଗୌରାଙ୍ଗ ଚରଣ ହୋତାଙ୍କ ଅଧକ୍ଷତାରେ ଜାତୀୟ ସମ୍ମିଳନୀ :ଗାନ୍ଧୀ ନୀତି ଓ ଯୁବଶକ୍ତି କାର୍ଯ୍ୟକ୍ରମ ମହାସମାରୋହରେ ଆଦିକବି ସାରଳାଦାସ ସଂସ୍କୃତି ଭବନ, ଜଗତସିଂହପୁରରେ ଉଦ୍‌ଯାପିତ ହୋଇଯାଇଛି । ଏହାର ସମାପନ ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ହରିଜନ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ପ୍ରଫେସର ଶଙ୍କର କୁମାର ସାନ୍ୟାଲ୍ କହିଛନ୍ତି "ପୂର୍ବ ଭାରତର ସାବରମତୀ ଭାବେ ଖ୍ୟାତ ଶତାୟୁ ଅଳକା ଆଶ୍ରମର ଅନନ୍ୟ ତ୍ୟାଗ ଓ ସମର୍ପଣର କାହାଣୀକୁ ଜାତୀୟ ସ୍ତରରେ ଉପସ୍ଥାପନ କରିବାକୁ ହରିଜନ ସେବକ ସଂଘ ପ୍ରୟାସ କରିବ" । ଅନ୍ୟମାନଙ୍କ ମଧ୍ୟରେ ହରିଜନ ସେବକ ସଂଘର ଉପସଭାପତି ପୂର୍ବତନ ସାଂସଦ ନରେଶ ଯାଦବ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଓ ରମାଦେବୀଙ୍କ



ଜୀବନ ଆଦର୍ଶ ସର୍ବ ଭାରତୀୟ ସ୍ତରରେ ସର୍ବଦା ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ରହିବ ବୋଲି ମତ ରଖିଥିଲେ । ଏହି ସମାବର୍ତ୍ତନ ଉତ୍ସବରେ ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂ, ସହାୟକ ଜିଲ୍ଲାପାଳ କଳ୍ପିତା ଜେନା, ସମାଜସେବୀ ବିନାୟକ ପଟ୍ଟନାୟକ, ନେହେରୁ ଯୁବ କେନ୍ଦ୍ର ଯୁବ ଅଧିକାରୀ ନିଖିଳ କୋକୁଲା, ଗ୍ଲୋବାଲ ଗାନ୍ଧୀ ଫାଉଣ୍ଡେସନ୍‌ର ଅଧକ୍ଷ ମନୋଜ ଜେନା, ଅଳକା ଆଶ୍ରମର ଉପସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ, ଭଗବାନ ଦାସ, ପ୍ରଣବ ଦେ, ଶ୍ରୀ ସୋମ ଓ ଆବାହକ ଶ୍ରୀ ରାଉତ ଉପସ୍ଥିତ ଥିଲେ । ଏହି ଅବସରରେ ରମାଦେବୀଙ୍କ ସମର୍ପିତ ଜୀବନାଦର୍ଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ମହିଳା ବ୍ୟକ୍ତିତ୍ୱ ପୂର୍ବତନ ମହିଳା ଅଧକ୍ଷା ଲୋପମୁଦ୍ରା ମହାନ୍ତି, ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଡଃ ଅରୁନ୍ଧତୀ ଦେବୀ, କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀ ଟ୍ରଷ୍ଟର ଉପାଧକ୍ଷା ଗାୟତ୍ରୀ ଦାସ, ଗାନ୍ଧୀ ଅନୁଗାମୀ ଡଃ ରିନା ରାଉତରାୟ, ସମାଜସେବୀ ଡଃ ବାସନ୍ତୀ ମହାନ୍ତି ଓ ଅନିନ୍ଦିକା ସାମନ୍ତ ରାୟଙ୍କୁ ଅଳକା ଆଶ୍ରମ ତରଫରୁ ରମାଦେବୀ ସ୍ମାରକୀ କୃତଜ୍ଞତା ପତ୍ର ପ୍ରଦାନ କରାଯାଇଥିଲା । ସମଗ୍ର ଜିଲ୍ଲାରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରମାଦେବୀଙ୍କ ଉପରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପୂର୍ବରୁ ରମାଦେବୀଙ୍କ ସ୍ମୃତିଚାରଣ କରି କବୟତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ ଏକ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଗାନ୍ଧୀ ନୀତିରେ ନାରୀ ସଶକ୍ତିକରଣ ଓ ରମାଦେବୀଙ୍କ ଅବଦାନ ଶୀର୍ଷକ ଆଲୋଚନା ଚକ୍ର ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଉପରୋକ୍ତ ସମସ୍ତ ବ୍ୟକ୍ତିତ୍ୱ ନିଜର ଦୃଷ୍ଟି ଭଙ୍ଗୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଭାଷ ଚନ୍ଦ୍ର ରାଉତ, ଜିତୁ ପ୍ରସାଦ ମଲ୍ଲିକ, ଡଃ ଜଗତାନନ୍ଦ ଏବଂ ସୁଭାଙ୍ଗୀ ମଧୁସ୍ମିତା ପରିଚାଳନା କରିଥିଲେ । ପ୍ରଥମ ଥର ପାଇଁ ଜାତୀୟ ସ୍ତରର ବ୍ୟକ୍ତିତ୍ୱଙ୍କୁ ନେଇ ଏହି ଜାତୀୟ ସମ୍ମିଳନରେ ଶହ ଶହ ଛାତ୍ରଛାତ୍ରୀ ଭାଗନେଇ ଏପରି ସୁଯୋଗ ପାଇଥିବାରୁ କୃତଜ୍ଞତା ଜଣାଇଛନ୍ତି । ଏହି ଦୁଇ ଦିନିଆ ସମ୍ମିଳନୀକୁ ଅଳକା ଆଶ୍ରମର କର୍ମକର୍ତ୍ତାମାନେ ସୁଚାରୁ ରୂପରେ ପରିଚାଳନା କରିଥିଲେ । ସେମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ପ୍ରଧାନ, ବିଜୟ କୁମାର ରଥ, ନିରଞ୍ଜନ ବିଶ୍ୱାଳ, ଅମୂଲ୍ୟ କୁମାର ମିଶ୍ର, ସ୍ମୃତି ରଞ୍ଜନ ପରିଡା, ସରୋଜିନୀ ମିଶ୍ର, ରାଜଶ୍ରୀ ସ୍ୱାଇଁ, ନଗେନ୍ଦ୍ର ନାଥ ସ୍ୱାଇଁ, ସ୍ନେହମୟୀ ଆଚାର୍ଯ୍ୟ, ରୁନୁବାଳା ମଲିକ, ସୁରେଶ କୁମାର ପ୍ରଧାନ, ପ୍ରକାଶ ରଞ୍ଜନ ଦାସ, ଅତୁଲବିକ୍ରମ ପ୍ରଧାନ, ନିକୁଞ୍ଜ କିଶୋର ବେହେରା, ସରିତ ମହାପାତ୍ର, ନିରଞ୍ଜନ ମହାନ୍ତି, ବସନ୍ତ ମଞ୍ଜରୀ ଦାସ, ଆଲୋକ ରଞ୍ଜନ ଦାସ, ରଞ୍ଜନ କୁମାର ବେହୁରା, ଶରତ କୁମାର ବେହୁରା, ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଯଯାତି କେଶରୀ ସାମନ୍ତରାୟ, ଅଜୟ ଗୋଛାୟାତ, ସୋମନାଥ ମହାରଣା, ରମେଶ ବହିରା, ଉତ୍କଳ ରଞ୍ଜନ ମହାନ୍ତି, ମମତା ମଞ୍ଜରୀ ମହାନ୍ତି, ଲୋଚଣି ଦେଇ, ଆଶ୍ରମବାଳା ଦୁବେ, ଈଶ୍ୱର ଚନ୍ଦ୍ର ନନ୍ଦ ପ୍ରମୁଖ ଅଛନ୍ତି ।





# ମେଡ଼ିକାଲ୍‌ରେ ଚାକିରି କରାଇଦେବାକୁ କହି ୧୧ଲକ୍ଷ ଟଙ୍କା ଠକି ନେଲେ:ଦୁଇ ଭାଇ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ସରକାରୀ ମେଡିକାଲ୍ ଗୁଡିକରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ । ଏହି ଘଟଣାରେ କଟକ ମଙ୍ଗଳାବାଗ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ତେବେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ଭାଇ ଅର୍ଜିତ ମହାନ୍ତି ଏବଂ ଅର୍ପିତ୍ ମହାନ୍ତି କେବଳ ଚାକିରି କରାଇ ଦେବା କହି ଲୋକଙ୍କ ଠାରୁ ଟଙ୍କା ଠକି ନାହାଁନ୍ତି ବରଂ ଅର୍ଥ କାରବାର କରି ଅନେକ ଅଯୋଗ୍ୟ ଲୋକଙ୍କୁ ଚାକିରି ମଧ୍ୟ କରାଇ ଦେଇଛନ୍ତି । ପ୍ରାଥମିକ ତଦନ୍ତରୁ ପୋଲିସ ଏହାର ସୁରାକ୍ ପାଇଥିବା ବେଳେ ଖୁବ୍‌ଶୀଘ୍ର ଏକ ବଡ ଖୁଲାସା କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ସେହିପରି ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥାଇ ଯୁବକ ଯୁବତୀଙ୍କୁ



ଏସ୍‌ସିବିର ନିଯୁକ୍ତି ଦିଆଯିବା ସହ ଅଷ୍ଟମ ପାସ୍ କରିଥିବା ଯୁବକଙ୍କୁ ଲ୍ୟାବ୍ ଟେକ୍‌ନିସିଆନ୍ ପଦବୀ ମିଳିଥିବା ଅଭିଯୋଗ ମଧ୍ୟ ଆସିଛି । ଏହି ଘଟଣା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ । ସେ କହିଛନ୍ତି, ଏନେଇ ନିର୍ଦ୍ଦିଷ୍ଟ ଭାବରେ କୌଣସି ଅଭିଯୋଗ ଆସିନାହିଁ, ଯଦି ଆସେ ତାର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଜ୍ୟ ବିଭିନ୍ନ ମେଡିକାଲର ବିଭିନ୍ନ ପଦବୀ ପାଇଁ ବିକ୍ରି ହେଉଛି ଚାକିରି । ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବର୍ଗରେ ଆସୁଥିବା ଆଟେଣ୍ଡାଣ୍ଟ, ସୁରକ୍ଷାକର୍ମୀ, ସଫେଇ କର୍ମୀ, ଲିଫ୍ଟ ଅପରେଟରର ପଦରେ ଚାକିରି ପାଇଁ ୩୦ ହଜାର ଟଙ୍କା । ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ବର୍ଗରେ ଆସୁଥିବା ଡାଟା ଏଣ୍ଟ୍ରି ଅପରେଟରର ପଦ ପାଇଁ ୨ ଲକ୍ଷ, ଲ୍ୟାବ୍ ଟେକ୍ନିସିଆନ୍ ଓ ନର୍ସିଂ ଅଫିସର ପାଇଁ ୫ରୁ ୧୦ ଲକ୍ଷ ଟଙ୍କା ଏବଂ ଟଙ୍କା ଦେବା ପରେ ମିଳୁଛି ନିଯୁକ୍ତି ପତ୍ର ଯେଉଁଥିରେ କି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଠାରୁ ଆରମ୍ଭ କରି ଏସ୍‌ସିବି ମେଡିକାଲ୍ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଭଳି ଅନେକ ବିଭାଗର ସିଲ୍ ସହିତ ଅଧିକାରୀ ଓ ଡାକ୍ତରମାନଙ୍କର ଜାଲ୍ ଦସ୍ତଖତ ମଧ୍ୟ ରହିଛି କିନ୍ତୁ ଅସଲି ଭଳି ଦିଶୁଥିବା ଏହି ନିଯୁକ୍ତି ପତ୍ର ଗୁଡ଼ିକ ଦସ୍ତାବିଜ୍ ନକଲି ।

# ମହିଳା ଓ ବାଳିକା ହିଂସା ବନ୍ଦ ପାଇଁ ଗୁରୁତ୍ୱ




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ମହିଳାମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟରତ ୱାନ୍ ଷ୍ଟପ୍ ସେଣ୍ଟର (ସଖୀ) ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହାୟତାରେ ଷୋହଳ ଦିବସୀୟ ମହିଳା ହିଂସା ବିରୋଧୀ ସଚେତନତା ଅଭିଯାନ ଆରମ୍ଭ ହୋଇ ବିଭିନ୍ନ ଆଇସିଡିଏସ୍ ପ୍ରୋଜେକ୍ଟ, ବ୍ଲକ ଅଫିସ, ଅଙ୍ଗନବାଡି ସେଣ୍ଟର୍, ବିଭିନ୍ନ ସ୍କୁଲ, ଶକ୍ତି ସଦନ, ଗୃହ ଏବଂ ସଖୀ ଅଫିସରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରାଯାଇଥିଲା । ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା । ଏହି ପକ୍ଷର ଉଦ୍‌ଯାପନୀ ଉତ୍ସବ ଜିଲ୍ଲା ମିଶନ ଶକ୍ତି ଭବନରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉ ପଟ୍ଟନାୟକ ଲିଙ୍ଗ ଭିତ୍ତିକ ହିଂସା ଘରୋଇ ହିଂସା, କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ଓ ତାହାର ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ବାଲ୍ୟ ବିବାହ, ଶିଶୁ ଶ୍ରମିକ ୧୦୯୮ ଚାଇଲ୍ଡ ଲାଇନ୍ ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଆଇନଜୀବୀ ଅଖିଳ ମୋହନ ଦାସ ନାରୀ ସୁରକ୍ଷାର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିରେ ସିଡିପିଓ ମାନେ, ଲେଡୀ ସୁପରଭାଇଜର ମାନେ, ଅଙ୍ଗନବାଡି କର୍ମୀ କିଶୋର ବାଳକ ଏବଂ ବାଳିକା, ଶକ୍ତି ସଦନ କର୍ମଚାରୀ ଯୋଗଦେଇଥିଲେ । ଦଶରଥପୁର ବ୍ଲକ, ବିରଜାପୁର ପଞ୍ଚାୟତର ସରପଞ୍ଚ ନିରାକାର ସାହୁଙ୍କୁ ସମାଜ କଲ୍ୟାଣ ଓ ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ କ୍ଷେତ୍ରରେ ଅବଦାନ ନିମନ୍ତେ ଜିଲ୍ଲା ସମାଜ ମଙ୍ଗଳ ତରଫରୁ ସମ୍ମାନିତ କରାଯାଇଥିଲା । ଏଥିରେ ନିବେଦିତା ଶରଣ (କେନ୍ଦ୍ର ପରିଚାଳିକା, ସଖୀ), ଯାଜପୁର ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ସଂଯୋଜିକା ଆଲ୍‌ବନ୍ ଏଡ଼ ରୋଜାଲିନ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାନୁଆରୀ ୧୩ରୁ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା 'କୋଶମ-୨୦୨୫'

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା କୋଶମ୍-୨୦୨୫ ଆଗାମୀ ଜାନୁଆରୀ ୧୩ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ସ୍ଥାନୀୟ ପୋଲିସ ଲାଇନ୍ ପଡିଆରେ ଆୟୋଜିତ ହେବାକୁ ଯାଉଛି ଏଥି ନିମନ୍ତେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଭାଗ ନେଇ କୋଶମ ମେଳା ଆୟୋଜନର ସଫଳ ରୂପାୟନ ସଂପର୍କରେ ଆଲୋଚନା ତଥା ବିଭିନ୍ନ ଦିଗ ଉପରେ ମତାମତ ଓ ପ୍ରସ୍ତାବ ଜିଲ୍ଲାପାଳଙ୍କ ସମ୍ମୁଖରେ ରଖିଲେ ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ମଧ୍ୟ ମଞ୍ଚାସୀନ ଥିଲେ ଏହି ମେଳାରେ ବିଭିନ୍ନ ବିଭାଗର ପ୍ରାୟ ୨୫୦ ଷ୍ଟଲ ଖୋଲିବାର ବ୍ୟବସ୍ଥା କରାଯାଇଛି ପୂର୍ବାହ୍ନ ଏବଂ ଅପରାହ୍ନ ସମୟରେ ବିଭିନ୍ନ କର୍ମଶାଳା ମାନ ଆୟୋଜିତ ହେବ । ବିଭିନ୍ନ କୃଷିଜାତ, ଗ୍ରାମୀଣ, ହସ୍ତଶିଳ୍ପ, କୁଟୀର ଶିଳ୍ପ ଆଦି ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ ହେବ । ସନ୍ଧ୍ୟାରେ ସ୍ଥାନୀୟ, ଓଡ଼ିଶା, ତଥା ଜାତୀୟ ସ୍ତରର କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟୀର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ । ଜିଲ୍ଲା ସ୍ତରୀୟ ବିଭିନ୍ନ ସାଂସ୍କୃତିକ ଦଳମାନେ ମଧ୍ୟ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବେ । ପୁରସ୍କାର, ସମ୍ବର୍ଦ୍ଧନା, ସମ୍ମାନ ପ୍ରଦାନ ଆଦି ପର୍ବ ସହ କୃଷକ ଯନ୍ତ୍ରପାତି ମେଳା ମଧ୍ୟ ଏହି ଅବସରରେ ଆୟୋଜିତ ହେବ । ଡେପୁଟି ସିଇଓ, ଓର୍ମାସ୍ ଶାନ୍ତନୁ ବାନାର୍ଜୀ ଉକ୍ତ ବୈଠକର ପରିଚାଳନା କରିଥିଲେ । ଶେଷରେ ଜିଲ୍ଲାପାଳ ଶ୍ରୀ ବିକାଶ ଏହି ମେଳାର ସଫଳ ରୂପାୟନ ନିମନ୍ତେ ଆନ୍ତବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।




# ବାର୍ଷିକ ଖଣି ସୁରକ୍ଷା ସପ୍ତାହ ସମାରୋହ:ଜେଏସ୍‌ପି କାଶିଆ ଓ ଟେନ୍ସା ମାଇନ୍ସକୁ ୮ ପୁରସ୍କାର

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଖଣି ନିରାପତ୍ତା ମହା ନିର୍ଦ୍ଦେଶାଳୟ-ଡିଜିଏମ୍‌ଏସ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ-୨୦୨୪ର ପ୍ରି-ଫାଇନାଲ୍ ସମାରୋହରେ ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାରର କାଶିଆ ଆଇରନ୍ ଆଣ୍ଡ ଡୋଲାମାଇଟ୍ ଓ ଟେନ୍ସା ମାଇନ୍ସକୁ ବିଭିନ୍ନ ବର୍ଗରେ ୮ଟି ପୁରସ୍କାର ମିଳିଛି । ତାଲିମ, ସ୍ୱାସ୍ଥ୍ୟ, ସୁରକ୍ଷା, ଜନକଲ୍ୟାଣ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସବୁ ପୁରସ୍କାର ମିଳିଛି । ଯୋଡ଼ାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଶିଆ ମାଇନ୍ସକୁ ୫ଟି ବର୍ଗରେ ପୁରସ୍କାର ମିଳିଛି ତାଲିମ୍, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ କାଶିଆ ମାଇନ୍ସ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୋଷ୍ଠୀଗତ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଜିଭିଟିସି) ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦ୍ୱିତୀୟ ପୁରସ୍କାର, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ପାଇଁ ଦ୍ୱିତୀୟ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୃତୀୟ, ଜରୁରୀକାଳୀନ ପ୍ରସ୍ତୁତି ଓ ମକ୍‌ଡ୍ରିଲ୍ ପାଇଁ ତୃତୀୟ ପୁରସ୍କାର ମିଳିଛି । ସେହିପରି ଟେନ୍ସା ମାଇନ୍ସକୁ ମଧ୍ୟ ବିଭିନ୍ନ ବର୍ଗରେ ୩ଟି ପୁରସ୍କାର ମିଳିଛି । ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ ପ୍ରଥମ, ଖନନ, ବିସ୍ଫୋଟନ ଓ ସୁରକ୍ଷିତ ବାରୁଦ ପରିଚାଳନା ପାଇଁ ଦ୍ୱିତୀୟ ପୁରସ୍କାର ସହିତ ଅଭିନବୀକରଣ ଓ ଡିଜିଟାଲକରଣ ପାଇଁ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି । ଏହି ସଫଳତା ପାଇଁ କାଶିଆ ମାଇନ୍ସର ୟୁନିଟ୍ ମୁଖ୍ୟ ପ୍ରମୋଦ କୁମାର ପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପୁରସ୍କାର ଆମର ଦଳଗତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିବା ସହ ଏଥିରେ ସର୍ବୋଚ୍ଚ ନିରାପତ୍ତା ମାନକର ଅନୁପାଳନ, ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହନ ଓ ନିରନ୍ତର ଉନ୍ନତି ପାଇଁ ଚାଲିଥିବା ପ୍ରୟାସ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦ୍ୱାରା 'ବିଷ୍ଣୁକାନ୍ତ ଶାସ୍ତ୍ରୀ ରଚନା-ସଞ୍ଚୟନ' ପୁସ୍ତକ ଉନ୍ମୋଚିତ

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ମଙ୍ଗଳବାର ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିବା ମହାନ୍ ଶିକ୍ଷାବିତ୍ ତଥା ହିନ୍ଦୀ ସାହିତ୍ୟିକ ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ଉପରେ କେନ୍ଦ୍ରୀତ ପୁସ୍ତକ 'ବିଷ୍ଣୁକାନ୍ତ ଶାସ୍ତ୍ରୀ ରଚନା-ସଞ୍ଚୟନ' ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରସିଦ୍ଧ ଲେଖକ ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ମହାନ ବ୍ୟକ୍ତିତ୍ୱ ଓ ଚିନ୍ତାଧାରାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଦିଗରେ ସାହିତ୍ୟ ଏକାଡେମୀର ଏହି ପୁସ୍ତକ ଏକ ସାର୍ଥକ ପ୍ରୟାସ ଏବଂ ତାଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ଅଟେ । ଜଣେ ପ୍ରକୃତ ଦେଶଭକ୍ତ, କର୍ମଠ ନେତା ଏବଂ ଜଣେ ପ୍ରଖ୍ୟାତ ବିଦ୍ୱାନ୍ ଭାବରେ ବିଷ୍ଣୁକାନ୍ତ ଶାସ୍ତ୍ରୀ ଭାରତରେ ସାଂସ୍କୃତିକ ଜାତୀୟତାବାଦକୁ




ଦିଗ୍‌ଦର୍ଶନ ଦେଇଥିଲେ । ୩୦ ବର୍ଷ ପୂର୍ବେ ଆଦରଣୀୟ ଶାସ୍ତ୍ରୀଜୀଙ୍କ ମାର୍ଗଦର୍ଶନରେ ମୁଁ ଗଣତନ୍ତ୍ରର ମନ୍ଦିର 'ସଂସଦ'କୁ ଯାଇ ବିଭିନ୍ନ ରାଜନୈତିକ ପ୍ରସଙ୍ଗ ବୁଝିବାର ସୁଯୋଗ ପାଇଥିଲି, ଯାହା ମୋର ସୌଭାଗ୍ୟ ସେ ଜଣେ ଦେଶଭକ୍ତ ଭାବରେ ଶ୍ରୀରାମ ଜନ୍ମଭୂମି ଏବଂ ଧାରା ୩୭୦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭ କରି ବିଷ୍ଣୁକାନ୍ତ ଶାସ୍ତ୍ରୀଜୀଙ୍କ ପର୍ଯ୍ୟନ୍ତ, ଏହି ମହାନ ବ୍ୟକ୍ତିତ୍ୱମାନେ ଯେଉଁ ଭାରତୀୟତାର ମୂଳ ଉପରେ ଯୋର୍ ଦେଇଥିଲେ, ତାହାକୁ ସାକାର କରିବାର ମାର୍ଗ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ପ୍ରଣୟନ ହୋଇଥିବା 'ଜାତୀୟ ଶିକ୍ଷା ନୀତି -୨୦୨୦' ଅଟେ । ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ରଚନା-ସଞ୍ଚୟନ ପୁସ୍ତକ ଉନ୍ମୋଚନ ଅବସରରେ ପୁସ୍ତକକୁ ସମ୍ପାଦନ କରିଥିବା ଡ. ପ୍ରେମ ଶଙ୍କର ତ୍ରିପାଠୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀକୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

# ବୈଶିଙ୍ଗାରେ ଉଚ୍ଛେଦ ଦୋକାନୀମାନଙ୍କ ଥଇଥାନ ଦାବି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଏମ୍‌ଡିଆର୍ ୭୦ ପୂର୍ତ୍ତବିଭାଗ ରାସ୍ତାର ବୈଶିଙ୍ଗାରୁ ମାଣତ୍ରୀ ପର୍ଯ୍ୟନ୍ତ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି । ଫଳରେ ବୈଶିଙ୍ଗା ବଜାର ଅଞ୍ଚଳର ୨୬ଟି ଦୋକାନ ଘର ଉଚ୍ଛେଦ ପାଇଁ ନୋଟିସ୍ ଜାରି ସହିତ ଚିହ୍ନଟ କରାଯାଇଥିବାରୁ ଦୋକାନୀମାନେ ସ୍ୱତଃପ୍ରବୃତ୍ତ ଭାବରେ ଉନ୍ନୟନ କାର୍ଯ୍ୟକୁ ସମ୍ମାନ ଜଣାଇ ସ୍ଥାନ ଛାଡିଦେଇଛନ୍ତି । ୩୦/୩୫ ବର୍ଷ ଧରି ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଦାବି କରିଛନ୍ତି । ବିସ୍ଥାପିତ ଦୋକାନୀଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ବାରିପଦାରେ ଜିଲ୍ଲାପାଳଙ୍କୁ ଭେଟି ଥଇଥାନ ପାଇଁ ଗୁହାରି କରିଛନ୍ତି । ଡ୍ରେନେଜ ଓ ରାସ୍ତା ନିର୍ମାଣ ପାଇଁ ଦୋକାନ ଗୃହ ଖାଲି ନକଲେ ଭଙ୍ଗାଯିବ ବୋଲି ବେତନଟୀ ତହସିଲଦାର ନୋଟିସ୍ କରିଥିଲେ । ଦୋକାନରୁ ବ୍ୟବସାୟୀ ମାନେ ପରିବାର ପ୍ରତିପୋଷଣ କରୁଥିବାରୁ ଥଇଥାନ ନକରି ଉଚ୍ଛେଦ ଦ୍ୱାରା ଜୀବନ ଜୀବିକା ଉପରେ ଆଘାତ ପହଞ୍ଚିଛି ତେଣୁ ସମସ୍ୟାର ସମାଧାନ ପାଇଁ ଉଚ୍ଛେଦ ଦୋକାନୀଙ୍କ ଥଇଥାନ ନେଇ ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି । ପଞ୍ଚାୟତର ସରକାରୀ ଜାଗା ଥିବା ବେଳେ ମାର୍କେଟ୍ କମ୍ପ୍ଲେକ୍ସ ଗୃହ ନିର୍ମାଣ କରି ଏହି ଦୋକାନୀ ମାନଙ୍କୁ ଥଇଥାନ ପାଇଁ ସେମାନେ ଗୁହାରି ଜଣାଇଛନ୍ତି । ସୃଷ୍ଟିଧର ଦାସ, ସତ୍ୟବ୍ରତ ପଣ୍ଡା, ଲକ୍ଷ୍ମୀଧର ଦାସ, ଯୋଗେଶ୍ୱର ଦାସ, ଚକ୍ରଧର ସିଂ, ପ୍ରମୋଦ କୁମାର ଦାସ, ଶଶୀଧର ରଣା, ଅଜୟ ପାଣିଗ୍ରାହୀ ଓ କାର୍ତ୍ତିକ ଦାସ ସମେତ ବୈଶିଙ୍ଗା ବଜାର ବ୍ୟବସାୟୀ ସଂଘ, ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଉପସ୍ଥିତ ଥିଲେ ।



# 'ସୁସ୍ଥ ସମାଜ ଗଠନ ପାଇଁ ପ୍ରଦ୍ୟୁମ୍ନ ବଳଙ୍କ ଭଳି ଜନନାୟକ ଆବଶ୍ୟକ'

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

କଳୁଷିତ ସମାଜକୁ ଏକ ସୁସ୍ଥ ସମାଜ ଭାବରେ ଗଢ଼ି ତୋଳିବା ପାଇଁ ପ୍ରଦ୍ୟୁମ୍ନ ବଳଙ୍କ ପରି ଜନନାୟକଙ୍କର ଆବଶ୍ୟକତା ଅଛି ବୋଲି ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୬ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ଧାମନଗର ସ୍ଥିତ ସାଇ କଲ୍ୟାଣ ମଣ୍ଡପ ଠାରେ ପରିଷଦରେ ବାର୍ଷିକ ସମାରୋହ ସହିତ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୬ ତମ ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ମୁଖ୍ୟ ବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଶିକ୍ଷାବିତ ନିତ୍ୟାନନ୍ଦ ମିଶ୍ର, ଦୋବଲ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ ନିଗମାନନ୍ଦ ନାୟକ, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ପ୍ରତାପ ଦାସ, ଅଶୁରାଳୀ ବେଷ୍ଟର ଅଧ୍ୟକ୍ଷ ରବୀନ୍ଦ୍ର ଜେନା, କବି ଦୟାନିଧି ମିଶ୍ର




ପ୍ରମୁଖ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ମଧ୍ୟ ଅତିଥିମାନେ ମତବ୍ୟକ୍ତ କରିଥଲେ । ସୁଶିକ୍ଷୟତ୍ରି ତଥା ସଂଯୋଜିକା ନିରୁପମା ପତି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ । ପୂଜ୍ୟ ପୂଜା ପରିଷଦର ସଭାପତି ଦେବାଶିଷ ସାମଲ ସଭାପତିତ୍ୱ କରିଥିଲେ । ସ୍ମୃତି ପରିଷଦର ସଭାପତି ଚିତ୍ତ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଷଦର ଉପଦେଷ୍ଟା ରସାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଷଦର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ କବିତା ପାଠରେ କବି ଓ କବୟିତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ଧାମନଗର ତହସିଲଦାର ଦୀପକ ଦାସ, ସାମ୍ବାଦିକ କିଶାନ ରାଉତ, ଡ. ହରପ୍ରିୟା ସେଠୀ, ଶିକ୍ଷୟତ୍ରୀ ତଥା ସଂଯୋଜିକା ନିରୁପମା ପତି, ଶିକ୍ଷୟିତ୍ରୀ ସୁମତି ନାୟକ, ସମାଜସେବୀ ଡ. ଏମ୍ ଡି ଯାହିରି, ପ୍ରଧାନ ଶିକ୍ଷକ ଏମ୍ ଡି ହବିବୁଲ କରୀମ (ବିଜୁ ସାର), ଛାତ୍ରୀ ଅଲଉଇନି ମିରାକିଲ ନାୟକ, ସରପଞ୍ଚ ଅଜୟ କୁମାର ମଲ୍ଲିକ୍, ଅଶୋକ ପଣ୍ଡା, ସାମାଜିକ କର୍ମୀ ସେକ୍ ହମିଦି, ନୃତ୍ୟ ଶିଳ୍ପୀ ତଥା ଛାତ୍ରୀ ସୃଷ୍ଟି ଶିବାନି ସ୍ୱାଇଁ, ସାମ୍ବାଦିକ ଅଜିତି ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼ଚଣାରେ ଜନ ଅଭିଯୋଗ ଶୁଣାଣି:୧୫୧ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ୍ ୧୫୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯୯ ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଶିବାଶିଷ ମହାରଣା, ଉପ ଜିଲ୍ଲାପାଳ ଅଂଶୁମାନ ଶତପଥି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା, ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର, ବଡ଼ଚଣା, ମାନସ ରଞ୍ଜନ ତ୍ରିପାଠୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।




# ଲିଙ୍ଗ ଭିତ୍ତିକ ହିଂସା ବିରୁଦ୍ଧରେ ଜନ ସଚେତନତା

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପରିଷଦ, ଗଞ୍ଜାମର ଜଉଗଡ ସମ୍ମିଳନୀ କକ୍ଷ ଠାରେ ଲିଙ୍ଗ ଭିତ୍ତିକ ହିଂସା ବିରୁଦ୍ଧରେ ଜନସଚେତନତା ପାଇଁ ଷୋହଳ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଗତ ୨୫ ନଭେମ୍ବର ମହିଳା ହିଂସା ବିଲୋପ କାରିଣୀ ଦିବସ ରୁ ଆରମ୍ଭ ହୋଇ ୧୦ ଡିସେମ୍ବର ମାନବ ଅଧିକାର ଦିବସରେ ସମାପ୍ତ ହୋଇଛି । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳରେ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଯଥା-ଅଙ୍ଗନୱାଡି ଓ ଗ୍ରାମସ୍ତରୀୟ ସଚେତନତା ସଭା, ପଞ୍ଚାୟତ ସ୍ତରୀୟ ସଚେତନତା ପଦଯାତ୍ରା, ବ୍ଲକ ସ୍ତରୀୟ ସଚେତନତା ସଭା ଓ ସ୍କୁଲ୍ କଲେଜରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥି ଭାବରେ ଭାରାପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ସରୋଜିନୀ ଦେବୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ



ଆବିଦା ପରବୀନ, ସମାଜ ମଙ୍ଗଳ ଅଧିକାରୀ ପଦ୍ମିନୀ ସାହୁ, ଜିଲ୍ଲା ପରିଷଦ ଗଞ୍ଜାମର ଭାଇସ୍ ପ୍ରେସିଡେଣ୍ଟ ଏସ୍. ରାଜେଶ୍ୱରୀ ଦୋରା, ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ୍ ସଂଯୋଜକ ଦିଲ୍ଲୀପ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା, YSDର ପ୍ରକଳ୍ପ ସଂଯୋଜକ ବିପ୍ଳବ କୁମାର ବେହେରା, Curesର ସେକ୍ରେଟାରୀ ଅରୁଣ ଶତପଥୀ, ସେବାର ନିର୍ଦ୍ଦେଶକ ଅଳକା ସାହୁ, ଅରୁଣାର ଜିଲ୍ଲା ସଂଯୋଜକ ମାର୍କଣ୍ଡ ମିଶ୍ର, one stop centerର ସେଣ୍ଟର ଆଡ଼ମିନଷ୍ଟ୍ରେଟର ମହେଶ୍ୱେତା ପାଢୀ ପ୍ରମୁଖ ଉପସ୍ଥିତ ରହି ମହିଳା ମାନଙ୍କ ଉପରେ ହେଉଥିବା ହିଂସାକୁ ଜିଲ୍ଲାରୁ ତଥା ସମାଜରୁ କିପରି ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ ସେ ବିଷୟରେ ନିଜର ମତାମତ ରଖିଥିଲେ । ଉକ୍ତ ବୈଠକକୁ ଆଲ୍‌ବନ ଏଡ଼୍ର ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ ସଞ୍ଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲାର ସମସ୍ତ ସିଡିପିଓ, one stop center, ଶକ୍ତିସଦନ, ISRD,YSD, ସେବା, ଅରୁଣା ଓ Cures ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ । ଉକ୍ତ ବୈଠକରେ ବେଲଗୁଣ୍ଠର ସିଡ଼ିପିଓ ନଳିନୀ ମହାରଣା ଓ ସାନଖେମୁଣ୍ଡିର ସିଡ଼ିପିଓ ଭବାନୀ ବେହେରା ନିଜର ୧୬ ଦିନିଆ କାର୍ଯ୍ୟକ୍ରମ ପାଳନ ସମ୍ବନ୍ଧୀୟ ଅନୁଭୂତିକୁ ପ୍ରକାଶ କରିଥିଲେ । ଶେଷରେ କୁକୁଡାଖଣ୍ଡି ସିଡ଼ିପିଓ କୁସୁମ କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୨।୧୨।୨୦୨୪, ମାର୍ଗଶିର ଦି୨୭ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୬।୧୧।୫୮ **ଚନ୍ଦ୍ରୋଦୟ-** ଦିଘ ୨।୨୨।୦୮

**ଦ୍ୱାଦଶୀ-** ରାଘ ୧୦।୨୭ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ଦିଘ ୯।୫୨ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧୦।୨୭ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୬ ଗତେ ଘ ୭।୪୨ ମଧ୍ୟେ । ଦିଘ ୧।୨୯ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ -** ବ୍ୟଂଜନ ଦ୍ୱାଦଶୀ ।



**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ । ଅଯଥା ଦୂରଯାତ୍ରା କରିବାର ସମ୍ଭାବନା । ଘରେ କଳହ ଦେଖାଦେବ ।



**ବୃଷ:** ଆୟରେ ଉନ୍ନତି ହେବ । ବନ୍ଧୁ ସହଯୋଗ ମଧ୍ୟ ମିଳିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସହଯୋଗ ମଧ୍ୟ ମିଳିବ । ଗୃହରେ ସୃଷ୍ଟି ହୋଇଥିବା କଳହର ସମାଧାନ ହୋଇଯିବ ।



**ମିଥୁନ:** ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ । ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଯାତ୍ରାରେ ମନବାଞ୍ଛା ଫଳ ପ୍ରାପ୍ତ ହେବ । ପାରିବାରିକ ସମସ୍ୟାର ସମାଧାନ ଘଟିବ । ରୋଜଗାର ଭଲ ହେବ ।



**କର୍କଟ:** ଶୁଭ କାର୍ଯ୍ୟରେ ଯୋଗଦାନ କରିବେ । ସାଧନାରେ ସିଦ୍ଧି ଲାଭ କରିବେ । ଆଳସ୍ୟ ଓ ଅବହେଳା ଯୋଗୁ କାର୍ଯ୍ୟହାନୀ । ମାଲିମୋକଦ୍ଦମାରେ ସୁଫଳ । ଭ୍ରମଣ ଯୋଗ ରହିଛି । ଆୟରେ ଉନ୍ନତି ହେବ ।



**ସିଂହ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମହାନୀ ଯୋଗ ତଥାପି ଫଳ ଲାଭର ଆଶା । ପରିଶ୍ରମ ବଢ଼ିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତାର ପରିମାଣ ଅଧିକ ହେବ । ବନ୍ଧୁ ମିଳନ ସହିତ ସାହାଯ୍ୟ ଓ ସହଯୋଗ ମଧ୍ୟ ମିଳିବ । ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ । ଘରେ ଦ୍ୱନ୍ଦ୍ୱ ସୂଚନା ମଧ୍ୟ ରହୁଛି ।



**ତୁଳା:** ବାକ୍ ସଂଯମତା ରହିବନାହିଁ । ମନରେ ଅହଂକାର ଆସିବ । କାର୍ଯ୍ୟକ୍ଷେତ୍ରରେ ବିରକ୍ତି ଦେଖାଦେବ । ଆୟର ପରିମାଣ ସ୍ଥିର ରହିବ । ଘରେ ଜଞ୍ଜାଳର ପରିମାଣ ବୃଦ୍ଧି । ମନ ଅସ୍ଥିର ରହିବ ।



**ବିଛା:** ଶତ୍ରୁମାନେ ନାଶ ଯିବେ । ସୁସମ୍ବାଦ ଲାଭ ହେବ । ଦୂରକୁ ଯାତ୍ରା ମଧ୍ୟ କରିପାରନ୍ତି । ବନ୍ଧୁ ମିଳନରୁ ଉତ୍ସାହିତ ହେବେ । କର୍ମକ୍ଷେତ୍ରରେ ଉଦାସୀନ ହେବେ । ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ଧନୁ:** କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ଗତିରେ ହେବ । ରୋଜଗାରରେ ଉନ୍ନତି । କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ବିବାଦଗ୍ରସ୍ତ ହେବେ । ମାଲିମୋକଦ୍ଦମାରେ ସ୍ଥିତି ଆଶାଜନକ ହେବ । ମନ ଭଲ ରହିବ ।



**ମକର:** ଅନେକ କ୍ଷେତ୍ରରେ ସମ୍ମାନିତ ହେବେ । କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା । ଆୟ ପୂର୍ବପରି ସ୍ଥିର ରହିବ ।



**କୁମ୍ଭ:** କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତାଙ୍କ ସାନ୍ନିଧ ଲାଭ କରିବେ । କର୍ତ୍ତବ୍ୟନିଷ୍ଠ ହେବେ । ସମ୍ମାନିତ ହେବେ । ଅସୁବିଧା ଦୂର ହେବ । ଅପରାହ୍ନେ ବନ୍ଧୁଙ୍କର ଆଗମନର ସୂଚନା । ଆୟ ଓ ବ୍ୟୟ ସମାନ ରହିବ ।



**ମୀନ:** ଆଜି ଦିନଟି ଭଲରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ସମାଜ ସେବାରେ ପ୍ରଶଂସା ମିଳିବ । ପାରିବାରିକ ଝାମେଲାର ସୂଚନା ମିଳୁଛି । ରୋଜଗାର ସ୍ଥିର ରହିବ । ମହିଳାମାନେ ଖୁସୀ ହେବେ ।

# ନିଆଁ ଲାଗି ୩ ଧାନ ଗଦା ଜଳିଗଲା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ଖେମୁଣ୍ଡୁଗୁଡା ପଞ୍ଚାୟତ ଅନ୍ତର୍ଗତ ମାଳିବୁରୁଡ଼ା ଗ୍ରାମର ଏକ ଖଳାରେ ନିଆଁ ଲାଗି ୩ଟି ଧାନ ଗଦା ପୋଡ଼ିଯାଇଛି । ଏହି ଗାଁର ରାଜୁ ଦିସାରୀର ଗୋଟିଏ ଓ ମନ ଦିସାରୀର ଦୁଇଟି ଧାନ ଗଦା ଗାଁ ନିକଟ ଖଳାରେ ରଖିଥିଲେ । ଅପରାହ୍ନ ୪ଟା ବେଳେ ଛୋଟ ଶିଶୁମାନେ ଖଳା ନିକଟରେ ନିଆଁ ଲଗେଇ ଖେଳୁଥିବା ବେଳେ ଦୁର୍ଭାଗ୍ୟ ବଶତଃ ଏହି ନିଆଁ ବ୍ୟାପି ଯାଇ ଏହି ଧାନ ଗଦାରେ ଲାଗିଯାଇ ୩ଟି ଧାନ ଗଦା ପୋଡ଼ି ଯାଇଥିଲା । ନିଆଁ ଦେଖି ପରିବାର ଲୋକେ ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଧାନ ଗଦା ପୋଡ଼ି ଯାଇଥିଲା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୩।୧୨।୨୦୨୪, ମାର୍ଗଶିର ଦି୨୮ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୬।୧୨।୩୪ **ଚନ୍ଦ୍ରୋଦୟ-** ଦିଘ ୩।୦୯।୧୨

**ତ୍ରୟୋଦଶୀ-** ରାଘ ୭।୪୦ ପର୍ଯ୍ୟନ୍ତ । ଦ୍ୱିଜା ପ୍ରାଘ ୭।୫୦ ଗତେ କୃତିକା ନକ୍ଷତ୍ର କ୍ଷୟ । **ମେଷ ଚନ୍ଦ୍ର-** ଦିଘ ୧।୧୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୧।୧୯ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୧।୧୯ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୭।୪୦ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୬ ଗତେ ଘ ୬।୫୯ ମଧ୍ୟେ । ଦିଘ ୧୨।୦୩ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ -** ଗୀତା ଜୟନ୍ତୀ, ଅନଂଗ ତ୍ରୟୋଦଶୀ, ପାଷାଣ ଚତୁର୍ଦ୍ଦଶୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ନିଯୁକ୍ତି ହଟ୍‌ସ୍ପଟ୍ ତାଲିକାରେ ଓଡ଼ିଶା

ଦେଶର ଛୋଟ ସହରଗୁଡ଼ିକ ନିଯୁକ୍ତି ସୃଷ୍ଟିରେ ଆଗରେ ରହିଛନ୍ତି। ଭୁବନେଶ୍ୱର ସମେତ କୋଏମ୍ବାଟୁର, ଭାଇଜାଗ, ଚଣ୍ଡିଗଡ଼, ଇନ୍ଦୋର ଓ ବିଜୟୱାଡ଼ା ଭଳି ଅଣ ମେଟ୍ରୋ ସହରଗୁଡ଼ିକରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ସହରଗୁଡ଼ିକରେ ହ୍ୱାଇଟ୍-କଲାର (ଅଧିକାରୀ ସ୍ତରୀୟ) ନିଯୁକ୍ତି ଅଧିକ ସୃଷ୍ଟି ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ମୁଖ୍ୟତଃ ସୁଟ୍ ପରିଧାନ କରି କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାନବ ସମ୍ବଳ ପରିଭାଷାରେ ହ୍ୱାଇଟ୍-କଲାର ଅଧିକାରୀ କୁହାଯାଉଛି । ମାଇଁ ଆର୍ କ୍ଲାଉଡ୍ ତରଫରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଛୋଟ ସହରଗୁଡ଼ିକ ମଧ୍ୟରେ ନିଯୁକ୍ତି ସୃଷ୍ଟି କରିବାର ହଟ୍‌ସ୍ପଟ୍ ଭାବେ ତାମିଲନାଡୁ, ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଉଭା ହୋଇଛନ୍ତି। ଏହି ରାଜ୍ୟଗୁଡ଼ିକର ଛୋଟ ସହରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମେଟ୍ରୋ ଭଳି ବଡ଼ ସହରଗୁଡ଼ିକରେ ନିଯୁକ୍ତି ହ୍ରାସ ପାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ବଢ଼ିଛି। ହ୍ୱାଇଟ୍-କଲାର ନିଯୁକ୍ତି ବର୍ଗରେ ମାନୁଫାକ୍ଚରିଂ ଓ ଆର୍ଥିକ ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଦେଶର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀ ସହରଗୁଡ଼ିକରେ ବର୍ଷକ ଭିତରେ ୧୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ବଡ଼ ସହରଗୁଡ଼ିକରେ ତା'ଠାରୁ କମ୍ ୧୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଅଧିକାଂଶ ନିଯୁକ୍ତି ଅଭିଜ୍ଞତାଭିତ୍ତିକ ଥିଲା। ୬-୧୦ ବର୍ଷ ଅଭିଜ୍ଞତା ଥିବା ପ୍ରାର୍ଥୀମାନଙ୍କୁ ବାର୍ଷିକ ୭-୧୦ ଲକ୍ଷ ଟଙ୍କାର ବେତନ ପ୍ୟାକେଜ୍ ମିଳିଥିଲା। ବର୍ଷକ ପୂର୍ବେ ବଡ଼ ସହରଗୁଡ଼ିକରେ ୧୬ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟି ହୋଇଥିଲା। ଛୋଟ ସହରଗୁଡ଼ିକରେ ନିଯୁକ୍ତି ବଢ଼ିବାର କାରଣ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଇସ୍ପାତ କଂପାନି, ମେସିନ ନିର୍ମାତା, କାର୍ବନ ଉତ୍ପାଦ ନିର୍ମାତା ଓ ରେଷ୍ଟୋରାଁଗୁଡ଼ିକ ଛୋଟ ସହରଗୁଡ଼ିକରେ ସେମାନଙ୍କ କାରବାର ସମ୍ପ୍ରସାରଣ କରୁଥିବାରୁ ସେହି ଅଞ୍ଚଳରେ ଅଧିକ ନିଯୁକ୍ତି ସୃଷ୍ଟି ହେଉଛି। ପ୍ରଯୁକ୍ତି କ୍ଷେତ୍ରରେ ମାନ୍ଦାବସ୍ଥା ରହିଥିବାରୁ ବଡ଼ ସହରରେ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି। ବୋରୋସିଲ୍ ଇଣ୍ଡିଆ, ସେଣ୍ଟ-ଗୋବେନ୍, ଟେକ୍ ମହିନ୍ଦ୍ରା ଭଳି ସଂସ୍ଥା ଛୋଟ ସହରରେ ନିଯୁକ୍ତି ଦେବାରେ ଆଗରେ ରହିଛନ୍ତି।

# ବଢ଼ିଚାଲିଛି ତମାଖୁ, ଗୁଟଖା ଏବଂ ନିଶା କାରବାର



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ଆମ ଯୁବ ସମାଜର ଅଧିକାଂଶ ଯୁବକ ଯୁବତୀ ମାନେ ତମାଖୁ , ଗୁଟ୍ଖା, ସିଗାରେଟ୍, ବ୍ରାଉନ ସୁଗାର୍ , ମଦ୍ୟ କବଳରେ କବଳିତ ହୋଇ ସାରିଲେଣି । ସରକାର ଅନେକ ନିୟମ କାନୁନ୍ ପ୍ରଣୟନ କରିବା ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ଉଦାସୀନତା ନିମନ୍ତେ ଏହି ଜାତୀୟ ମାଦକ ଦ୍ରବ୍ୟ ବିକ୍ରି ଉପରେ ଠିକ୍ ରୂପେ ଅଙ୍କୁଶ ଲାଗି ପାରିନାହିଁ । ଉଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ତଥା ସରକାରଙ୍କ ନିଷ୍ପତ୍ତିକୁ କିଛିଦିନ ସରକାରୀ କର୍ମଚାରୀ ମାନେ ଖୁବ୍ ଉତ୍ସାହର ସହିତ ପାଳନ କରନ୍ତି, ତା'ପରେ ଯିଏ ଯାହା ଜାଗାରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଯାଆନ୍ତି । ପ୍ରତିଦିନ ଏକାଧିକ ଟ୍ରକ ଯୋଗେ ରାଜ୍ୟ ଭିତରକୁ ଗୁଟଖା ତଥା ରାସାୟନିକ ପ୍ରକ୍ରିୟାରେ ତିଆରି ବିଭିନ୍ନ ପ୍ରକାର ମସଲା ଆସୁଛି ଏବଂ ନିର୍ଭୟରେ ସହର ଭିତରେ ପ୍ରବେଶ କରୁଛି, ଏ ବାବଦକୁ ଟିକସ କିଏ କେତେ ଦେଉଛି ଏବଂ କିଏ କେତେ ପାଉଛି ତା'ର ହିସାବ କାହା ପାଖରେ ନାହିଁ । ଓଡିଶା ଭିତରକୁ ଏହିସବୁ ମାଦକ ଦ୍ରବ୍ୟ କେଉଁ ତନଖି ଫାଟକ ଦେଇ ଆସିଲା ? କିଏ କେତେ ହାତଗୁଞ୍ଜା ନେଲା ? ସରକାରଙ୍କ ରାଜସ୍ୱ କେତେ କମିଲା ବା ବଢ଼ିଲା ତା'ର ହିସାବ ରଖୁଥିବା ବାବୁ ମାନେ 'ବାଡ଼ ଫସଲ ଖାଇବା ପରି' ଅବସ୍ଥା ଦେଇ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାରେ ସାରଥୀ ସାଜିଛନ୍ତି । ନ୍ୟାୟାଳୟଙ୍କ ଆଦେଶକୁ ପାଳନ ନ'କରିବା ସରକାରୀ ବାବୁ ମାନଙ୍କ ଉଦାସୀନତାର ଏକ ନଗ୍ନ ଉଦାହରଣ, ସହର ତଥା ଗ୍ରାମର ପ୍ରତି ଦୋକାନରେ ମାଳ ମାଳ ତମାଖୁ /ଗୁଟ୍ଖା ପୁଡିଆ ଝୁଲୁଥିବା ନଜରକୁ ଆସୁଛି । ଅନେକ ଦୋକାନରେ ଖୁଲମ୍ ଖୁଲା ଗୁଟ୍ଖା, ନକଲି ପାନ ମସଲାର ପସରା, ଏପରିକି ମନ୍ଦିର , ସ୍କୁଲ କଲେଜକୁ ଲାଗି ଏହିସବୁ ନିର୍ଦ୍ଦ୍ୱନ୍ଦ୍ୱରେ ବିକ୍ରି ହେଉଛି । ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିଲେ ଜରିମାନା ବ୍ୟବସ୍ଥା ଅଛି, କିନ୍ତୁ କିଏ ମାନୁଛି ବା କିଏ ଜରିମାନା ଆଦାୟ କରୁଛି ? ଅତୀତରେ ଅନେକ ନକଲି ଖାଦ୍ୟପେୟ, ପାନ ମସଲା, ଗୁଟଖା ସାମଗ୍ରୀ ଜବତ ହୋଇଛି, କିନ୍ତୁ ଲୋକେ ଚେତୁ ନାହାନ୍ତି କି ସରକାର ଏହାକୁ ଦୃଢ଼ ହସ୍ତରେ ଦମନ କରିବାର ସତ୍‌ସାହସ ଜୁଟାଇ ପାରୁ ନାହାନ୍ତି । ସ୍କୁଲ , କଲେଜର ଛାତ୍ରଛାତ୍ରୀ ତଥା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ଏହି ଗୁଟ୍ଖା/ ତମ୍ବାଖୁ କବଳରେ ପଡି ଯାଇଛନ୍ତି , ଗୁଟ୍ଖା ଛଡା ଏବେ ଧଳା ଜହର, କୋକେନ୍ , ମେରୁଆନା, ଗଂଜେଇ , ମଦ୍ୟ ସହର ବଜାରରେ ତଥା ଶିକ୍ଷାନୁଷ୍ଠାନ, ମେଡିକାଲ ସନ୍ନିକଟରେ ଲୁଚା ଛପାରେ ମିଳୁଛି । ଦେଶର ଆଗାମୀ ପିଢ଼ି ଯଦି କୁପଥରେ ଚାଲି ଯିବେ ତେବେ ଚିନ୍ତା କରନ୍ତୁ ତ' ଆମ ଦେଶର ଭବିଷ୍ୟତ କ'ଣ ହେବ? ପିତାମାତା , ବନ୍ଧୁ ପରିଜନ, ଶିକ୍ଷକ, ଡାକ୍ତର , ସରକାରୀ କର୍ମଚାରୀ , ବୟସ୍କ ବ୍ୟକ୍ତି ମାନେ ଯଦି ସର୍ବ ସମ୍ମୁଖରେ ଗୁଟ୍ଖା , ତମାଖୁ ସେବନ କରିବେ ତେବେ ପିଲାମାନେ କଣ ଶିଖିବେ ? ନିଜ ଉପରେ ନିଜର ନିୟନ୍ତ୍ରଣ ହରାଇ ଆଜି ସମାଜର ଅନେକ ବ୍ୟକ୍ତି କୁପଥଗାମୀ ହୋଇ ସାରିଲେଣି, ଏହା ସମାଜକୁ ଆଦୌ ଭଲ ସନ୍ଦେଶ ଦେଉ ନାହିଁ । ବିଶ୍ୱରେ ପ୍ରତିବର୍ଷ ସାତ ନିୟୁତରୁ ଅଧିକ ଲୋକ ତମାଖୁ ଜନିତ ରୋଗରେ ମୃତ୍ୟୁ ବରଣ କରୁଛନ୍ତି, ପୃଥିବୀବାସୀ ଆଜି ଏଥିପାଇଁ ଚିନ୍ତିତ, ମିଳିତ ଜାତିସଂଘ ତମାଖୁ ବର୍ଜନ ପାଇଁ ଅନେକ ଚେଷ୍ଟା କରୁଛନ୍ତି କିନ୍ତୁ ସେପରି ସକାରାତ୍ମକ ଫଳ ମିଳି ପାରୁନାହିଁ । ବର୍ଷକୁ ଗୋଟିଏ ଦିନ ତମାଖୁ ବିଷୟରେ ସଚେତନତାର ବାର୍ତ୍ତା ବଦଳରେ ବର୍ଷ ସାରା ଏହି ଉଦ୍ୟମ ଯଦି ଜାରି ରହିବ ତେବେ ସମାଜର ଅନେକ ମଙ୍ଗଳ ହେବ , ତାହା ଛଡା ପୃଥିବୀର ଅନେକ ଦେଶ ସବୁ ଜାଣି ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଉ ନାହାନ୍ତି ଦକ୍ଷିଣ ଆମେରିକାର କଲମ୍ବିଆ ପରି ଅନେକ ଦେଶ ତମାଖୁ ଚାଷ କରୁଛନ୍ତି , ଭାରତରେ ଅନେଗୁଡ଼ିଏ ବଡ କମ୍ପାନୀ ଏହି ବିଷ ପ୍ରସ୍ତୁତ କରି ନାମି ଦାମୀ ଚିତ୍ର ତାରକା ମାନଙ୍କୁ କୋଟି କୋଟି ଟଙ୍କା ଦେଇ ନିଜ ପ୍ରସ୍ତୁତ ବିଷର ବିଜ୍ଞାପିତ କରୁଛନ୍ତି । ଆମେ ମଧ୍ୟ ପାଗଳ ପରି ତାହା କିଣି ଖାଉଛୁ । ବର୍ତ୍ତମାନ ହଜାର ହଜାର ଲୋକ ମାଦକ ଦ୍ରବ୍ୟ ସେବନ କରି କର୍କଟ ପରି ମାରାତ୍ମକ ରୋଗ ଗ୍ରସ୍ତ ହେଉଛନ୍ତି । କିଛି ମୃତ୍ୟୁବରଣ ମଧ୍ୟ କରୁଛନ୍ତି । ଯଦି କେତେବେଳେ ସମୟ ପାଉଛନ୍ତି ତେବେ ଟିକେ କଟକରେ ଅବସ୍ଥିତ ଏସିଆ ମହାଦେଶର ସର୍ବ ବୃହତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ବୁଲି ଆସନ୍ତୁ ଦେଖିବେ କେତେ କର୍କଟ ଆକ୍ରାନ୍ତ ରୋଗୀ କି'ପ୍ରକାର କଷ୍ଟ ଭୋଗୁଛନ୍ତି , ଅସହ୍ୟ ଯନ୍ତ୍ରଣା , ବେଡ଼ ନାହିଁ , ରହିବାକୁ ଜାଗା ନାହିଁ , ରାସ୍ତାରେ, ଗଛ ମୂଳେ ନିଃସହାୟ ହୋଇ ଯନ୍ତ୍ରଣା ଭୋଗ କରୁଛନ୍ତି , ସମସ୍ତଙ୍କ ଆଶା ଭଲ ହୋଇ ଘରକୁ ଫେରିବା, କିନ୍ତୁ କେତେଜଣ ଭାଗ୍ୟବାନ କର୍କଟ ପରି ରୋଗ କବଳରୁ ମୁକ୍ତି ପାଇ ଘରକୁ ଫେରୁଛନ୍ତି ? ଯେଉଁମାନେ ରୋଗ ଆରମ୍ଭରୁ ନିଦାନ କରାଇ ଆସିଛନ୍ତି ସେହିମାନେ ଭଲ ହୋଇ ଫେରିବାର ନଜିର ଅଛି । ସମୟ ଅନୁଯାୟୀ ପଦକ୍ଷେପ ଏହି ପରି ରୋଗରୁ ଆମକୁ ମୁକ୍ତି ଦେଇପାରେ । କଥାରେ ଅଛି 'ମୂଳୁ ମାଇଲେ ଯିବ ସରି ଦେବଙ୍କ ସହ କିମ୍ପା କଳି" ସରକାର ଚାହିଁଲେ ଏହି ଜାତୀୟ ନିଶା ଦ୍ରବ୍ୟକୁ ଉତ୍ପାଦନ ସ୍ଥଳରୁ ବନ୍ଦ କରିଦେଇ ପାରିବେ, କାରଣ ଏହା ଦ୍ୱାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ / ଜୀବନ ପ୍ରତି ବିପଦ ଆସୁଛି , ଖାଲି ଧର୍ମକୁ ଆଖି ଠାର ମାରି ବୈଧାନିକ ସତର୍କତାର ଛାପ ଦେଇ କାମ ସାରି ଦେଲେ କ'ଣ ଦାୟୀତ୍ୱ ସରିଗଲା ? ଏଥିରୁ ଅନୁମେୟ ଯେ , ଉତ୍ପାଦନ କରୁଥିବା କମ୍ପାନୀ ସରକାରୀ ନିୟମକୁ ଆଖି ଠାର ମାରି 'ବିଷ ଉପରେ ବିଷ' ବୋଲି ଲେଖି ଦେଲେ, ତେଣିକି ତୁମେ ଯଦି ଖାଇବ ସେଥିପାଇଁ ସରକାର୍ କ'ଣ ଦାୟୀ ହେବେ ? ବାଃ ବାଃ ରେ ରାଜନୀତି ଆଉ ଗଣତନ୍ତ୍ରର ରକ୍ଷକ । ସରକାର୍ ବାହାଦୂର ତୁମେ ସରକାରୀ ତହବିଲ୍ ବଢ଼ାଇବା ପାଇଁ ଏହି ପରି କମ୍ପାନୀ ଚଳାଇବାକୁ ଅନୁମତି ଦେଉଛ, ଆଉ ଲୋକେ ଏହାକୁ ସେବନ କରି କଷ୍ଟ ଭୋଗୀ ଭୋଗୀ ମରୁଛନ୍ତି । ହଁ, ଭାଇ ! ରୋଗ ନ'ହେଲେ ପୁଣି ଔଷଧ କମ୍ପାନୀ ମାନେ କେମିତି ଲାଲେ ଲାଲ୍ ହେବେ? ଏହା ଏକ ପ୍ରକାର ଗୋଲଖ ଧନ୍ଦା, ଜନସାଧାରଣଙ୍କୁ ଲୁଟିବାର ଏକ ସୁଚିନ୍ତିତ ରାସ୍ତା ଛଡା ଆଉ କ'ଣ ହୋଇପାରେ ? ସରକାର ଏହି ପ୍ରକାର ନିଶା ଦ୍ରବ୍ୟ ଉତ୍ପାଦନ, ବିକ୍ରି ଓ ପରିବହନ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ଯେଉଁ ଗାଡି ଗୁଡିକରେ ଏହି ଜାତୀୟ ମାଦକ ଦ୍ରବ୍ୟ ପରିବହନ ହେଉଛି ସେହି ଗାଡି ଗୁଡିକ ସରକାର ନିୟମ କରି ତା'ର ପଞ୍ଜିକରଣ ବାତିଲ କରିବା ସହିତ ଦୃଷ୍ଟାନ୍ତ ମୂଳକ ଜରିମାନା ଆଦାୟ କରନ୍ତୁ । ଜନବସତି ଠାରୁ ଅନତି ଦୂରରେ ଘଞ୍ଚ ଜଙ୍ଗଲ ଭିତରେ ଗଂଜେଇ , ଅଫିମ ଗଛ ଚାଷ ହେଉଛି ,ଚାଷୀଙ୍କୁ ଗଂଜେଇ ଚାଷ ପାଇଁ ସୁରକ୍ଷା ଯୋଗାଉଥିବା ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କ ଠାରୁ କିଛିଦିନ ତଳେ ଛଅ ଲକ୍ଷ ଟଙ୍କା ଜବତ ହେଲା ଏବଂ ତାଙ୍କୁ କାର୍ଯ୍ୟରୁ ନିବୃତ କରାଗଲା , ଏଥିପାଇଁ କଣ ସେ ଏକା ଦାୟୀ ନା ଛଅ ଲକ୍ଷ ଟଙ୍କା ସେ ନିଜେ ନେଉଥିଲେ ? ଏଥିରୁ ଅନୁମେୟ କିପରି ଭାବେ ସରକାରଙ୍କ ଗୋଚରରେ ନିଶା ନିବାରଣ କାର୍ଯ୍ୟକ୍ରମ ଚାଲିଛି , କଠୋର କାର୍ଯ୍ୟାନୁଷ୍ଠାନ ଯଦି ହେଉଥା'ନ୍ତା ତେବେ କଣ ଏହିପରି କାର୍ଯ୍ୟ ସମ୍ଭବ ହୁଅନ୍ତା କି ? ଅବକାରୀ ବିଭାଗ-ପୋଲିସ ମିଳିତ ଉଦ୍ୟମରେ ଏହି ପ୍ରକାର ଚାଷକୁ କିଛି ମାତ୍ରାରେ ନଷ୍ଟ କରି ଦିଆ ଯାଉଛି ତେବେ ସମୂଳେ ନଷ୍ଟ କରାଯାଇ ପାରୁ ନାହିଁ କାରଣ ତାହା ପଛରେ ମଧ୍ୟ କିଛି ମାଫିଆଙ୍କ ହାତ ରହିଛି , ସରକାରଙ୍କ ରାଜସ୍ୱ ଠାରୁ ରାଜ୍ୟ /ଦେଶବାସୀଙ୍କ ସ୍ୱାସ୍ଥ୍ୟ ଉପରେ ବେଶୀ ଗୁରୁତ୍ୱ ଦେବା ଦରକାର । ଯଦି ସରକାର ନିଶା ଦ୍ରବ୍ୟ ପ୍ରସ୍ତୁତ କରୁଥିବା କମ୍ପାନୀକୁ ବନ୍ଦ କରି ଦେଇ ପାରିବେ ବା ନିଜ ରାଜ୍ୟର ସବୁ ତନଖି ଫାଟକରେ ଏହି ପ୍ରକାର ଜିନିଷପତ୍ର ଜବତ କରି ନଷ୍ଟ କରି ପାରିବେ ତେବେ ଜନସାଧାରଣ ନିଶ୍ଚିତ ଭାବେ ଉପକୃତ ହେବେ । ଯଦିଓ ଏହା ଏକ କଠିନ ବ୍ୟାପାର ତଥା ଏହା ସହିତ ରାଜନୀତି ଜଡ଼ିତ, ପାର୍ଟି ଫଣ୍ଡିଂ ଜଡ଼ିତ, ସରକାରୀ ଚୌକିର ସ୍ଥାୟୀତ୍ୱ ଜଡ଼ିତ, ନିଜସ୍ୱ ସ୍ୱାର୍ଥ ଜଡ଼ିତ , ତଥାପି ସରକାର୍ ଦୃଢ଼ ହସ୍ତରେ ଏହାକୁ ଦମନ କରିବା ଦରକାର୍ । ଗଣତନ୍ତ୍ର ରାଷ୍ଟ୍ରରେ ଜନତା ସର୍ବ ଶକ୍ତିମାନ , ଲୋକଙ୍କ ଦ୍ୱାରା , ଲୋକଙ୍କର ଏବଂ ଲୋକଙ୍କ ପାଇଁ ସରକାର ଗଢ଼ା ହୋଇଥାଏ । ସର୍ବସାଧାରଣଙ୍କ ପାଇଁ ତମାଖୁ ସେବନ ବିରୋଧରେ ପ୍ରଚାର ପ୍ରସାର କରି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ ବିଷୟଟି ଲେଖା ହୋଇଛି । ସର୍ବସାଧାରଣ ସ୍ଥାନରେ ନିଶା ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବାକୁ ସରକାର୍‌ଙ୍କୁ ଅନୁରୋଧ। ଆମ ଯୁବ ସମାଜକୁ ନିଶାରାକ୍ଷସ ଠାରୁ ଦୁରେଇ ରଖିବା ନିମନ୍ତେ ଅନ୍ତରରୁ ଧ୍ୟାନ ଦେବା ସମୟ ଉପନୀତ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)



ଶ୍ରୀ ଅଭିରାମ ସରସ୍ୱତୀ

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଅମ୍ଳ ବୃଷ୍ଟି ପରିବେଶ ପାଇଁ ବିପଦ



ଉମାଶଙ୍କର ପ୍ରସାଦ
ସମ୍ପାଦକ ମାର୍ଗଦର୍ଶୀ
ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨

ଏହି ଅମ୍ଳବୃଷ୍ଟି ବିଷୟରେ ଆଲୋଚନା କରିବା ଆଗରୁ ଆସନ୍ତୁ ଜଣିବା ଏହି ଅମ୍ଳବୃଷ୍ଟି କ'ଣ? ୧୮୭୨ ମସିହାରେ ପ୍ରବୀଣ ବ୍ରିଟିଶ ରସାୟନବିତ୍ ରବର୍ଟ ଆଙ୍ଗସ ସ୍ମିଥ (Air & Rain) ବାୟୁ ଓ ବର୍ଷା ଶୀର୍ଷକ ଏକ ପୁସ୍ତକରେ ଅମ୍ଳୀୟ ବର୍ଷା ସମ୍ପର୍କରେ ସୂଚନା ଦେଇଥିଲେ। ମାନବ ଜୀବନ ଧାରଣ ପାଇଁ 'ଜଳ' ଏକ ପ୍ରମୁଖ ପଦାର୍ଥ। ତେଣୁ ସଭିଏଁ କହନ୍ତି "ଜଳହିଁ ଜୀବନ"। ମନୁଷ୍ୟର ଜୀବନରେ ଜଳ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସଂସ୍କୃତି ତଥା ସଭ୍ୟତାର ବିକାଶ ପାଇଁ ଏହି ଜଳର ଭୂମିକା କିଛି କମ୍ ନୁହେଁ। ମନୁଷ୍ୟ ନିଜର ଜୀବନ ଧାରଣ କରିବା ପାଇଁ ଯେଉଁ ଉଦ୍ଭିଦ ଓ ଜୀବ ଜଗତ ଉପରେ ନିର୍ଭର କରୁଛି ତାର ସ୍ଥାୟିତ୍ୱ ପାଇଁ ଜଳର ଭୂମିକା ଅପରିହାର୍ଯ୍ୟ। ବର୍ଷା ହିଁ ଜଳର ଏକ ପ୍ରାକୃତିକ ଉତ୍ସ। ସମସ୍ତେ ଜାଣନ୍ତି ଆକାଶରୁ ଜଳ ବୃଷ୍ଟି ହୁଏ। କିନ୍ତୁ ଏଇ କିଛି ବର୍ଷ ହେଲା ଆମେ ଶୁଣିବାକୁ ପାଉଛୁ ପୃଥିବୀର କେତେକ ସ୍ଥାନରେ ଅମ୍ଳ ବୃଷ୍ଟି ହେଉଛି ଯାହାର କୁ-ପ୍ରଭାବରେ ବର୍ତ୍ତମାନ ଜୀବ ଜଗତ ଓ ଉଦ୍ଭିଦ ଜଗତରେ ପ୍ରଭୂତ କ୍ଷତି ଘଟୁଛି ଓ ପରୋକ୍ଷ ଭାବରେ ଏହାଦ୍ୱାରା ଆମର ବ୍ୟାପକ ଅନିଷ୍ଟ ହେଉଛି। ତେବେ ଆସନ୍ତୁ ଏହି 'ଅମ୍ଳ ବୃଷ୍ଟି' ବିଷୟରେ ଆଲୋଚନା କରିବା।

ବାୟୁ ମଣ୍ଡଳରେ ଥିବା କେତେକ ଉପାଦାନ ମାନଙ୍କର ରାସାୟନିକ ପ୍ରତିକ୍ରିୟା ଫଳରେ ଅମ୍ଳ ବୃଷ୍ଟି ହୋଇଥାଏ। ଏହି ଅମ୍ଳ ଗୁଡିକ ବର୍ଷା ଜଳ ସହିତ ମିଶି ଭୂପୃଷ୍ଠକୁ ଚାଲିଆସିବା ଫଳରେ ବର୍ଷା ଜଳରେ ଅମ୍ଳଭାଗ ବେଶୀ ହୋଇଗଲେ ତାହା ଅମ୍ଳୀୟ ପ୍ରକୃତି ସମ୍ପନ୍ନ କରେ। ଏପରି ଅତ୍ୟଧିକ ଅମ୍ଳୀୟତା ଯୁକ୍ତ ବର୍ଷାଜଳକୁ ବିଜ୍ଞାନ ଭାଷାରେ ଅମ୍ଳୀୟ ବର୍ଷା ବା (Acid Rain) କୁହାଯାଏ। ରସାୟନବିତ୍ ମାନେ ଗୋଟିଏ ଦ୍ରବଣର ଅମ୍ଳତ୍ୱ ସେଥିରେ ଥିବା ଉଦ୍‌ଜାନ ଆୟନର ପରିମାଣ ଅନୁଯାୟୀ ମାପିଥାନ୍ତି। ଏହି ଦ୍ରବଣର ଉଦ୍‌ଜାନ ଆୟନ ପରିମାଣକୁ (ପି.ଏଚ) ଭାବରେ ସେମାନେ ପ୍ରକାଶ କରିଥାନ୍ତି। ଏହି ପି. ଏଚ. ହେଉଛି କୌଣସି ଦ୍ରବଣର ଅମ୍ଳତ୍ୱ (Acidity) କିମ୍ବା କ୍ଷାରତ୍ୱ ( Alkalarity) ପରିମାପକ। ଯଦି ଗୋଟିଏ ଦ୍ରବଣର ପି. ଏଚ. ସାତ ହୁଏ ତାହା ହେଲେ ସେପରି ଦ୍ରବଣକୁ 'ପ୍ରଶମିତ ଦ୍ରବଣ' ନିଉଟ୍ରାଲ ସଲ୍ୟୁଶନ କୁହାଯାଏ। ବିଶୁଦ୍ଧ ଜଳରେ ପି. ଏଚ ହେଉଛି ସାତ। କୌଣସି ଦ୍ରବଣର ପି.ଏଚ. ର ମୂଲ୍ୟ ୭ ରୁ ଅଧିକ ହେଲେ ଏହାକୁ କ୍ଷାର ଏବଂ ୭ ରୁ କମ୍ ହେଲେ ଏହାକୁ ଅମ୍ଳ କୁହାଯାଏ। ଏହି ଅମ୍ଳବର୍ଷାର ଦୁଇ ମୁଖ୍ୟ କାରଣ ହେଉଛି 'ନାଇଟ୍ରୋଜେନ ଅକ୍ ସାଇଡ ଓ ସଲଫର ଡାଇଅକ୍‌ସାଇଡ । ଶିଳ୍ପ, ଯାନବାହାନ ଓ ତାପଜ ବିଦ୍ୟୁତକେନ୍ଦ୍ର ମାନଙ୍କରୁ ଏହି ଦୁଇ ବିଷାକ୍ତ ବାଷ୍ପ ବାହାରି ବାୟୁମଣ୍ଡଳରେ ସୂର୍ଯ୍ୟଙ୍କ ଉତ୍ତାପ ପ୍ରଭାବରେ ଏହା ଅମ୍ଳଜାନ ଓ ଜଳୀୟବାଷ୍ପ ସହିତ ମିଶି ନାଇଟ୍ରିକ୍ ଏସିଡ ଏବଂ ସଲଫୁରିକ ଏସିଡରେ ପରିଣତ ହୋଇଥାଏ। ଏହି ଅମ୍ଳ ଆକାଶରେ ବାଦଲ ସହ ମିଶିଯାଇ ବୃଷ୍ଟିପାତ, କାକର, କିମ୍ବା କୁହୁଡି ଆକାରରେ ଭୂପତିତ ହୋଇ ଅମ୍ଳ ବୃଷ୍ଟି କରିଥାଏ।

ଏହି ଅମ୍ଳ ବୃଷ୍ଟି ଦ୍ୱାରା ୟୁରୋପ ଓ ଆମେରିକାର ବିସ୍ତୃତ ଜଙ୍ଗଲ ଓ ହ୍ରଦ ନଷ୍ଟ ହୋଇଯାଇଛି। ଏକ ସର୍ବେକ୍ଷଣ କହେ ପ୍ରାୟ ୧୫ ହଜାର ହ୍ରଦ ଅମ୍ଳତ୍ୱରେ ପରିଣତ ହୋଇଛି। ଅମ୍ଳତ୍ୱ ମତ୍ସ୍ୟସମ୍ପଦ, ଶୈବାଳ ଏବଂ ଅନ୍ୟ ଜଳଚର ପ୍ରାଣୀମାନଙ୍କୁ ବିନାଶ କରି ମୃତ ହ୍ରଦ ସୃଷ୍ଟି କରେ। ଏହି ଅମ୍ଳ ବୃଷ୍ଟି ଆମ ପରିବେଶ ପାଇଁ ଏକ ବଡ ବିପଦ। ଏହାର କୁ ପ୍ରଭାବରେ ମୃତ୍ତିକାରେ ଅମ୍ଳତ୍ୱ ବୃଦ୍ଧିପାଏ ଫଳରେ ଶସ୍ୟ ଓ ଅନ୍ୟାନ୍ୟ ଉଦ୍ଭିଦ ଗୁଡିକର ବୃଦ୍ଧି ବ୍ୟାହତ ହୋଇଥାଏ। ମୃତ୍ତିକାର ଉତ୍ପାଦନ ଶକ୍ତି ହ୍ରାସ ପାଇଥାଏ। ଫଳରେ ପୃଥିବୀର ଖାଦ୍ୟ ଉତ୍ପାଦନ କ୍ଷମତାରେ ମଧ୍ୟ ହ୍ରାସ ଘଟିଥାଏ। ଅମ୍ଳୀୟ ବର୍ଷାର କୁପ୍ରଭାବରେ ଯକ୍ଷ୍ମା, ବ୍ରୋଙ୍କାଇଟିସ୍ ଓ ଆଜମା ଆଦି ହୃଦରୋଗ ସୃଷ୍ଟି ହୋଇଥାଏ। ବର୍ଷା ଜଳ ସହ ମିଶ୍ରିତ ଅମ୍ଳ ଧାତୁ, ପଥର ଓ ମାର୍ବଲକୁ ଖାଇଯାଏ। ବାସ୍ତବରେ ଅମ୍ଳ ପ୍ରଦୂଷଣ ନିକଟ ଅତୀତର ଘଟଣା ନୁହେଁ। ଶିଳ୍ପ ବିପ୍ଲବ ପରଠାରୁ ଏହା ପୃଥିବୀକୁ ପ୍ରଦୂଷିତ କରି ଆସୁଛି। କିନ୍ତୁ ଏହି ଅମ୍ଳୀୟ ବର୍ଷାର କୁପ୍ରଭାବ ଆଗରୁ ଅନୁଭୂତ ହୋଇନଥିଲା। ଆମ ପରିବେଶରେ ପ୍ରଦୂଷଣର ମାତ୍ରା ବଢିଯିବାରୁ ୧୯୮୦ ମସିହା ପରଠାରୁ ଏହା ପରିବେଶବିତ୍ ଓ ବୈଜ୍ଞାନିକ ମାନଙ୍କର ଦୃଷ୍ଟି ଆକର୍ଷଣ କଲା। ଅମ୍ଳବୃଷ୍ଟିର ପ୍ରଥମ ଲକ୍ଷଣ ସ୍କାଣ୍ଡି ନେଭିଆ ଓ ପରେ ଯୁକ୍ତରାଷ୍ଟ୍ର ଆମେରିକାରେ ଦେଖାଯାଇଥିଲା। ଆମ ଦେଶରେ ୧୯୭୪ ମସିହାରେ ବମ୍ବେ ଓ ଚେମ୍ବୁରରେ ଅମ୍ଳବୃଷ୍ଟି ହୋଇଥିଲା। ନୂଆ କରି ଗଢିଉଠୁଥିବା କଳକାରଖାନା ଓ ତାପଜ ବିଦ୍ୟୁତ କେନ୍ଦ୍ରର ସ୍ଥାପନ ଏବଂ ଅଧିକରୁ ଅଧିକ ଯାନ ବାହାନର ପ୍ରଚଳନ ଦ୍ୱାରା ଭାରତରେ ଅମ୍ଳ ପ୍ରଦୂଷଣର ଆଶଙ୍କା ବୃଦ୍ଧି ପାଇଛି। କୋଇଲା ଏବଂ ଖଣିଜ ତୈଳ ଆଦି ଜୀବାଶ୍ମ ଇନ୍ଧନର ଦହନ ଦ୍ୱାରା ବିଷାକ୍ତ ବାଷ୍ପ ବାହାରି ଅମ୍ଳ ପ୍ରଦୂଷଣ ହେଉଛି। ଯଦିଓ ଆମ ଦେଶରେ ଏହି ବାଷ୍ପର ନିର୍ଗତ ପରିମାଣ ଆମେରିକାଠାରୁ ବହୁତ କମ୍ ତଥାପି ଯେଉଁ ପରିମାଣରେ କୋଇଲା ଓ ଖଣିଜ ତୈଳ ବ୍ୟବହାରର ବୃଦ୍ଧି ହେଉଛି ଏହି ବିଷାକ୍ତ ବାଷ୍ପର ପରିମାଣ ବୃଦ୍ଧି ପାଇ ଆମ ଦେଶ ପ୍ରତି ଅମ୍ଳବୃଷ୍ଟିର ଭୟ ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆ ଯାଇନପାରେ।

ଏହି ଅମ୍ଳୀୟ ବର୍ଷାର ପ୍ରତିରୋଧ ପାଇଁ ଆମକୁ ସଚେତନତା ସୃଷ୍ଟି କରିବା ଉଚିତ। ଏଗୁଡିକ ହେଲା ଶିଳ୍ପାଞ୍ଚଳରୁ ନିଷ୍କାସିତ ଅମ୍ଳ ସୃଷ୍ଟିକାରୀ ଗ୍ୟାସ ଗୁଡିକୁ ଯଦି ବାୟୁମଣ୍ଡଳରେ ପ୍ରବେଶ କରବାକୁ ରୋକାଯାଏ ତେବେ ବାୟୁ ମଣ୍ଡଳରେ ଅଯଥା ଅଧିକ ଅମ୍ଳ ସୃଷ୍ଟି ହେବାର ଅବକାଶ ରହିବ ନାହିଁ। ଅର୍ଥାତ ଚିମିନିରୁ ଉପରକୁ ଉଠୁଥିବା ଧୂମରୁ ସଲଫର ଡାଇଅକ୍‌ସାଇଡ, ଅଙ୍ଗାରକାମ୍ଳ, କ୍ଲୋରିନ ଓ ଯବକ୍ଷାରଜାନ ଅକ୍‌ସାଇଡ ପ୍ରଭୃତି ଦୂର କରିବାକୁ ପଡିବ, ଏଥିପାଇଁ ବଡ ବଡ ଶିଳ୍ପାଞ୍ଚଳରେ ଗ୍ୟାସ ଦ୍ରବିକରଣ କାରଖାନା ପ୍ରତିଷ୍ଠା କରିବାକୁ ହେବ। ବାୟୁମଣ୍ଡଳକୁ ଅଙ୍ଗାର କଣିକା ଓ ଅଙ୍ଗାରକାମ୍ଳ ଗ୍ୟାସ କବଳରୁ ମୁକ୍ତ କରିବା ଲାଗି 'ଫ୍ଲୁଇଡାଇଜଡ୍ ବେଡ କମ୍ବସନ' ପଦ୍ଧତି ଅବଲମ୍ବନ କରାଯିବା ଉଚିତ। ସହରାଞ୍ଚଳ ଓ ଶିଳ୍ପାଞ୍ଚଳ ମାନଙ୍କରେ ଅଧିକ ପରିମାଣରେ ବୃକ୍ଷରୋପଣ କରାଯିବା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ହ୍ରାସ ଘଟିପାରିବ। ଯଦିଓ ଏହି ଅମ୍ଳବୃଷ୍ଟି ଏକ ଅନ୍ତର୍ଜାତିକ ସମସ୍ୟା, ତେଣୁ ସବୁ ଦେଶ ମିଳିମିଶି ଏହାର ସମାଧାନର ପନ୍ଥା ବାହାର କରିବାକୁ ପଡିବ।

# ଧୈର୍ଯ୍ୟ, ସହନଶୀଳତା ଏବଂ ଶାନ୍ତିର ଆବଶ୍ୟକତା



ମୌଲାନା ଫଜଲ ହକ ଖାନ୍
ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

ଈଶ୍ୱର ମଣିଷକୁ ସଂସାରରେ ସର୍ବୋତ୍କୃଷ୍ଟ ପ୍ରାଣୀ ରୂପେ ଜନ୍ମ ଦେଇଛନ୍ତି । ମଣିଷ ଭଳି ପଶୁ-ପକ୍ଷୀମାନେ ବି ରହିବା ପାଇଁ ବାସ ସ୍ଥଳି ଖୋଜିଥାନ୍ତି ଏବଂ ତିଆରି ବି କରିଥାନ୍ତି। ପକ୍ଷୀ ଅଣ୍ଡା ଦେଇଥିବା ବେଳେ ପଶୁମାନେ ଛୁଆ ଜନ୍ମ କରିଥାନ୍ତି। ଘର ସଂସାର ବି କରିଥାନ୍ତି। ମଣିଷ ବି ଏହି ଭଳି କରିଥାଏ । କିନ୍ତୁ ମଣିଷ ଓ ପଶୁ-ପକ୍ଷୀଙ୍କ ମଧ୍ୟରେ ଗୋଟିଏ ଫରକ ରହିଛି । ଯାହା ମଣିଷକୁ ସେମାନଙ୍କ ଠାରୁ ସର୍ବୋତ୍କୃଷ୍ଟ ଭାବେ ମର୍ଯ୍ୟାଦା ଦେଇପାରିଛି। ତାହା ହେଲା ବିବେକ। ଭଲ-ମନ୍ଦ ବିଚାର କରିବାର ଶକ୍ତି । ବୁଝି-ବିଚାରି କାର୍ଯ୍ୟ କରିବାର ପ୍ରତିଭା।

ବିଶ୍ୱର ବିକାଶ ଓ ଉନ୍ନତି ପ୍ରଖର ଗତିରେ ହେବା ସହ ସମସ୍ୟା ମଧ୍ୟ ବଢିଚାଲିଛି । ଉତ୍କୃଷ୍ଟ ମଣିଷ ପାଖେ ସେ ସବୁ ସମସ୍ୟାର ସମାଧାନ ଓ ସାଧନା ରହିଛି । କିନ୍ତୁ ବିଡ଼ମ୍ବନା ଏତିକି ହେଲା ଯେ ଉଚିତ୍ ସମୟରେ ବୁଝି-ବିଚାରି ତାକୁ ପ୍ରୟୋଗ କରି ପାରୁନାହିଁ । ତା' ପ୍ରତି ପ୍ରୟାସ କରି ପାରୁନାହିଁ। ଗୋଟିଏ ମେଣ୍ଢା ପାଣିକୁ ଡ଼େଇଁଲା ମାତ୍ରେ ସବୁ ମେଣ୍ଢା ତା' ଦେଖାଦେଖି ପାଣିକୁ ଡ଼େଇଁ ପଡ଼ିଥାନ୍ତି। ସେହିଭଳି ଅନେକ ବ୍ୟକ୍ତି ବୁଦ୍ଧି-ଜ୍ଞାନ ଥାଇ ମଧ୍ୟ, ବିବେକହରା ହୋଇ ଯାଇଥାଆନ୍ତି। ଫଳସ୍ୱରୂପ ସମାଜରେ ଭିନ୍ନ ଭିନ୍ନ ସମସ୍ୟା ଉପୁଜିଥାଏ । ଅରାଜକତା, ମନମାଳିନ୍ୟ ଓ ତିକ୍ତତା ବଢିଥାଏ। ଏପରିକି ଭାଇ-ଭାଇ ମଧ୍ୟରେ, ବନ୍ଧୁ-ବାନ୍ଧବଙ୍କ ମଧ୍ୟରେ, ସାଙ୍ଗ-ସାଥିମାନଙ୍କ ମଧ୍ୟରେ, ଶାସକ ଓ ଜନତା ମଧ୍ୟରେ, ଧର୍ମ-ଧର୍ମ ମଧ୍ୟରେ ଏବଂ ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବର୍ଷ ବର୍ଷ ଧରି ରହିଥିବା ବନ୍ଧୁତା ଓ ଭାଇଚାରାର ସୁନ୍ଦର ପରିବେଶ ଦୂଷିତ ଓ ଅଶାନ୍ତ ହୋଇ ଉଠିଥାଏ। ଏହିଭଳି ପରିବେଶ ଏବେ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଏହାଦ୍ୱାରା ମାନବିକତାର କ୍ଷୟ-କ୍ଷତି ଓ ପ୍ରାଣ ହାନି ଘଟୁଛି । ଭାଇଚାରା ଓ ବନ୍ଧୁତାର ବଳି ପଡୁଛି। ଈଶ୍ୱର ମଣିଷକୁ ମାଂସ, ହାଡ଼ ଓ ରକ୍ତରେ ତିଆରି କରିଛି । ଅନେକ ପର୍ଯ୍ୟାୟ ଦେଇ ଗତି କରି ମଣିଷଟିଏ ହୋଇପାରିଛି । ପ୍ରଦୂଷିତ ପରିବେଶର ରଙ୍ଗରେ ପଡ଼ି ବିବେକହରା ହୋଇ ମଣିଷ, ମଣିଷ ସହ ଶତ୍ରୁତା କରୁଛି। ଘୋର ସଂଘର୍ଷ କରୁଛି । ସେହି ସମୟରେ ଯଦି ସେ ଟିକିଏ ଧୈର୍ଯ୍ୟ ଧରା ହୁଅନ୍ତା ଏବଂ ବିବେକକୁ କାର୍ଯ୍ୟରତ କରିପାରନ୍ତା, ମଣିଷ ମଣିଷକୁ ଚିହ୍ନି ପାରନ୍ତା, ତା' ହେଲେ ସେ ବଡ଼ ବଡ଼ ଆଘାତ ଓ କ୍ଷୟ-କ୍ଷତିରୁ ବର୍ତ୍ତି ପାରନ୍ତା । ଆଘାତ, ପ୍ରତିଘାତ ଏବଂ ହତ୍ୟା କରିବାକୁ ସେ ଉଦ୍ୟମ କରନ୍ତା ନାହିଁ । ଫୁସତରେ ବହୁ ସମୟ ନେଇ ଏ ମଣିଷକୁ ତିଆରି କରିଛନ୍ତି ପ୍ରଭୁ। ରାଗ-ରୋଷ କ୍ଷଣକ ପାଇଁ ବିନା କ୍ଷୟ-କ୍ଷତିରେ ହୋଇବି ପାରନ୍ତା। କିନ୍ତୁ ସେହି ରାଗ-ରୋଷ ଦ୍ୱାରା କୌଣସି ମାନବର ହତ୍ୟା ହୋଇଥାଏ, ତେବେ ଏହା ବହୁତ ଦୁଃଖ ଓ ଦୁର୍ଭାଗ୍ୟର କଥା। ଏ ଯୁବ ସମାଜ ଏତେ ପାଠୁଆ ଏବଂ ଜ୍ଞାନ-ବିଜ୍ଞାନରେ ପରିପୂର୍ଣ୍ଣ ଥାଇ, ଏ ଧରାପୃଷ୍ଠରେ ଏତେ ଧର୍ମ ଆସି ମଧ୍ୟ ମଣିଷ ଶିଖିଲା କ'ଣ ? ଶିକ୍ଷା ଦେଲା କ'ଣ ? ପାଇଲା କ'ଣ ? ହଜାଇ ବସିଲା କ'ଣ ? କୁହାଯାଏ ଧର୍ମ ଏକାସିନା ମହତ ପଣିଆ ଆଉ ସବୁ କିଛି ଅଢେଇ ଦିନିଆ । ସକଳ ଧର୍ମରେ ଧୈର୍ଯ୍ୟ, ସହନଶୀଳତା, ଶାନ୍ତି ଏବଂ ଭାଇଚାରାର ଶିକ୍ଷା ମିଳିଥାଏ । ଆମେ ମଣିଷ ସବୁ ଭାଇଭାଇ । ବେସୁଧୈବକୁଟୁମ୍ବକମ୍ ଆମର ପରିଚୟ। ଏ ଧରା ଆମ ମାଁ । ଆମେ ମାନବ ଜାତି ଏକ କୁଟୁମ୍ବ। କେହି ବଡ଼-ଛୋଟ, ଉଚ୍ଚ-ନିଚ୍ଚ, ଗୋରା-କଳା ଏବଂ ଧନି-ଗରୀବ ନୁହେଁ । ସମସ୍ତେ ପ୍ରଭୁଙ୍କ ଦରବାରରେ ସମାନ। ଧର୍ମ ଆମକୁ ଶାନ୍ତି, ସହନଶୀଳତା, ସତ୍‌ମାର୍ଗ, ସଦ୍‌ଭାବନା, ସମନ୍ୱୟତା, ସରଳତା, ସତ୍ୟତା, ସଂଯମତା, ସାଧୁତା, ସଫଳତା ଏବଂ ସକାରାତ୍ମକତାର ଶିକ୍ଷା ଦେଇଥାଏ।

ଏକତା ଓ ଅଖଣ୍ଡତା ଆମର ଗୌରବ । ହିନ୍ଦୁ, ମୁସଲିମ, ଶିଖ, ଇସାଇ ହମ୍ ସବ୍ ହେଁ ଭାଇ ଭାଇ/ ଭାଇକୋ ହେଁ ଭାଇ ପ୍ୟାରା ଐସା ଓ୍ୱତନ୍ ରହେ ହମାରା। ମାଁ,ମାଟି ଓ ମାତୃକା ଠାରୁ ବଳି ଆଉ କିଏବା ବଡ଼ । ଏଇ ଆମ ଜନ୍ମ ଭୂମି ଏଇ ଆମ ଧ୍ୱଜା । ଏଇ ଗାଁ ମଷାଣୀରେ ଆମର ଶେଷ କ୍ରିୟାକର୍ମ ହୋଇଥାଏ। ଏଇ ଗାଁ ମାଟିରେ ଆମେ କବର ପାଇଥାଉ। ପରମବ୍ରହ୍ମ ପରମେଶ୍ୱର ଏକ। ଆମେ ତାଙ୍କ ସନ୍ତାନ । ଆସ ଆମେ ସଭିଁଏ ଏକ ମନ ଏକ ପ୍ରାଣ ହୋଇ ଏବେ ମାନବିକତାକୁ କ୍ଷୟ-କ୍ଷତି ହେବାରୁ ରକ୍ଷା କରିବା । ଆମ ମନ ଓ ମସ୍ତିକକୁ ସ୍ୱଚ୍ଛ ଓ ନିର୍ମଳ କରିବା। ଖରାପ ଦେଖିବା ନାହିଁ, ଖରାପ କହିବା ନାହିଁ, ଖରାପ ଶୁଣିବା ନାହିଁ ଏବଂ ଖରାପ ଚିନ୍ତା କରିବା ନାହିଁ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ଭାଇଚାରାର ଏକ ଅଭେଦ୍ୟ ଦୁର୍ଗ ନିର୍ମାଣ କରିବା । ମନ ମାଳିନତା, ଶତ୍ରୁତା, ଅରାଜକତା, ଈର୍ଷାପରାୟଣତା ଏବଂ ଅହଂକାରୀତାର ଶତ୍ରୁକୁ ଧୂଳିଚଟାଇବା। ତାକୁ ପରାସ୍ତ କରିବା। ଭାରତ ବର୍ଷର ବିକାଶ, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଦୃଢ଼ ସଂକଳ୍ପ ନେବା। ହାତକୁ ହାତ ମିଳାଇ କାନ୍ଧକୁ କାନ୍ଧ ଲଗାଇ ଭାରତ ମାତାର ଟେକ ରଖିବା । ଆମେ ଭାରତକୁ ମହାନ କରିବା । ଜୟ ହିନ୍ଦ । ଜୟ ଭାରତ।

# ଦୁର୍ନୀତି ଆଉ ପ୍ରସଙ୍ଗ ନୁହେଁ !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଚାମ୍ବରରେ ଆୟୋଜିତ ଇଣ୍ଡିଆ ମେଣ୍ଟର ବୈଠକରେ ତୃଣମୂଳ କଂଗ୍ରେସ (ଟିଏମସି) ଯୋଗ ନ ଦେବାକୁ ନେଇଥିବା ନିଷ୍ପତ୍ତି ଏକ ନୂତନ ସନ୍ଦେଶ ହେଉଛି ବୋଲି କୁହାଯାଇପାରେ। ସନ୍ଦେଶଟି ହେଉଛି, ପଶ୍ଚିମବଙ୍ଗରେ କ୍ଷମତାସୀନ ଟିଏମସି ଯୁକ୍ତରାଷ୍ଟ୍ର ଆମେରିକାର ଏକ ଅଦାଲତରେ ଭର୍ତ୍ସିତ ହୋଇଥିବା ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ ପ୍ରସଙ୍ଗରେ ପାର୍ଲିଆମେଣ୍ଟରେ ମୋଦୀ ସରକାରଙ୍କୁ ଘେରିବାକୁ ବିରୋଧି ଦଳ ସହ ସାମିଲ ହେବାକୁ ଆଗ୍ରହୀ ନୁହେଁ କେବଳ ଟିଏମସି ନୁହେଁ, ସମାଜବାଦୀ ପାର୍ଟି ମଧ୍ୟ 'ଇଣ୍ଡିଆ' ବ୍ଲକର ବିକ୍ଷୋଭରୁ ଦୂରେଇ ରହିଥିଲା। ଏହାର ମୁଖ୍ୟ କାରଣ ହେଉଛି 'ଦୁର୍ନୀତି ପ୍ରସଙ୍ଗ ଯେ ଆଉ ଫଳାଫଳ ନିର୍ବାଚନ ପ୍ରସଙ୍ଗ ହୋଇନାହିଁ, ଏହା ଟିଏମସିର ହୃଦବୋଧ ହୋଇଛି। ଏହା ନିସନ୍ଦେହ ଯେ, କଂଗ୍ରେସ ମହାରାଷ୍ଟ୍ର ଓ ହରିଆନା ବିଧାନସଭା ନିର୍ବାଚନରେ ଦୁର୍ନୀତିକୁ ପ୍ରସଙ୍ଗ କରିଥିବା ସତ୍ତ୍ୱେ ଏହାର କୌଣସି ପ୍ରଭାବ ନଥିବା ଫଳାଫଳ କହେ। କିନ୍ତୁ ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଅତୀତରେ ଦୁର୍ନୀତି ପ୍ରସଙ୍ଗ ଦେଶରେ ସରକାର ପରିବର୍ତ୍ତନ କରିଥିଲା। ବୋଫର୍ସ ବନ୍ଧୁକ କିଣା ଦୁର୍ନୀତି ରାଜୀବ ଗାନ୍ଧୀ ସରକାରର ପତନ ଘଟାଇଥିବା ବେଳେ ମନମୋହନ ସିଂହଙ୍କ ନେତୃତ୍ୱାଧୀନ ୟୁପିଏ-୨ ସରକାରର ପତନ ମଧ୍ୟ ଦୁର୍ନୀତି ଯୋଗୁଁ ଘଟିଥିଲା। ୨୦୧୪ରେ ବିଜେପି ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନ ଲଢିଥିଲା। ଏବେ ଆଦାନୀ ଦୁର୍ନୀତି ପ୍ରସଙ୍ଗକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଥିବା ସତ୍ତ୍ୱେ ଭୋଟଦାତାଙ୍କୁ ଏହା ପ୍ରଭାବିତ କରିପାରିନଥିଲା। ଦୁଇ ବର୍ଷ ତଳେ ବ୍ୟାପକ ଦୁର୍ନୀତି ଅଭିଯୋଗରେ କର୍ଣ୍ଣାଟକରେ ବିଜେପି କ୍ଷମତାଚ୍ୟୁତ ହୋଇଥିଲା। ସେହିପରି ତେଲେଙ୍ଗାନାରେ ଚନ୍ଦ୍ରଶେଖର ରାଓଙ୍କ ସରକାର ମଧ୍ୟ ଦୁର୍ନୀତି ପ୍ରସଙ୍ଗ ଉପରେ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ବିରୋଧ ଦଳ ନରେନ୍ଦ୍ର ମୋଦୀ ସରକାର ବିରୁଦ୍ଧରେ ଆଦାନୀ ପ୍ରସଙ୍ଗ ଓ ବହୁ ଦୁର୍ନୀତି ଅଭିଯୋଗ ଆଣିଥିଲେ ମଧ୍ୟ ଭୋଟଦାତାଙ୍କୁ ପ୍ରଭାବିତ କରିପାରିନଥିଲା। ଏହା ନିସନ୍ଦେହ ଯେ, ନିର୍ବାଚନରେ ଦୁର୍ନୀତି ଏବେ ଆଉ ଏକ ପ୍ରସଙ୍ଗ ହୋଇ ରହିନାହିଁ କି ଭୋଟଦାତାଙ୍କୁ ପ୍ରଭାବିତ କରିପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ଖଜୁରୀ ଗଛ ମୂଳରୁ ପାହାଚ ପାହାଚ ପରି ଦୁର୍ନୀତି ଏବେ ଦେଶରେ ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ କାୟା ବିସ୍ତାର କରିଛି। ଅଫିସର, କିରାଣୀଙ୍କ ଠାରୁ ଆରମ୍ଭ କରି ରାଜନେତାଙ୍କ ବାସଭବନରେ ଭିଜିଲାନ୍ସ, ସିବିଆଇ, ଇଡି ଚଢାଉ କରି ବ୍ୟାପକ ଆୟୁ ବର୍ହିଭୂତ ସମ୍ପତି ଠୁଳ କରିବା ଏବେ ଗଣମାଧ୍ୟମର ଶିରୋନାମା ପାଲଟିଛି। ୨୦୨୩ ବିଶ୍ୱ ଦୁର୍ନୀତି ସୂଚ୍ୟାଙ୍କରେ ବିଶ୍ୱର ୧୮୦ଟି ରାଷ୍ଟ୍ର ମଧ୍ୟରେ ୯୩ତମ ସ୍ଥାନରେ ରହିଛି। ଏବେ ତଦନ୍ତକାରୀ ସଂସ୍ଥାଗୁଡିକୁ କେନ୍ଦ୍ର ସରକାର ବିରୋଧିଙ୍କ ଭାବେ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୁଏ। ଯାହାକି ବାଛବିଚାର ବୋଲି କୁହାଯାଉଛି। ଅଭିଯୋଗ ହେଉଛି ଯେ, ଶାସକ ଦଳ ନେତାଙ୍କ ଦୁର୍ନୀତି ପ୍ରତି ସରକାର ଆଖିବୁଜି ଦେଉଥିବାବେଳେ କେବଳ ବିରୋଧ ଦଳ ନେତାଙ୍କ ବିରୁଦ୍ଧରେ ତଦନ୍ତ କରି ଜେଲକୁ ପଠାଇ ଦିଆଯାଉଥିବା କୁହାଯାଉଛି। ସେହିପରି ଗଣମାଧ୍ୟମ ମଧ୍ୟ ଶାସକ ଦଳ ନେତା ତଥା ଶାସକ ଦଳର ଘନିଷ୍ଠ ସହଯୋଗୀଙ୍କ ଦୁର୍ନୀତି ପ୍ରତି ଆଖିବୁଜି ଦେଇଛି। ସେହିପରି କେନ୍ଦ୍ର ସରକାରଙ୍କର ଦୁର୍ନୀତି ବିରୋଧି ଅଭିଯାନ ମଧ୍ୟ ବାଛବିଚାରମୂଳକ ହୋଇଥିବାବେଳେ ଗଣମାଧ୍ୟମର ନୀରବତା ଜନସାଧାରଣଙ୍କ ପାଇଁ ନୈରାଶ୍ୟର କାରଣ ହୋଇଛି। ନିକଟରେ ଦୁର୍ନୀତି ଅଭିଯୋଗରେ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀଙ୍କୁ ଇଡି ଗିରଫ କରି ଜେଲରେ ପୁରାଇଦେବା ସତ୍ତ୍ୱେ ବିଧାନସଭା ନିର୍ବାଚନରେ ସେ ଯେଉଁଭଳି ସଫଳତା ପାଇଲେ, ତାହା ଜନସାଧାରଣଙ୍କ ନୈରାଶ୍ୟବାଦର ପ୍ରତିଫଳନ ବୋଲି କୁହାଯାଇପାରେ। ଦେଶରେ ଦୁର୍ନୀତି ନେଇ ପିଉ ରିସର୍ଚ୍ଚ ସର୍ଭେ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି, ରାଜନେତାମାନେ ଦୁର୍ନୀତିଗ୍ରସ୍ତ ବୋଲି ଦୁଇ ତୃତୀୟାଂଶ ମତଦାତା ମତ ଦେଇ ରାଜନେତାମାନେ ଦୁର୍ନୀତିଗ୍ରସ୍ତ ଥିବା ସର୍ଭେରେ ଅଂଶଗ୍ରହଣକାରୀ ମତ ଦେଇଥିବା ସତ୍ତ୍ୱେ ଏବେ ନିର୍ବାଚନରେ ଏହା ପ୍ରତିଫଳିତ ହେଉନାହିଁ। ସତେ ଯେପରି ଦୁର୍ନୀତି ଏବେ ଆମ ଦେଶରେ ଏକ ନୀତିରେ ପରିଣତ ହୋଇଯାଇଛି। ଇଣ୍ଡିଆ ବୈଠକରେ ଟିଏମସି ସାମିଲ ହେବା ମତଭେଦ ନୁହେଁ ବରଂ ଦୁର୍ନୀତି ପ୍ରସଙ୍ଗ ପ୍ରତି ଦଳର ଆଭିମୁଖ୍ୟରେ ପରିବର୍ତ୍ତନ ବୋଲି କୁହାଯାଇପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୨

## ବୃହସ୍ପତିଙ୍କ ପୁତ୍ର 'କଚ' ସଞ୍ଜିବନୀ ବିଦ୍ୟା ହାସଲ କଲେ-୨



ଦିନକର କଥା । ଆଶ୍ରମର ଗାଈ ଚରେଇବାକୁ ଅରଣ୍ୟ ମଧ୍ୟକୁ ଯାଇଥିଲେ କଚ । ଦେଖିଦେଲେ ଅସୁର । ଅପୂର୍ବ ସୁଯୋଗ । ସେମାନେ ଧରିନେଲେ କଚକୁ । ହତ୍ୟାକଲେ । ଏବଂ ତା'ର ମାଂସକୁ କୁକୁରଙ୍କୁ ଖାଇବାକୁ ଦେଲେ । ବାସ୍ ସରିଗଲା !

ସଂଧ୍ୟା ହେଲା । ଗାଈମାନେ ଆପେ ଆପେ ଫେରିଆସିଲେ । କିନ୍ତୁ କଚ ଫେରିଲେ ନାହିଁ । ଦେବଜାନୀଙ୍କର ସନ୍ଦେହ ହେଲା । ସେ ବାପାଙ୍କ ନିକଟରେ ପହଞ୍ଚିଲେ । କହିଲେ- କଚ ଫେରିନାହାଁନ୍ତି । ମୁଁ ସନ୍ଦେହ କରୁଛି କିଛି ଦୁର୍ଘଟନା ଘଟିଛି । ତୁମେ କିଛି କର ବାପା ! କଚ ବିନା ମୁଁ ବଞ୍ଚିବି ନାହିଁ ।

ଶୁକ୍ରାଚାର୍ଯ୍ୟ ଝିଅର ଦୁଃଖ ଦେଖି ବିଚଳିତ ହୋଇ ଉଠିଲେ । ସହସା ସଞ୍ଜିବନୀ ମନ୍ତ୍ର ପ୍ରୟୋଗ କଲେ । କଚର ଆବିର୍ଭାବ ଘଟିଲା । ଗୁରୁଙ୍କୁ ଚାହିଁ ସେ ହସିଲା ଓ ପ୍ରଣାମ ହେଲା । ଦେବଜାନୀ ଏଥର କାରଣ ପଚାରିବାରୁ 'କଚ' ଯାହା ଘଟିଥିଲା ବର୍ଣ୍ଣନା କଲା ।

ଆଉ ଥରେ ମଧ୍ୟ ସେପରି ଘଟିଲା । କଚ ଯାଇଥିଲେ ବନସ୍ତକୁ । ଦେବଜାନୀ ପାଇଁ ଫୁଲ ସଂଗ୍ରହ କରିବାକୁ । ଦେଖିଦେଲେ ଅସୁର । କଚକୁ ମାରି ତାକୁ ବାଟି ପିଠଉ ପରି କରି ସମୁଦ୍ର ପାଣିରେ ମିଶେଇ ଦେଲେ । ଏଥର ମଧ୍ୟ ଦେବଜାନୀର ଅନୁରୋଧରେ ଆଚାର୍ଯ୍ୟ ସଞ୍ଜିବନୀ ମନ୍ତ୍ର ପ୍ରୟୋଗ କରି 'କଚ'କୁ ବଞ୍ଚେଇ ଦେଲେ ।

ତୃତୀୟ ଥର । ଅସୁରମାନେ ଚତୁରତା ସହ କଚକୁ ମାରି ନିଆଁରେ ପୋଡ଼ି ପାଉଁଶ କରିଦେଲେ । ଏବଂ ପାଉଁଶକୁ ମଦରେ ମିଶେଇ ଶୁକ୍ରାଚାର୍ଯ୍ୟଙ୍କୁ ପିଇବାକୁ ଦେଲେ । ସନ୍ଦେହ ନକରି ଆଚାର୍ଯ୍ୟ ପିଇଦେଲେ । ଗାଈମାନେ ଆପେ ଆପେ ଫେରି ଆସିବା ଦେଖି ଦେବଜାନୀ ବାପାଙ୍କୁ କହିଲେ ।

ଶୁକ୍ରାଚାର୍ଯ୍ୟ ସଞ୍ଜିବନୀ ମନ୍ତ୍ର ପ୍ରୟୋଗ କଲେ । କିନ୍ତୁ କଚ ଆସିଲେ ନାହିଁ । ସେଇଠୁ ଶୁକ୍ରାଚାର୍ଯ୍ୟ ଜାଣିଗଲେ, କଚ ବର୍ତ୍ତମାନ ତାଙ୍କ ଦେହରେ ମିଶିଯାଇଛି । ସେ ଝିଅକୁ ବୁଝେଇଲେ । କଚ ଆଉ ଫେରିବନାହିଁ । ତୁ ତାକୁ ଭୁଲିଯା ।

ଦେବଜାନୀ କାନ୍ଦିଲା । କହିଲା- ମୁଁ କଚ ବିହୁନେ ବଞ୍ଚିବି କିପରି ! ମୁଁ ମରିବି ।

ଦେବଜାନୀ ମୃତ୍ୟୁ ପର୍ଯ୍ୟନ୍ତ ଉପବାସ ଆରମ୍ଭ କରିଦେଲା ।

ଶୁକ୍ରାଚାର୍ଯ୍ୟ ମହାଚିନ୍ତାରେ ପଡ଼ିଲେ । ତାଙ୍କ ଦେହରେ 'କଚର'ର ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ । ମନ୍ତ୍ର ପ୍ରୟୋଗ ଫଳରେ 'କଚ' କେବଳ ଉତ୍ତର ଦେଉଥିଲା । କିନ୍ତୁ ବାହାରି ପାରୁନଥିଲା । ଶୁକ୍ରାଚାର୍ଯ୍ୟ ଜାଣିବାକୁ ଚାହିଁଲେ ଏହା କିପରି ଘଟିଲା । 'କଚ' ବିସ୍ତାରିତ ଭାବେ କହିଲେ । ଅସୁରଙ୍କ ଉପରେ ରାଗିଲେ ଶୁକ୍ରାଚାର୍ଯ୍ୟ କହିଲେ, ଏହି ବିବେକହୀନ କାର୍ଯ୍ୟ ପାଇଁ ଅସୁରମାନେ ଭବିଷ୍ୟତରେ ବହୁତ ଭୋଗିବେ ।

ଆଚାର୍ଯ୍ୟ କହିଲେ, "କଚ । ତୁମେ ମୋର ପାକସ୍ଥଳୀରେ ରହିଛ । ତୁମେ ଏଠାକୁ ଆସିବାର ଉଦ୍ଦେଶ୍ୟ ଜାଣିପାରିଛି । ଦେଇନଥାନ୍ତି, କିନ୍ତୁ ଝିଅପାଇଁ ଦେବି । ଶୁଣ କଚ ! ମୁଁ ତୁମକୁ ସଞ୍ଜିବନୀ ମନ୍ତ୍ର ଶିକ୍ଷା ଦେଉଛି । ତୁମେ ଅନ୍ତନାଡ଼ି ଫଟେଇ ବାହାରି ଆସିବା ପରେ ମୁଁ ମରିଯିବି । ତୁମେ ମୋତେ ମନ୍ତ୍ର ପ୍ରୟୋଗ କରି ବଞ୍ଚେଇ ଦେବ ।

କଚ କହିଲେ - ହଁ ।

ବର୍ତ୍ତମାନ 'କଚ' ବାହାରିଲେ ଶୁକ୍ରାଚାର୍ଯ୍ୟଙ୍କ ପେଟରୁ । ଶୁକ୍ରାଚାର୍ଯ୍ୟ ମରିପଡ଼ିଛନ୍ତି । କଚ ସଞ୍ଜିବନୀ ମନ୍ତ୍ର ପ୍ରୟୋଗ କରି ଗୁରୁଙ୍କୁ ବଞ୍ଚେଇଦେଲେ ।

କଚ ପ୍ରଣାମ କଲେ ଗୁରୁଙ୍କୁ । କହିଲେ- ଗୁରୁ ଶିଷ୍ୟର ପିତା । ପୁଣି ତୁମ ପେଟରୁ ଜନ୍ମ ହୋଇଥିବାରୁ ତୁମେ ମୋ ମାଆ । ମୋ ବାପା ମାଆ ତୁମେ, ଆଜିଠାରୁ । ମୋତେ ଆଶୀର୍ବାଦ ଦିଅ ।

ଶୁକ୍ରାଚାର୍ଯ୍ୟ ଆଶୀର୍ବାଦ ଦେଲେ ।

ଆଉରି କେତେବର୍ଷ କଚ, ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମରେ ରହିଲେ ।

ଦେବତାମାନେ ତାଙ୍କ ଉପରେ ନ୍ୟସ୍ତ କରିଥିବା ଦାୟିତ୍ୱ ଇତିମଧ୍ୟରେ ପୂରଣ ହୋଇଯାଇଥିଲା ।

'କଚ' ଗୁରୁଙ୍କୁ ମେଲାଣି ମାଗିଲେ । (**କ୍ରମଶଃ ...**)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ମାସ ମାର୍ଗଶୀର ଶ୍ରେଷ୍ଠ ଗୁରୁବାର

*ପ୍ରଫୁଲ୍ଲ କୁମାର ସାହୁ*



ମାସଟିର ନାମ ମାର୍ଗଶୀର
ବାର ମଧ୍ୟେ ଶ୍ରେଷ୍ଠ ଗୁରୁବାର
ଗାଆଁ ଠୁଁ ସହର ଯାଏ,
ଲିପା ପୋଛା ହୋଇ ପ୍ରତିଟି ଦୁଆରେ
ଝୋଟି ଚିତା ପଡ଼ିଥାଏ ।୧

କ୍ଷେତରୁ ଧାନକୁ କାଟି ନେଇ
ଖଳାକୁ ଆଣଇ ଚାଷୀ ଭାଇ
ଅମଳ କରଇ ହସି,
ବରଷକ ଦାନା ନୂଆ ଧାନ ଦେଖି
ମନେ ମନେ ହୁଏ ଖୁସି ।୨

ମାର୍ଗଶୀର ମାସ ଗୁରୁବାରେ
ମାଣ ବସା ଯାଏ ଘରେ ଘରେ
ରାତି ନ ପାହୁଣୁ ଉଠି,
ଘରର ଘରଣୀ ମାଣ ଯେ ବସାଏ
ନିଜ ଘରେ କରି କୋଠି ।୩

ନୂଆ ଚାଉଳର ପିଠା କ୍ଷୀରି
ଖେଚୁଡ଼ି ସାଥିରେ ତରକାରୀ
ମାଣ ପାଶେ ପୂଜା ହୁଏ,
ନିଜ ପରିବାର ଲୋକଙ୍କ ଭିତରେ
ଏହି ଭୋଗ ବଣ୍ଟା ଯାଏ ।୪

ନିଜର ଖଳାରେ ମେରି ପୋତି
ମେରି ଚାରିପାଖେ ଆଙ୍କି ଝୋଟି
ଗେଣ୍ଡୁ ଫୁଲେ କରି ମାଳ,
ଚାଷୀ ପୂଜିଥାଏ ଧୂପ ଦୀପ ଦେଇ
ମନାସି ଘର ମଙ୍ଗଳ ।୫

*ଯଦୁ-ମାଳତୀ କୃପା ନିବାସ, ଶକ୍ତିବିହାର/ବାଲିପଡ଼ା, ମାହାଙ୍ଗା, କଟକ-୭୫୪୨୦୭*
*ମୋ-୭୬୦୯୦୪୪୩୮୩*

# ଶୀତକୁ ଭଲ

*ଧ୍ରୁବ ଚରଣ ଘିବେଲା*

ଶୀତକୁ ଭଲ ଦେହରେ ଥିଲେ
ସୁନ୍ଦର ଶୀତବାସ
ଶୀତର ଭୟ ରହେନି ଏତେ
ହେଉଥିଲେ ବି ଶୀତ
ଶୀତକୁ ଭଲ ତଟକା ଖାଦ୍ୟ
ବାସି ନୁହଁଇ ଭଲ
ଶୀତଦିନରେ ତଟକା ଖାଦ୍ୟ
ବଢ଼ିଆ ରୁଚିକର
ଶୀତକୁ ଭଲ ସକାଳବୁଲା
ବୁଲିଲେ ଲାଗେ ମଜା
ଦେହରେ ରଖି ଶୀତ ପୋଷାକ
ବୁଲି ଆସିଲେ ତାଜା
ଶୀତକୁ ଭଲ ବେଗି ଉଠିବା
ଅଳସୁଆ ନ ହୋଇ
ଅଳସପଣେ ଖଇରା ଧରେ
କାମ ବାକିଆ ରହି
ଶୀତକୁ ଭଲ ନିତି ସିନାନ
ଦେହ ରହେଟି ସଫା
ସଫାସୁତୁରା ରହିଲେ ଦେହ
ଲାଗଇ ସତେଜତା
ଶୀତକୁ ଭଲ ବେଗି ଶୋଇବା
ରାତିରେ ଖାଇ ସାରି
ଶୋଇଲେ ବେଗି ଉଠିବେ ସିନା
ରାତି ଗଲେଟି ସରି
ଶୀତକୁ ଭଲ ବେଗି ଉଠିବା
ସକାଳ ପାହିଗଲେ
ସକାଳୁ ଉଠି ପଢ଼ି ବସିବା
ନିତି ଅଭ୍ୟାସ ବଳେ ।

*ବଉଦରାଜ, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*



# ଆସିଅଛି ଶୀତ

*ମିନାକ୍ଷୀ ଦ୍ୱିବେଦୀ*

ଟୋପା ଟୋପା ହେମ ଶିଶିର ବିନ୍ଦୁରେ
ପସରା ଖୋଲିଛି ଶୀତ
ଭାନୁର ପ୍ରକୋପ ମଉଳି ଯାଇଛି
ହସୁଅଛି ବସୁମାତ

ଭିଜା କାକରର ଶୀତଳ ପରସ
ସୁନେଲି ନରମ ଖରା,
ଜାଇ, ଯୁଇ, ହେନା, ଗେଣ୍ଡୁ, ସେବତୀରେ
ସୁନ୍ଦର ଦିଶଇ ଧରା

ସୋରିଷର କ୍ଷେତ ହଳଦୀ ଚାଦରେ
ତୋଳିନିଏ ସଭି ମନ
କୁହୁଡ଼ି ପଣତେ ଢାଙ୍କି ହୋଇ ମହୀ
ହସେ ବନ, ଉପବନ

କାର୍ତ୍ତିକ ପରେ ମଗୁସୁର ଆସେ
ଲକ୍ଷ୍ମୀ ପୂଜା ଘରେ ଘରେ
ଚାଉଳ ପିଠଉ ଝୋଟିର ଚିତାରେ
ଶଙ୍ଖ ହୁଳହୁଳି ସୁରେ

ଶୀତର ପ୍ରକୋପ ବେଖାତିର କରି
ଚାଷୀ ଯାଏ ପାଗ ଭିଡ଼ି
ଗାଁ ପୁରୋହିତ ପୋଖରୀ ତୁଠରୁ
ଆସୁଛନ୍ତି ଥରି ଥରି

ସ୍ୱେଟର, ଜ୍ୟାକେଟ, କମ୍ବଳ, ରେଜେଇ
ଲୋଡ଼ା ପଡ଼ିଲାଣି ଆଜି
ଗରିବ ଲୋକଟି ଶୀତଳ ହେମାଳେ
ବୁଦ୍ଧି ତା ଯାଇଛି ହଜି

ଆସ ମୁନା, କୁନା, ଟୁକୁନା, ସିପୁନା
ପଇସା ରଖିବା ଗଣି
ଶୀତ ବସ୍ତ୍ର ଯେତେ ପ୍ରଦାନ କରିବା
ଲୋକେ ଯେ କହିବେ ଗୁଣୀ

ମାନବର ସେବା, ବିଭୁ ପାଦେ ଭକ୍ତି
ସବୁ ଅଟେ ଏକାକାର
ଗରିବର ପେଟେ ଭରିଦେବା ଦାନା
ଲକ୍ଷ୍ୟ ରଖି ନିରନ୍ତର ।

*ମୋ- ୭୯୭୮୦୮୨୮୩୪*



# ଚାଲିଥାଉ ବହିମେଳା

*ପ୍ରଶାନ୍ତ କୁମାର ଦାଶ*



ଗାଆଁ ସହରେ ଚାଲିଚି ଏବେ
ସୁନ୍ଦର ବହିମେଳା
ମେଳା ମଣ୍ଡପେ ହେଇଚି ଖଞ୍ଜା
କେତେ ଆଲୋକମାଳା

ମେଳାରେ ଅଛି କେତେଯେ ବହି
ମନ ନଉଚି ମୋହି
ବୁଲି ଦେଖନ୍ତି ବହି ସବୁକୁ
ପାଠକ ଭିଡେ ରହି

ରଙ୍ଗ ରଙ୍ଗିଆ କେତେଯେ ବହି
ଗୀତ ଗପରେ ଭରା
ସୁନ୍ଦର ଛପା ଛବିତ ଭରା
ଦିଶୁଛି ପୁଣି ତୋରା

ବହି ଖଣ୍ଡିଏ ଖୋଜି ଖୋଜିକି
ମେଳାରୁ ଗଲେ ପାଇ
ଖୁସି ହୁଅନ୍ତି ପାଇଲାପରି
ଧନ ପାଠକଭାଇ

ବହିମେଳାତ ଆନନ୍ଦ ଦିଏ
ହାତଠାରିକି ଡାକେ
ସବୁ କାମକୁ ପଛେ ପକେଇ
ପାଠକ ଧାଏଁ ପାଖେ

ହିମେଳାତ ଏକତା ଭାବ
ଆମ ମନକୁ ଆଣେ
ପଢ଼ିବା ଖୁସୀ ଦେଇ ସଭିଙ୍କୁ
ନିଜ ଆଡକୁ ଟାଣେ

ଗାଆଁ ସହରେ ବହିର ମେଳା
ଚାଲିଲେ ନିତି ସଞ୍ଜେ
କିଣିବା ବହି ମନଲଗେଇ
ମନ ମଉଜେ ଖଞ୍ଜେ ।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଦେଖିବା ପୁସ୍ତକ ମେଳା

*ନୀଳମଣି ଚନ୍ଦ*

ଧୀରେ ଧୀରେ ବଢ଼େ ଥଣ୍ଡା,ଶୀତ,ଜାଡ଼
ବର୍ଷ ଆସେ ସରି ସରି
ରାଜଧାନୀ ପ୍ରଦର୍ଶନୀ ପଡ଼ିଆଟି
ଗଲାଣି ବହିରେ ଭରି

ଓଡ଼ିଶାରେ ଯେତେ ବହିମେଳା ହୁଏ
ସୁଠାରୁ ବଡ଼ ଇଏ
ଦୂରଦୂରାନ୍ତର ପୁସ୍ତକପ୍ରେମୀଙ୍କୁ
ଆକର୍ଷିତ କରିନିଏ

ଏଇ ଡିସେମ୍ବର ଛଅରୁ ସତର
ହେଉଛି ପୁସ୍ତକ ମେଳା
କେତେ ବୁକ୍ ଷ୍ଟଲ୍ ସେଠାରେ ପଡିଛି
ପାଠକଙ୍କ ଶୁଭବେଳା

ପୂର୍ବନାମ ଥିଲା 'ଅକ୍ଷର'ଟି ତା'ର
ବଦଳିଛି ଏବେ ସିଏ
'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ
ମହୋତ୍ସବ' କହେ କିଏ

ବିଭିନ୍ନ ରାଜ୍ୟର ବିଭିନ୍ନ ଭାଷାର
ବହି ସେ ସ୍ଥାନରେ ମିଳେ
ବୁବୁନ କହିଲା ବହିମେଳା ଯିବ
ଶୋଚନା ନକରି ତିଳେ

ବାଛି ବାଛି କିଣି ଆଣିବ ବହି ସେ
ପଢ଼ିଲେ ବଢ଼ିବ ଜ୍ଞାନ
ସଭିଙ୍କର ଲୋଡ଼ା ବହିଟି ସିନାରେ
ହେଉ ବଡ଼ ଅବା ସାନ ।

*ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଚାଷୀ ଭାଇ ଅଟେ ଆମ ଗରବ

*ସୁରମା ମିଶ୍ର*



ଗଲା ହେମନ୍ତ, ଆସିଲା ଶୀତ
ଚାଷୀ ଭାଇ ମନ ଭାରି ଉସତ
ସବୁଜ ରଙ୍ଗରେ କ୍ଷେତ ଶୋଭୁଛି
ସୋରିଷ ଫୁଲ ଫୁଟି ହସୁଛି

ହଳଦୀ ରଙ୍ଗେ ରଙ୍ଗେଇ ହୋଇ
ସଭିଙ୍କ ମନ ମୋହି ନିଅଇ
ଶୀତେ ଥରି ଥରି ଚାଷୀ ଭାଇ ଟି
କ୍ଷେତ ପାଖେ ଜଗି ବସି ଥାଏ ଟି

ନାନା ଜାତି ପରିବା ଉତ୍ପାଦନ
କରୁଥାଏ ସିଏ ଲଗାଇ ମନ
ନାହିଁ ଶୀତ ବସ୍ତ୍ର ନାହିଁରେ ନାହିଁ
ଫୁଙ୍ଗୁଳା ଦେହରେ ଖଟଇ ଯାଇ

ନିଜ ପେଟରେ ଦେଇ ଓଦା କନା
ଦୁନିଆକୁ ସିଏ ଯୋଗାଏ ଦାନା
କେହି ବୁଝନ୍ତିନି ତାହାରି କଷ୍ଟ
କିଛି ନଥାଇ ସେ ସଦା ସନ୍ତୁଷ୍ଟ

ଚାଷୀ ଭାଇ ଅଟେ ଆମ ଗରବ
କିଏ ତାହା ସରି ହେବ ରେ ହେବ
ଆସ ଭାଇ ମାନେ ଆସରେ ଆସ
ଗାଇବାରେ ଚାଷୀ ଭାଇର ଯଶ ।

*ବିଏଲ ୩୯,ଭିଏସଏସନଗର,ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# କୁନି କୁନି ଶିଶୁ ଆମେ...

*ସନ୍ତୋଷ କୁମାର ଅଦାବର*

କୁନି କୁନି ଶିଶୁ ଆମେ ହସୁ ଖିଲି ଖିଲି
ଟିକି ଟିକି ପାଦେ ଆମ ଥିରି ଥିରି ଚାଲି
ନାଲି ନାଲି ଓଠେ ମିଠା ମିଠା ଆମ ଗୀତ
ଘିରି ଘିରି ଖେଳୁ ଆମେ ସୁନା ସୁନା ମିତ
ନୂଆ ନୂଆ ଆଶା ଆମ କୁନି କୁନି ମନେ
ମହ ମହ ଫୁଲ ଆମେ ଟିକି ଟିକି ବନେ
ସାଙ୍ଗ ସାଙ୍ଗ ହୋଇ ପଢୁ ଭଲ ଭଲ ପାଠ
ଅଳ୍ପ ଅଳ୍ପ ହସି କଥା କହୁ ମିଷ୍ଟ ମିଷ୍ଟ
ନୀଳ ନୀଳ ଆକାଶରେ ଡେଣା ଝାଡ଼ି ଝାଡ଼ି
କୁନି କୁନି ପକ୍ଷୀ ଆମେ ବୁଲୁ ଉଡ଼ି ଉଡ଼ି ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*

# ଘୁମୁରି ପାରା



ପ୍ରଦ୍ୟୁମ୍ନ ପଟ୍ଟନାୟକ

ବାବୁଲାର ଘର ମାଧପୁର ଗାଆଁରେ । କାଠ ବାଉଁଶରେ ତିଆରି ଘରଟିଏ କରି ରହୁଥାନ୍ତି ତାଙ୍କ ପରିବାର । କେଉଁ କାଳରୁ ତାଙ୍କ ଘରକୁ ଲାଗି ରହିଥାଏ ବର ଓସ୍ତ ଦୁଇଟି ବଡ଼ ବଡ଼ ଗଛ । ଗଛରେ ବସା ବାନ୍ଧି ଥାଆନ୍ତି କେତେ ଜାତିର ପକ୍ଷୀ । କାଉ, ବଣି, କପୋତ ଆଦି ପକ୍ଷୀ ମାନଙ୍କର କଚିରି ମିଚିରି ଶୁଣିବାକୁ ମିଳେ ଦିନସାରା । ସକାଳୁ ବାବୁଲାର ନିଦ ଭାଙ୍ଗିଥାଏ କାଉ ରାବ ଶୁଣି ।

ଦିନେ ସକାଳୁ ଘର ବାରଣ୍ଡାରେ ବସି ପାଠ ପଢୁଥାଏ ବାବୁଲା । ତା ପାଖରେ ଆସି ପାରା ଦୁଇଟି ଘୁମୁରିବା ଆରମ୍ଭ କରିଦେଲେ । ବାବୁଲା ଜାଣିଗଲା ପାରା ଯୋଡ଼ିକ ତା' ପାଖରେ ଆସି ଘୁମୁରୁଛନ୍ତି କାହିଁକି ? ଶୀତ ଆସିଗଲାଣି, ଏଯାଏ ତାଙ୍କୁ ଘର କରିବାକୁ ଜାଗାଟିଏ ମିଳିନାହିଁ । ସାଧାରଣତଃ ଘୁମୁରି ପାରାମାନେ ଘର ଛାତ କୋଣ କିମ୍ବା କାଠ ଭାଡିରେ ଘର କରି ମଣିଷଙ୍କ ପାଖରେ ରହନ୍ତି । ଗଛ ଡାଳରେ ବସା ବାନ୍ଧି ନଥାନ୍ତି । ବାବୁଲା ଏକଥା ଜାଣି ତା' ବାପାଙ୍କୁ କହିଲା, ପାରାଙ୍କ ଘର ପାଇଁ ଜାଗାଟିଏ ଯୋଗାଡ କରିଦେବାକୁ । ତା' ବାପା କହିଲେ ଘରର ଓରାରେ ଗୋଟିଏ ପାଛିଆ ଝୁଲାଇ ଦେବା । ସେଠି ପାରା ଯୋଡିକ ନିର୍ଭୟରେ ଘର କରି ରହିବେ । କୁକୁର ବିଲେଇ କେହି ତାଙ୍କୁ ମାରି ପାରିବେନାହିଁ ।

ବାବୁଲାର ବାପା ସେହିଦିନ ଗୋଟିଏ ପୁରୁଣା ପାଛିଆ ନେଇ, ସେଥିରେ ରଶି ବାନ୍ଧି, ଓରାରେ ଝୁଲାଇ ଦେଲେ । ତାଙ୍କ ଘର ପାଇଁ ଜାଗାଟିଏ ମିଳିଯିବା ଦେଖି ପାରା ଦୁଇଟି ବହୁତ ଖୁସି ହୋଇଗଲେ । ବାଡ଼ି ବଗିଚାରୁ ଶୁଖିଲା କାଠି କୁଟା ନିଜ ଥଣ୍ଟରେ ବୋହି ଆଣିଲେ । ପାଛିଆ ଭିତରେ ସୁନ୍ଦର ଘରଟିଏ ତିଆରି କଲେ । ତା' ଉପରେ ଶୁଖିଲା ଘାସ ପତ୍ର ବିଛାଇ ନରମ ବିଛଣା ପାରି ଦେଲେ । ମାଈ ପାରା କଅଁଳ ଘାସ ଉପରେ ଅଣ୍ଡା ଦେଲା । କିଛିଦିନ ପରେ ଅଣ୍ଡାରୁ ବାହାରି ଛୋଟ ଛୋଟ ଛୁଆମାନେ ଚିଁ ଚିଁ ଶବ୍ଦ କରିବାକୁ ଲାଗିଲେ । ବାବୁଲା ସବୁଦିନ ପାରା ଦୁଇଟିଙ୍କୁ ଦେଖି ଖୁସି ହେଉଥିଲା । ଏବେ ପାରା ଛୁଆଙ୍କ ଶବ୍ଦ ଶୁଣି ତାଙ୍କୁ ଦେଖିବାକୁ ଚାହୁଁଥିଲା । ସେକଥା ଜାଣି ବାପା କହିଲେ, ପାରା ଛୁଆ ଗୁଡ଼ିକ ଏବେ ଉଡ଼ି ଶିଖି ନାହାଁନ୍ତି ତେଣୁ ବାହରକୁ ଆସି ପାରୁନାହାଁନ୍ତି । କିଛିଦିନ ପରେ ତାଙ୍କ ଡେଣା ଶକ୍ତ ହେଲେ ବାହରକୁ ଆସିବେ ।

ଦିନେ ଖାଇବା ଖୋଜି ଖୋଜି ଡମଣା ସାପ ବର ଗଛରୁ ଓହ୍ଲେଇ ଆସିଲା । ଚାଲଦେଇ ଘର ଭିତରେ ପଶିଗଲା । ପାରା ଛୁଆଙ୍କୁ ଦେଖି ତାଙ୍କୁ ଖାଇବାକୁ ତା ପାଟିରୁ ଲାଳ ଗଡିଲା । ସେ ଜିଭ ଲହ ଲହ କରି ପାଛିଆ ଆଡ଼କୁ ଆସୁଥିବା ଦେଖି ପାରା ଦୁଇଟି ଡରିଗଲେ । ପୁଣି ଜୋର୍ ଜୋର୍ ଘୁମୁରିବାକୁ ଲାଗିଲେ । ବାବୁଲା ପାରାଙ୍କ ଘୁମୁରା ଶୁଣି ଉପରକୁ ଚାହିଁ ସାପକୁ ଦେଖିଲା । ସେ ବି ଡରିଯାଇଥିଲା । ପାଟିକରି ବାପାଙ୍କୁ ଡାକିଲା । ବାବୁଲାର ବାପା ଗୋଟିଏ ଲମ୍ବା ଆଙ୍କୁଡା ଆଣି ସାପକୁ ଟାଣି ତଳକୁ ଖସାଇ ଦେଲେ । ସାପ ଧରାଳି ତାକୁ ନେଇ ଦୂର ଜଙ୍ଗଲରେ ଛାଡ଼ି ଦେଲେ । ପାରାଙ୍କର ଛୁଆମାନେ ରକ୍ଷା ପାଇଗଲେ । ବାବୁଲା ବି ତାଙ୍କୁ ଦେଖି ଖୁସି ହେଲା ।

*ଫ୍ଲାଟ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬*
*ମୋ:୯୯୬୮୨୮୦୮୯୬*

# ତୁମ ତୂଳୀରୁ ...



ଆଶୁତୋଷ ବାରିକ , ଶ୍ରେଣୀ-ଅଷ୍ଟମ
କେନ୍ଦ୍ରୀୟ ବିଦ୍ୟାଳୟ-୨, କଟକ

# ଜନମ ଭୂମି

*ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ*



କାମଧେନୁ ସମ ଅତି ଅନୁପମ
ଜନମ ଭୂମି ମୋ ଅଟେ -
ଯେଉଁଠି ଥିଲେବି ତା ସୁନ୍ଦର ରୂପ
ଭାସେ ମୋ ମାନସ ପଟେ,
ଜନମୁଁ ଏଯାଏଁ ଯାହା ମୁଁ ଖୋଜିଛି
ଯୋଗାଇଛି ମତେ ସିଏ -
ଯା ବକ୍ଷ ନିସୃତ ଅମୃତ ଧାରା ମୁଁ
ମହା ଆନନ୍ଦରେ ପିଏ,
ତା କୋଳେ ଜନମି ବଢ଼ନ୍ତି ଫଳନ୍ତି
ନାନା ଜାତି ତରୁ ଲତା -
ରକ୍ଷା କରିଥାନ୍ତି ଖରା ବରଷାରୁ
ମେଲାଇ ଛାଇର ଛତା,
ତା ଦୟାରୁ ମିଳେ ଫୁଲ ଫଳ ଯେତେ
ଦିଅଇ ସେ ଅମ୍ଳାନ -
ତା ଶସ୍ୟରୁ ଜାତ ଖାଦ୍ୟ ଦରବ ଯେ
ତିଆରଇ ବୁଦ୍ଧି ଜ୍ଞାନ,
ତା ସହିବା ଗୁଣ ସବୁଠୁ ନିଆରା
ଯାହାର ତୁଳନା ନାହିଁ -
ବ୍ୟୋମଯାନେ ଚଢ଼ି ଆକାଶରେ ଉଡ଼ି
ରହିବି ତା ଆଡ଼େ ଚାହିଁ ।

*କଣ୍ଟାବଣିଆ, ଛତ୍ରପଡ଼ା,*
*ପ୍ରୀତିପୁର, ଯାଜପୁର*
*ମୋ- ୯୪୩୭୮୫୪୧୭୫*

## ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ ସୁପର ୧୦୦ ପ୍ରତିଯୋଗିତାରେ ଚମକିଲେ ଓଡ଼ିଆ ଝିଅ



**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାଷ୍ଟରର୍ସ ବିଡବ୍ଲ୍ୟୁଏଫ ସୁପର୧୦୦ ପ୍ରତିଯୋଗିତାରେ ଚମକିଲେ ଓଡ଼ିଆ ଝିଅ। ପ୍ରଥମ ଯୁଗଳ ମ୍ୟାଚ୍‌ରେ ଭାରତୀୟ ଖେଳାଳି ଆରାଧନା ବାଲଚନ୍ଦ୍ର ଓ ମୁସ୍କାନ ଖାନଙ୍କ ବିପକ୍ଷରେ ଏହି ବିଜୟ ହାସଲ କରିଛନ୍ତି ଦୁଇ ଭଉଣୀ ରତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା। ଜବାହରଲାଲ ଇନ୍‌ଡୋର ଷ୍ଟାଡିଅମରେ ଖେଳାଯାଇ ଥିବା ପ୍ରଥମ ଯୁଗଳ ପ୍ରତିଯୋଗିତା ବେଶ୍ ରୋମାଞ୍ଚକର ରହିଥିଲା। ପ୍ରଥମ ସେଟ୍‌ରୁ ଦେଖିବାକୁ ମିଳିଥିଲା ହାଇଭୋଲଟେଜ ମୁକାବିଲା। ପ୍ରଥମ ସେଟ୍‌ରେ ପଣ୍ଡା ଭଉଣୀ ୨୧-୧୪ ପଏଣ୍ଟ ହାସଲ କରିଥିଲା ବେଳେ ଦ୍ୱିତୀୟ ସେଟ୍ ଆରମ୍ଭରୁ ଟପ୍ ରହିଥିଲା। ପ୍ରଥମରୁ ପଣ୍ଡା ଭଉଣୀଙ୍କୁ ପଛରେ ପକାଇଥିଲେ ଆରାଧନା ଓ ମୁସ୍କାନ। କିନ୍ତୁ ଧୈର୍ଯ୍ୟ ଓ ନିଷ୍ଠାର ସହ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ପରେ ମ୍ୟାଚ୍‌କୁ ସମାନ ୨୧-୧୪ ପଏଣ୍ଟ ସହ, ଏକ ପାଖିଆ ଢଙ୍ଗରେ ଦ୍ୱିତୀୟ ସେଟ୍‌କୁ ପୁଣି ଜିତି ନେଇଥିଲେ ରତୁପର୍ଣ୍ଣା ଶ୍ୱେତପର୍ଣ୍ଣା। ଦୁଇଟି ସେଟ୍‌ରେ ବିଜୟ ଲାଭ କରିବା ପରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ପଣ୍ଡା ଭଉଣୀ। ତେବେ ଘରୋଇ ମାଟିରେ ମ୍ୟାଚ୍ ଖେଳିବା ଓ ବିଜୟ ଲାଭ କରିବା ଏକ ଗର୍ବର ବିଷୟ। ଗୁରୁବାର ହେବାକୁ ଥିବା ବଡ଼ ମ୍ୟାଚ୍ ପାଇଁ ଏହି ବିଜୟ ବେଶ୍ ମନୋବଳ ବୃଦ୍ଧି କରିଥିବା କହିଛନ୍ତି ଦୁଇ ଭଉଣୀ।

## ଆଇସିସି ଟେଷ୍ଟ ମାନ୍ୟତା

# ରୋହିତ-କୋହଲିଙ୍କ ସ୍ଥିତି ଖରାପ; ବୁମ୍ରାଙ୍କ ଦବ୍‌ଦବା ଜାରି



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସସି) ପ୍ରକାଶ କରିଥିବା ସର୍ବଶେଷ ଟେଷ୍ଟ ମାନ୍ୟତାରେ ଭାରତୀୟ ଭେଟେରାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ବୁଧବାର ପ୍ରକାଶିତ ଆଇସିସି ମାନ୍ୟତାରେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ ତାଙ୍କ ସାଥୀ ଖେଳାଳି ଜୋ ରୁଟ୍‌ଙ୍କୁ ହଟାଇ ଆଇସିସି ବ୍ୟାଟର ରାଙ୍କିଂର ଶୀର୍ଷରେ ପହଞ୍ଚିଛନ୍ତି। ଅନ୍ୟପଟେ ଆଇସିସି ବୋଲର ମାନ୍ୟତାରେ ଜସ୍‌ପ୍ରୀତ୍ ବୁମ୍‌ରା ଏବଂ ଅଲରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡ଼େଜା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

ଗତ ସପ୍ତାହରେ ୱେଲିଂଟନ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନିଜ କ୍ୟାରିୟରର ଅଷ୍ଟମ ଶତକ ହାସଲ କରିଥିବା ୨୫ ବର୍ଷୀୟ ବ୍ରୁକ୍ ଆଇସିସି ମାନ୍ୟତାରେ ଟେଷ୍ଟ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନକୁ ଉଠିଛନ୍ତି। ତାଙ୍କ ବରିଷ୍ଠ ସାଥୀ ଖେଳାଳି ଜୋ ରୁଟ୍‌ଙ୍କଠାରୁ ମାତ୍ର ଗୋଟିଏ ପଏଣ୍ଟ ଆଗରେ ଅଛନ୍ତି ହ୍ୟାରୀ ବ୍ରୁକ୍। ରୁଟ୍ ୮୯୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୮୯୮ ପଏଣ୍ଟ ସହ ଶୀର୍ଷରେ ପହଞ୍ଚିଛନ୍ତି ବ୍ରୁକ୍। ଚଳିତ ବର୍ଷ ଜୁଲାଇରେ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ କେନ୍ ୱିଲିୟମସନଙ୍କୁ ହଟାଇ ରୁଟ୍ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ସେବେଠାରୁ ଶୀର୍ଷ ସ୍ଥାନରେ ରହିଥିଲେ ଜୋ ରୁଟ୍।

ଅନ୍ୟପକ୍ଷରେ ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ଏଥର ଆଇସିସି ର୍‍ୟାଙ୍କିଂରେ ବଡ଼ କ୍ଷତି ସହିବାକୁ ପଡ଼ିଛି। ଅଧିନାୟକ ରୋହିତ ଶର୍ମା ଶୀର୍ଷ ୩୦ରୁ ବାଦ୍ ପଡ଼ିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ମାନ୍ୟତାରେ ରୋହିତ ୩୧ଶ ସ୍ଥାନକୁ ଖସି ଆସିଥିବାବେଳେ ବିରାଟ କୋହଲି ୬ଟି ସ୍ଥାନ ହରାଇ ୨୦ଶ ସ୍ଥାନରେ ପହଞ୍ଚିଛନ୍ତି। ଚଳିତବର୍ଷ ଟେଷ୍ଟ ର୍‍ୟାଙ୍କିଂ ଦୃଷ୍ଟିରୁ ଉଭୟ ଖେଳାଳି ସେମାନଙ୍କର ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଛନ୍ତି। ଯୁବ ଓପନର୍ ଯଶସ୍ୱୀ ଜୈସ୍ୱାଲ ଚତୁର୍ଥ ସ୍ଥାନରେ ଥିବାବେଳେ କେନ୍ ୱିଲିୟମସନ ତୃତୀୟ ସ୍ଥାନରେ ଅଛନ୍ତି। ଶୀର୍ଷ ୨୦ ମାନ୍ୟତାରେ ଋଷଭ ପନ୍ତ ନବମ ଓ ଶୁଭମନ ଗିଲ ୧୭ଶ ସ୍ଥାନରେ ଅଛନ୍ତି।

ଅନ୍ୟପଟେ ଆଇସିସି ଟେଷ୍ଟ ବୋଲର ମାନ୍ୟତାରେ ଜସପ୍ରୀତ ବୁମ୍‌ରାଙ୍କ ଦବ୍‌ଦବା ଜାରି ରହିଛି। ୮୯୦ ରେଟିଂ ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି ବୁମ୍‌ରା। ତାଙ୍କ ପରେ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରାବାଡା (୮୫୬) ଏବଂ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍ (୮୫୧) ଅଛନ୍ତି। ସେହିଭଳି ୪୧୫ ରେଟିଂ ପଏଣ୍ଟ ସହ ଟେଷ୍ଟ ଅଲରାଉଣ୍ଡର ସୂଚୀରେ ରବୀନ୍ଦ୍ର ଜାଡ଼େଜା ମଧ୍ୟ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ୨୮୫ ପଏଣ୍ଟ ସହ ବାଂଲାଦେଶ ଅଧିନାୟକ ମେହିଡି ହାସନ ମିରାଜ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

## ମ୍ୟାଚ୍ ନ ଖେଳି ବିଶ୍ୱରେକର୍ଡ କଲା ଭାରତ
## ୨୦୦ ଦିନ ପୂର୍ବରୁ ଟିକେଟ୍ ଶେଷ




**ବର୍ମିଂହାମ**

ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ବର୍ଡର-ଗାଭାସ୍କର ଟ୍ରଫିରେ ବ୍ୟସ୍ତ ଅଛି। ଉଭୟ ଭାରତ ଏବଂ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଛନ୍ତି। ଏହି ସିରିଜ୍‌ର ଶେଷ ମ୍ୟାଚ୍ ଜାନୁଆରୀ ୩ରୁ ସିଡ୍‌ନୀରେ ଖେଳାଯିବ। ଆସନ୍ତା ବର୍ଷ ଜୁନ୍‌ରେ ଟିମ୍ ଇଣ୍ଡିଆ ଇଂଲଣ୍ଡ ଗସ୍ତ କରିବ। ଯେଉଁଠାରେ ଦୁଇ ଦଳ ମଧ୍ୟରେ ପାଞ୍ଚଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ବିଶ୍ୱ ସିରିଜ୍ ଚାମ୍ପିଅନସିପ୍ ଫାଇନାଲ ପରେ ଏହି ସିରିଜ୍ ଆରମ୍ଭ ହେବ। ବର୍ତ୍ତମାନ ଏଭଳି ଖବର ସାମ୍ନାକୁ ଆସିଛି ଯେ ଏହାକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ। ଇଂଲଣ୍ଡ ବିପକ୍ଷ ସିରିଜର ଦ୍ୱିତୀୟ ମ୍ୟାଚ ବର୍ମିଂହାମରେ ଖେଳାଯିବ, ଯେଉଁଥିପାଇଁ ପ୍ରଥମ ୪ ଦିନର ସମସ୍ତ ଟିକେଟ ବିକ୍ରି ହୋଇସାରିଛି।

ଭାରତ ବନାମ ଇଂଲଣ୍ଡ ବର୍ମିଂହାମ ଟେଷ୍ଟ ମ୍ୟାଚ୍ ୨ ଜୁଲାଇ ୨୦୨୫ରେ ଆରମ୍ଭ ହେବ। ଏହି ମ୍ୟାଚ୍ ପାଇଁ ୨୦୩ ଦିନ ବାକି ଅଛି। ପ୍ରାୟ ୭ ମାସ ପୂର୍ବେ ବିକ୍ରି ହୋଇଥିବା ଟିକେଟ୍ ହେଉଛି ପ୍ରମାଣ ଯେ ଇଂଲଣ୍ଡ ଏବଂ ଭାରତରେ କ୍ରିକେଟ ପାଇଁ କ୍ରେଜ୍ ଭିନ୍ନ ସ୍ତରରେ ଅଛି। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏହି ସିରିଜ୍‌କୁ ପଟୌଦି ଟ୍ରଫି ରଖାଯାଇଛି, ଯାହାର ପ୍ରଥମ ମ୍ୟାଚ୍ ୨୦ ଜୁନରୁ ଲିଡ୍ସରେ ଖେଳାଯିବ। ବର୍ମିଂହାମ୍‌ରେ ହେବାକୁ ଥିବା ମ୍ୟାଚ୍‌ର ପ୍ରଥମ ଚାରି ଦିନ ପାଇଁ ସମସ୍ତ ଟିକେଟ ବିକ୍ରି ହୋଇସାରିଛି। ଏବେ ଯଦି ଅନ୍ୟ କେହି ଦ୍ୱିତୀୟ ଟେଷ୍ଟକୁ ଉପଭୋଗ କରିବାକୁ ଚାହାନ୍ତି, ତେବେ ସେ କେବଳ ପଞ୍ଚମ ଦିନ ପାଇଁ ଟିକେଟ କିଣିପାରିବେ।

ଏଜବାଷ୍ଟନ ଷ୍ଟାଡିୟମର ଟୁଇଟର ହ୍ୟାଣ୍ଡେଲ ପକ୍ଷରୁ ଏହି ବିଷୟରେ ସୂଚନା ଦିଆଯାଇଛି ଯେ, ପ୍ରଥମ ଚାରି ଦିନ ପାଇଁ ସମସ୍ତ ଟିକେଟ ବିକ୍ରି ହୋଇସାରିଛି। ଏଠାରେ ଟିକେଟ ମୂଲ୍ୟ ୨୭୦୦ରୁ ଆରମ୍ଭ ହୋଇ ୩୨ ହଜାର ଟଙ୍କା ପର୍ଯ୍ୟନ୍ତ ଯାଏ। ଯେତେବେଳେ କି ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ଟିକେଟ ମୂଲ୍ୟ ୧୦ ପାଉଣ୍ଡରେ ରଖାଯାଇଛି। ଯଥା ପ୍ରାୟ ୧,୦୮୦ ଟଙ୍କା। ଆଶେସ ସିରିଜ୍‌କୁ ବାଦ୍ ଦେଇ ପ୍ରଥମ ଥର ପାଇଁ ମ୍ୟାଚର ପ୍ରଥମ ଚାରି ଦିନ ପାଇଁ ଟିକେଟ ଆଗରୁ ବିକ୍ରି ହୋଇଛି। ଆହୁରି ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଟିକେଟ ୭ ମାସ ପୂର୍ବରୁ ବିକ୍ରି ହୋଇସାରିଛି।

## ଗୁଗଲ୍‌ରେ ଭିନେଶଙ୍କୁ ସର୍ବାଧିକ ସର୍ଚ୍ଚ କରିଛନ୍ତି ଲୋକେ, ଟପ୍-୧୦ରେ ନାହାନ୍ତି କୋହଲି କି ରୋହିତ



**ନୂଆଦିଲ୍ଲୀ**

୨୦୨୪ରେ ଗୁଗଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ଭାରତୀୟ ତାଲିକାରେ କ୍ରୀଡ଼ା ତାରକାମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। କୌଣସି ରାଜନେତା କିମ୍ବା କୌଣସି ଚଳଚ୍ଚିତ୍ର ତାରକା କିମ୍ବା ବ୍ୟବସାୟୀ ଏହି ତାଲିକାରେ ଶୀର୍ଷରେ ରହି ନାହାନ୍ତି। ଶ୍ରେଷ୍ଠ ୧୦ ଜଣଙ୍କୁ ପାଞ୍ଚ ଜଣ ଖେଳାଳି ଅନ୍ତର୍ଭୁକ୍ତ ଅଛନ୍ତି, କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଲା ବିରାଟ କୋହଲି ଏବଂ ରୋହିତ ଶର୍ମା କିମ୍ବା ଏମ୍ଏସ୍ ଧୋନୀଙ୍କ ପରି ବଡ କ୍ରିକେଟ ତାରକା ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି।

ବହୁ ଖୋଜାଯାଇଥିବା ଭାରତୀୟ ତାଲିକାରେ ମହିଳା ରେସଲର ଭିନେଶ ଫୋଗେଟ ଶୀର୍ଷରେ ଅଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭିନେଶ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଫାଇନାଲ ମ୍ୟାଚ୍ ପୂର୍ବରୁ ଓଜନ ସମସ୍ୟା ହେତୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା, ଯାହା ତାଙ୍କ ତଥା ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଝଟକା ଥିଲା। ଏହା ପରେ ଭିନେଶ ରାଜନୀତିରେ ପ୍ରବେଶ କରି ହରିୟାଣାର ଜୁଲାନା ବିଧାନସଭା ଆସନ ଜିତି ଜଣେ ବିଧାୟକ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କର ସଫଳତା ତାଙ୍କୁ ଗୁଗ୍‌ଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ବ୍ୟକ୍ତିଙ୍କ ତାଲିକାର ଶୀର୍ଷକୁ ନେଇଛି।

କ୍ରୀଡ଼ା ବ୍ୟକ୍ତିଙ୍କ ଦୃଷ୍ଟିରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ଆଇପିଏଲରେ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସକୁ ଅଧିନାୟକ କରିଥିଲେ ଏବଂ ଟି-୨୦ ବିଶ୍ୱକପ ୨୦୨୪ ଜିତିବାରେ ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ବ୍ୟତୀତ ବ୍ୟାଟ୍ସମ୍ୟାନ ଶଶାଙ୍କ ସିଂ ଏବଂ ଅଭିଷେକ ଶର୍ମା ମଧ୍ୟ ଗୁଗଲରେ ବହୁତ ସର୍ଚ୍ଚ କରିଥିଲେ।

ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ ମଧ୍ୟ ଦଶମ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ନାମ ରାଜନେତା ନୀତୀଶ କୁମାର ଏବଂ ଚିରାଗ ପାସୱାନ, ଅଭିନେତା ପୱନ କଲ୍ୟାଣ, ପୁଣମ ପାଣ୍ଡେ ଏବଂ ରାଧିକା ମର୍ଚ୍ଚାଣ୍ଟ ଅନ୍ତର୍ଭୁକ୍ତ।

୨୦୨୪ରେ କ୍ରୀଡ଼ା ସହ ଜଡ଼ିତ ସବୁଠାରୁ ଟ୍ରେଣ୍ଡିଂ ସର୍ଚ୍ଚଗୁଡ଼ିକ ହେଲା ଇଣ୍ଡିଆନ ପ୍ରିମିୟର ଲିଗ ଏବଂ ଟି-୨୦ ବିଶ୍ୱକପ। ଏହି ଦୁଇଟି ଘଟଣା ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏଥିସହିତ, ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଗୁଗ୍‌ଲରେ ସର୍ବାଧିକ ସର୍ଚ୍ଚ କରାଯାଇଥିବା ବିଷୟ ମଧ୍ୟରେ ପଞ୍ଚମ ସ୍ଥାନ ପାଇଛି।

## ୮ମ ଇଲାଇଟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ପାଇଁ ଚୟନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ଓଡ଼ିଶା ଅମାଚିଓର ବୋକ୍ସିଂ ଆସୋସିଏସନ ଆନୁକୂଲ୍ୟରେ ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ୮ମ ଇଲାଇଟ ପୁରୁଷ ଓ ମହିଳା ରାଜ୍ୟ ଚୟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଜିଲ୍ଲାରୁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଇଚ୍ଛୁକ ଖେଳାଳିମାନେ ୧୩ ତାରିଖ ସୁଦ୍ଧା ବାରିପଦା ଷ୍ଟାଡ଼ିୟମ ଅଫିସରେ ନିଜ ନିଜର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର ସହ ନାମ ପଞ୍ଜିକରଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ। ଉଭୟ ପୁରୁଷ ଓ ମହିଳା ବକ୍ସରଙ୍କ ଜନ୍ମ ଜାନୁୟାରୀ ୧ ତାରିଖ ୧୯୮୪ ଓ ଡିସେମ୍ବର ୨୦୦୫ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ବକ୍ସିଂ ସହ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ଜଣାଇଛନ୍ତି।

## କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତି ଉପଯୋଗ ପାଇଁ ଚାଷୀମାନଙ୍କୁ ପରାମର୍ଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆଠାରେ ଆୟୋଜିତ ହୋଇଥିବା ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ମାନନୀୟ ଅତିଥି ଭାବେ ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ସଭାପତି ତଥା ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ପ୍ରଦର୍ଶନୀ ମଣ୍ଡପ ଗୁଡ଼ିକୁ ପରିଦର୍ଶନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ରାଉଳ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଚାଷୀମାନଙ୍କୁ ଉପଦେଶ ଦେଇଥିଲେ। ଓଡ଼ିଶାରେ ହେକ୍ଟର ପିଛା ୩.୫ କିଲୋୱାଟ ଶକ୍ତି କୃଷି କ୍ଷେତ୍ରରେ ବିନିଯୋଗ ହେଉଥିଲା ବେଳେ ଜଗତସିଂହପୁର ଜିଲ୍ଲାରେ ହେକ୍ଟର ପ୍ରତି ୨.୫ କିଲୋୱାଟ ଶକ୍ତି ବିନିଯୋଗ ହେଉଛି, ତେଣୁ ଜିଲ୍ଲାରେ କୃଷି ଯାନ୍ତ୍ରିକକରଣର ଅନେକ ସୁଯୋଗ ରହିଛି। ଚାଷୀ ଭାଇ ଓ ଭଉଣୀ ମାନେ ଅପିକଲ ସହଯୋଗରେ କଷ୍ଟମ ହାରିଂ ସେଣ୍ଟରର ସୁବିଧା ନେଇ ନିଜ ଚାଷ କାମରେ ଯନ୍ତ୍ରପାତି ବ୍ୟବହାର କରିବା ସଙ୍ଗେ ସଙ୍ଗେ ଭଡ଼ା ସୂତ୍ରରେ ଲଗାଇ ଲାଭବାନ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଚାଷୀମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର କରି ଚାଷ କଲେ ବିଭିନ୍ନ ପ୍ରକାରର ଚାଷର ଉନ୍ନତି ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧି ଘଟିବ ବୋଲି ପ୍ରକାଶ କରିଥିଲେ। ସେହିପରି ସଭାରେ ପୌରୋହିତ୍ୟ କରି ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଫାର୍ମ ଯାନ୍ତ୍ରିକିକରଣ ଓ ଆଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୋତ୍ସାହନ ଜରିଆରେ ଚାଷୀମାନଙ୍କ ଜୀବନ ଜୀବିକାର ମାନ ବୃଦ୍ଧି ଘଟିପାରିବ ବୋଲି କହିଥିଲେ। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ, ଆନ୍ତର୍ଜାତିକ ଧାନ ଗବେଷଣା ଅନୁଷ୍ଠାନ, ଓଡ଼ିଶା ମିଲେଟ ମିଶନ, ଉଠା ଜଳସେଚନ, ଓରମାସ, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ଓଡ଼ିଶା କୃଷି ଶିଳ୍ପ ନିଗମ, ଏନଜିଓ, କୃଷି ଯନ୍ତ୍ରପାତି ବିକ୍ରୟ କରୁଥିବା ଡିଲର ଆଦି ପକ୍ଷରୁ ମୋଟ ୬୦ ଗୋଟି ପ୍ରଦର୍ଶନୀ ଷ୍ଟଲ କରାଯାଇଛି। ଜିଲ୍ଲା ସ୍ତରୀୟ ଏହି ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ସରକାରୀ ଆର୍ଥିକ ସହାୟତାର ସଚେତନତା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା, ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା ଓ କୃଷକ ପରିଭ୍ରମଣ, ବୈଷୟିକ ଅଧିବେଶନ ସହ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହେଉଅଛି। ସଭା ପରେ ଓଡ଼ିଶାର ପ୍ରସିଦ୍ଧ ସଙ୍ଗୀତ କଳାକାର ଶ୍ରୀଚରଣ ମହାନ୍ତିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭାରେ ପଞ୍ଚାୟତିରାଜ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଚାଷୀ, ଏନଜିଓର କର୍ମକର୍ତ୍ତା ବିଭାଗୀୟ ଅଧିକାରୀ, ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ବ୍ରିସ୍‌ବେନ୍ ଟେଷ୍ଟ ପୂର୍ବରୁ ନେଟ୍ସରେ ଝାଳ ବୁହାଇଲେ କୋହଲି-ରୋହିତ

**ଆଡିଲେଡ୍**

ପିଙ୍କ୍ ବଲ୍ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ଭାରତ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନେତୃତ୍ୱରେ ବ୍ୟାଟର ମାନେ ଏଠାରେ ଅନୁଷ୍ଠିତ ନେଟ୍ ସେସନରେ ରେଡ୍‌ବଲ ପ୍ରସ୍ତୁତିରେ ବିଶେଷ ଧ୍ୟାନ ଦେଇଛନ୍ତି। ଅନ୍ୟ ପକ୍ଷରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ଖେଳିବା ଲାଗି ଅଷ୍ଟ୍ରେଲିଆ ଦଳ ଆଗୁଆ ବ୍ରିସବେନ୍ ଗସ୍ତ କରିଛି। ରେଡ୍‌ବଲ୍‌କୁ କିପରି ରକ୍ଷଣାତ୍ମକ ଖେଳିବା ଏବଂ କେଉଁ ବଲ୍‌କୁ ଛାଡ଼ିବାକୁ ହେବ ତାହାର ଟେକ୍‌ନିକ୍ ହାସଲ କରିବା ଲାଗି ଭାରତୀୟ ବ୍ୟାଟରମାନେ ତା' ଉପରେ ମନୋନିବେଶ କରିଥିଲେ। ଭାରତୀୟ ଅଧିନାୟକ ରୋହିତ ବର୍ତ୍ତମାନ ଭଲ ଫର୍ମରେ ନାହାନ୍ତି। ଗତ ୧୨ଟି ଇନିଂସରେ ସେ ମାତ୍ର ୧୪୨ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଗୋଟିଏ ଅର୍ଦ୍ଧ ଶତକ (୫୨) ରହିଛି। ପୁତ୍ର ଜନ୍ମ ପରେ ସେ ଦଳ ସହିତ ଯୋଗଦେଇଥିଲେ। ସେ କିପରି ତାଙ୍କ ଲୟ ଫେରିପାଇବେ ସେଥିଲାଗି ସେ ନେଟ୍ସରେ ଉଭୟ ଭାରତୀୟ ପେସର ଓ ସ୍ପିନରଙ୍କ ବୋଲିଂର ସାମ୍ନା କରିଥିଲେ। ରୋହିତ ବ୍ୟାଟିଂ ଅର୍ଡରରେ ୬ଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସେ ୩ ଓ ୬ ରନ କରିଛନ୍ତି। ପ୍ରଥମ ଇନିଂସରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ୍ସ କୁମିନ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଅନ୍ୟପକ୍ଷରେ କେ.ଏଲ୍ ରାହୁଲ ତାଙ୍କ ଡିଫେନ୍ସ ଉପରେ ଅଧିକ ଧ୍ୟାନ ଦେଇଥିବାବେଳେ ଋଷଭ ପନ୍ତ କିଛି ପିକ୍ ଅପ୍ ଶଟ୍ ଖେଳିଥିଲେ। ଓପନର ଯଶସ୍ୱୀ ଜୟସ୍ୱାଲ ଆକ୍ରମଣାତ୍ମକ ଶଟ୍ ଖେଳିଥିଲେ। ବୋଲିଂ ଅଭ୍ୟାସ କରିଥିବା ବୋଲରମାନେ ହେଲେ ହର୍ଷିତ ରାଣା, ଅକାଶ ଦୀପ, ଯଶ ଦୟାଲ ଏବଂ ସ୍ପିନର ତ୍ରୟ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ୱାଶିଂଟନ ସୁନ୍ଦର।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
O-841
**1st Corrigendum Notice**
No. 2522 dated. 10.12.2024

The 1st Corrigendum to the Bid Identification No. BLGR-Online-07/2024-25, the revised date and time are as follows:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online-07/2024-25 | 09.12.2024 at 11.00 A.M. | 07.01.2025 upto 5.00 P.M. | 06.01.2025 upto 5.00 P.M. | 08.01.2025 at 11.00 A.M. | Will be intimated separately |

N.B. – All other terms and conditions remain unchanged.

Sd/- Chief Construction Engineer
Rural Works Circle, Bolangir
OIPR-25118/11/0014/2425

GOVERNMENT OF ODISHA
SUPERINTENDING ENGINEER, BOUDH (R&B) DIVISION, BOUDH
B-749
E-mail - eeboudhrb@gmail.com
**INVITATIONS FOR BIDS (IFB)**
No 4648 Date. 09.12.2024
corrigendum to tender call Notice no.SE BDH-15/2024-25 dated 28.11.2024.

The following changes are made in respect of the bid identification No. BDH. 15/2024-25

1. Date & Time of availability of Bid documents in the portal : From 18.12.2024, 10.00 AM to 31.12.2024 5.00 PM
2. Last date time for seeking of Tender Clarification : 31.12.2024 up to 1.00 P.M
3. Last date time for receipt of bids in the portal : up to 5.00 P.M. of dated 31.12.2024
4. Date & time of opening of tender /Bid : 01.01.2025 at 11.30 A.M

The Other terms & conditions stipulated in the original Tender call Notice remain unchanged.

Sd/- Additional Chif Engineer
Boudh (R&B) Division, Boudh
OIPR-34134/11/0013/2425

OFFICE OF THE EXECUTIVE ENGINEER (AGRIL.), AGRIL ENGG.DIVISION, NAYAGARH
E-mail ID – eeagril.nayargarh@gmail.com
**INVITATIONS FOR BIDS THROUGH e-Procurement**
L-105
Bid Identification No/e - Procurement Notice No. 1615 /2024// Agril. Date – 07/12/2024
E.E. (AGRIL.), NAYAGARH-04/2024-25

The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites Percentage Rate Bids in Single cover system for the works as detailed in table below.

| Sl. No. | Name of the work | Approximate Estimated cost put to Tender (Excluding G.S.T) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1. | 2. | 3. | 4. | 5. | 6. | 7. |
| 1. | Construction of FCC at GP-Ujwala Gopinathpur, Block-Tangi, Dist-Khordha | 8,44,789.00 | 4,000.00 | 8500.00 | C & D | 04 (Four calendar month) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in. Bid documents will be available in above website from Dt. 10.12.2024 at 11.00 AM to Dt. 20.12.2024 up to 5.00 P.M for "ONLINE BIDDING". Date of original bid documents submission from Dt. 11.12.2024 at 11.00 A.M. to 21.12.2024 up to 5.00 P.M. Bids shall be opened at 11.00 AM on Dt. 23.12.2024.

The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement web site www.tendersodisha.gov.in.

*N.B: Subsequent corrigendum / addendum if required shall be available in the website as indicated above*

OIPR : 01449/11/0004/2425
Executive Engineer (Agril.)
Nayagarh Division, Nayagarh

## ୨୬ ଶ୍ରେଷ୍ଠ ଚାଷୀ ଓ ୫ ପ୍ରତିଭାଙ୍କୁ ବାବୁଲାଲ ଅଗ୍ରୱାଲ ସ୍ମୃତି ପୁରସ୍କାର



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବେସରକାରୀ ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ୍‌ର ଅଗ୍ରଣୀ କୃଷକଙ୍କୁ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସମ୍ବର୍ଦ୍ଧିତ କରାଯିବା ପରମ୍ପରା ସମଗ୍ର ଓଡ଼ିଶାରେ ଅନନ୍ୟ ବୋଲି ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି, ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ମୁଖ୍ୟବକ୍ତା ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ସମାଜସେବୀ ମୁରାରୀଲାଲ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମତପୋଷଣ କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରାଙ୍କ ସଂଯୋଜନାରେ ବ୍ଲକ୍‌ର ଶ୍ରେଷ୍ଠ କୃଷକଙ୍କୁ ଚୟନ କରାଯାଇ ଏହି ସ୍ମୃତି ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହିତ ବିଭିନ୍ନ କ୍ଷେତ୍ରର କୃତି ସମ୍ପନ୍ନ ୫ଜଣ ବରିଷ୍ଠ ପ୍ରତିଭାଧାରୀ ରାଇରଙ୍ଗପୁରର ବର୍ଷୀୟାନ ଆଇନଜୀବୀ ରସାନନ୍ଦ ଲେଙ୍କା, ବରିଷ୍ଠ ସାରସ୍ୱତ ସାଧକ ହରନାରାୟଣ ମିଶ୍ର, କୃଷି ବିଶେଷଜ୍ଞ ରାସେଶ୍ୱର ସାହୁ, ଜଷ୍ଟିସ ଦେବବ୍ରତ ଦାଶ ଏବଂ ଚଳଚ୍ଚିତ୍ର ଜଗତର ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇ ଥିଲା। ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାବୁଲାଲ ଅଗରୱାଲ ମେମୋରିଆଲ ଆୱାର୍ଡ ଫାଉଣ୍ଡେସନ ପକ୍ଷରୁ ସ୍ୱର୍ଗତ ବାବୁଲାଲ ଅଗରୱାଲଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବାର୍ଷିକ ଜିଲାସ୍ତରୀୟ ବାବୁଲାଲ ଅଗରୱାଲ ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତପୋଷଣ ସହ କୃଷି ଓ କୃଷକର ଉନ୍ନତି ବିନା ଦେଶର ବିକାଶ ସମ୍ଭବ ନ ଥିବାରୁ ଏକ ବିକାଶଶୀଳ ସମାଜ ଓ ରାଷ୍ଟ୍ର ଗଠନ ପାଇଁ କୃଷିକ୍ଷେତ୍ର ଓ କୃଷିଜୀବୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଫାଉଣ୍ଡେସନର ଚେୟାରମ୍ୟାନ ତଥା ଭାରତ କୃଷକ ସମାଜର ଆଜୀବନ ସଦସ୍ୟ ଡ. ବିଜୟ କୁମାର ଅଗରୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତି ରସାନନ୍ଦ ଲେଙ୍କା, ରାସେଶ୍ୱର ସାହୁ ଓ ଚିନ୍ମୟ ଦାସ ପଟ୍ଟନାୟକ ପ୍ରମୁଖଙ୍କ ସହ ଅବସରପ୍ରାପ୍ତ ସିଡିଏମଓ ଡା. କୈଳାସ ଚନ୍ଦ୍ର ମହାପାତ୍ର, ପଣ୍ଡିତ ଭାଗବତ ପଣ୍ଡା ଓ ବର୍ଷୀୟାନ ଶିକ୍ଷାବିତ୍ ନନ୍ଦ କୁମାର ମହାପାତ୍ର ପ୍ରମୁଖ ବାବୁଲାଲ ଅଗରୱାଲଙ୍କ ସ୍ମୃତିଚାରଣ କରି କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଆଦିତ୍ୟ ପଣ୍ଡା, କୃତି ଶିକ୍ଷକ ଡ. ଶଶଧର ବିଶ୍ୱାଳ ଓ ପ୍ରାଧ୍ୟାପକ ଶ୍ରୀନିବାସ ଭଞ୍ଜ ପ୍ରମୁଖ ଉତ୍ସବର ବିଭିନ୍ନ କାର୍ଯ୍ୟ ନିର୍ବାହ କରିଥିଲେ। ପ୍ରାରମ୍ଭରେ ଦିବଂଗତ ବାବୁଲାଲ ଅଗରୱାଲଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ବେଳେ ଶେଷରେ ଫାଉଣ୍ଡେସନର ସମ୍ପାଦକ ଡ. ଅକ୍ଷୟ କୁମାର ଅଗରୱାଲ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଜିଲ୍ଲାର ୨୬ ବ୍ଲକାରି ଶ୍ରେଷ୍ଠ କୃଷକଙ୍କ ମଧ୍ୟରେ ଗୌତମ ମହାନ୍ତ (ବାରିପଦା), ସଂଜୀବ କୁମାର ନାୟକ (ବଡ଼ସାହି), ନୀଳକଣ୍ଠ ସେଠୀ (ବେତନଟୀ), କମଳ ଚନ୍ଦ୍ର ମହାନ୍ତ (ବାଙ୍ଗିରିପୋଷି), ମନୋରଞ୍ଜନ ସାହୁ (ମୋରଡା), ତାରାକାନ୍ତ ଭୋଇ (ରାସଗୋବିନ୍ଦ ପୁର), ସୁନା ସିଂ (ସାରସକଣା), ରବୀନ୍ଦ୍ର ହେମ୍ବ୍ରମ (ଶୁଳିଆପଦା), ଭରତ ବେହେରା (ଶାମାଖୁଣ୍ଟା), ରବୀନ କୁମାର ଦଣ୍ଡପାଟ (କୁଳିଅଣା), ସୀମାରାଣୀ ଦାସ (ଖୁଣ୍ଟା), ଅଜିତ କୁମାର ପରିଡା (ଗୋପବନ୍ଧୁ ନଗର), ଶିବଶଙ୍କର ଟୁଡୁ (ଉଦଳା), ରାଜୀବ କୁମାର ଜେନା (କପ୍ତିପଦା), ଜେନା ନାଏକ (ବିଶୋଇ), ସୁଗ୍ରା ମାଝୀ (ରାଇରଙ୍ଗପୁର), ମାସାଂ ହେମ୍ବ୍ରମ (ବିଜାତୋଳା), ଯୋଗେନ୍ଦ୍ର ମହାନ୍ତ (ବହଲଦା), ସୁନ୍ଦର ମୋହନ ହେମ୍ବ୍ରମ (ତିରିଙ୍ଗ), ରାମେଶ୍ୱର କଣ୍ଡାଙ୍କେଲ (ଜାମଦା), ସାମୁ ନାଏକ (କୁସୁମୀ), କଟୀଚନ୍ଦ୍ର ମହାନ୍ତ (ଯଶିପୁର), ଗହ୍ଳା ମହାନ୍ତ (କରଞ୍ଜିଆ), ପରେନ୍ଦ୍ର ମଢେଇ (ଠାକୁରମୁଣ୍ଡା), ପ୍ରହ୍ଲାଦ ମହାନ୍ତ (ରରୁଆଁ) ଏବଂ ଦେବେନ୍ଦ୍ର ନାଥ ସାମୁରାୟ (ଶୁକ୍ରୁଳୀ) ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ।



# ଶୂନ୍ୟକାଳରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଲେ ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ସେ ଦର୍ଶାଇଥିଲେ କେନ୍ଦ୍ର ସରକାର ୧୬ତମ ଅର୍ଥ କମିଶନ ଗଠନ କରିବାକୁ ଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥ ବ୍ୟବସ୍ଥା ଠିକଣା କରିବା ଉଦ୍ଦେଶ୍ୟରେ ସ୍ମାରକ ବା ମେମୋରେଣ୍ଡମ ପ୍ରସ୍ତୁତ କରିବା କାର୍ଯ୍ୟ ଆରମ୍ଭ ହେଲାଣି କି ନାହିଁ ଜାଣିବାକୁ ଚାହିଁଥିଲେ। ଏଥିପାଇଁ ଅର୍ଥ ବିଭାଗ ଏକ କମିଟି ଗଠନ କରିବା କଥା। ଏପର୍ଯ୍ୟନ୍ତ ସରକାର ଏହି କମିଟି ଗଠନ କରି ସ୍ମାରକ ପ୍ରସ୍ତୁତି କେତେ ବାଟ ଆଗେଇଛି, ସେ ସମ୍ପର୍କରେ ଗୃହରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେବା ଉଚିତ। କାରଣ ଠିକଣା ସମୟରେ କେନ୍ଦ୍ର ସରକାରଙ୍କ ୧୬ତମ ଅର୍ଥ କମିଶନଙ୍କ ପାଖରେ ଓଡ଼ିଶା ସରକାରଙ୍କ ଦାବି ସମ୍ବଳିତ ସ୍ମାରକ ପତ୍ର ଉପସ୍ଥାପନ କରାଯାଇ ନପାରିଲେ ରାଜ୍ୟର ପ୍ରଭୁତ କ୍ଷତି ଘଟିବ ବୋଲି ସେ ସୂଚାଇ ଦେଇଥିଲେ। ବିଜେଡ଼ିର ଅନ୍ୟତମ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୂର୍ବତଟ ରେଳବାଇ ଅନ୍ତର୍ଗତ ୱାଲଟିୟର ଡିଭିଜନର ବିଭାଜନ କରାଯାଇ ଏହାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ସହିତ ଯୋଡ଼ାଯିବା ପାଇଁ କେନ୍ଦ୍ର ସରକାର କରିଥିବା ଉଦ୍ୟମକୁ ଦୃଢ ଭାବେ ବିରୋଧ କରିବା ସହ ଏହା ଦ୍ୱାରା ଓଡ଼ିଶାର ପ୍ରଭୁତ କ୍ଷତି ହେବ ବୋଲି କହିଥିଲେ। ସେ ଦର୍ଶାଇଥିଲେ ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଶାରେ ଇଷ୍ଟକୋଷ୍ଟ ରେଳବାଇ ଜୋନ୍ ପ୍ରତିଷ୍ଠା ହୋଇଥିଲା। ସେହି ସମୟରୁ ଏହା ଅଧିନରେ ୱାଲଟିୟର ଡିଭିଜନ ମଧ୍ୟ ରହିଥିଲା। ଏବେ ଏହାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ସହିତ ମିଶାଇବାକୁ ଷଡ଼ଯନ୍ତ୍ର ଚାଲିଛି। ଏଭଳି ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ। ଶ୍ରୀ ସ୍ୱାଇଁଙ୍କ ଏହି ବକ୍ତବ୍ୟକୁ ଗୃହରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନାପସନ୍ଦ କରିବା ସହ ପ୍ରତିବାଦ ମଧ୍ୟ କରିଥିଲେ। ସେ କହିଥିଲେ ଓଡ଼ିଶାର ଗୋଟିଏ ରେଲୱେ ଟ୍ରାକ ବାହାର ରାଜ୍ୟକୁ ଯିବନାହିଁ। ବରଂ କେନ୍ଦ୍ର ସରକାର ଓଡ଼ିଶାରେ ରେଳ ବିକାଶ ପାଇଁ ଏବେ ୭୩ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ନୂଆକରି ରାୟଗଡ଼ା ଡିଭିଜନକୁ ମଞ୍ଜୁର କରିବା ସହ ଏହାର ନିର୍ମାଣ କାମ ଆରମ୍ଭ କରିବା ପାଇଁ ୧୦୭ କୋଟିର ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ପ୍ରସଙ୍ଗରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, ଅମରେନ୍ଦ୍ର ଦାସ, ସିଦ୍ଧାନ୍ତ ମହାପାତ୍ର, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ ପ୍ରମୁଖ ସରକାରଙ୍କୁ ନିଜ ନିଜର ପ୍ରସ୍ତାବ ଦେଇଥିଲେ।

# ଓଡ଼ିଶା ପୋଲିସ୍‌ର ଫାୟାରମ୍ୟାନ୍ ଓ ପୋଲିସ୍ ଏସଆଇ ନିଯୁକ୍ତିରେ ଦୁର୍ନୀତିର ଗନ୍ଧ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ବିଜେପି ସରକାରଙ୍କ ବିଭିନ୍ନ ପ୍ରସଙ୍ଗରେ ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଥିବା ବେଳେ ରାଜ୍ୟ ପୋଲିସ୍ ବିଭାଗରେ ଫାୟାରମ୍ୟାନ ଭାବେ ୯୪୧ ଜଣଙ୍କୁ ନିଯୁକ୍ତି ଦିଆଯିବା ପ୍ରକ୍ରିୟା ଏକ ଗୁଜୁରାଟ କମ୍ପାନୀ ମାଧ୍ୟମରେ ହୋଇଥିବାବେଳେ ଏଥିରେ ପଚାଶ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ଏହି ଦୁର୍ନୀତି ବିଷୟରେ ବିଜେଡ଼ି ବିଧାୟକ ଧ୍ରୁବ ସାହୁ ବୁଧବାର ବିଧାନସଭାରେ ନିଜ ବକ୍ତବ୍ୟରେ ସବିଶେଷ ତଥ୍ୟ ରଖିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଏହି ନିଯୁକ୍ତି ଗୃହ ବିଭାଗ ଅଧୀନରେ ହୋଇଥିବାରୁ ଓ ଗୃହ ବିଭାଗର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାରୁ, ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ରଖିବା ପାଇଁ ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ବିଜେଡ଼ି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଦାବି କରିଛନ୍ତି।

ସୂଚନଯୋଗ୍ୟ, ଓଡ଼ିଶା ଫାୟାର ଏଣ୍ଡ୍ ଏମରଜେନ୍ସି ସର୍ଭିସରେ ୯୪୧ ଜଣଙ୍କୁ ଫାୟାରମ୍ୟାନ୍ ଭାବେ ଓ ୪୯୫ ଜଣଙ୍କୁ ପୋଲିସ ଏସଆଇ ଭାବେ ରାଜ୍ୟ ସରକାର ନିକଟରେ ନିଯୁକ୍ତି ଦେଇଛନ୍ତି। ଏହି ଦୁଇ ପଦବୀରେ ପ୍ରତିଯୋଗିତା ମୂଳକ ଭାବେ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ଦେବା ପାଇଁ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଏକ ଟେଣ୍ଡରର ଆହ୍ୱାନ କରିଥିଲେ। କେନ୍ଦ୍ର ସରକାରଙ୍କ ପିଏସୟୁ କମ୍ପାନୀ ଆଇଟିଆଇ ଲିମିଟେଡ୍‌କୁ ଏହି କାମ ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି କାମ ଗୁଜୁରାଟର ରିଚ୍ ମାଇଣ୍ଡସ ଲିମିଟେଡ୍‌କୁ ଦିଆଯାଇଥିଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଇତ୍ୟାଦିରେ ବ୍ୟାପକ ଅନିୟମିତତା ହୋଇଛି ଓ ଏହି କମ୍ପାନୀ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି ହୋଇ କୋଟି କୋଟି ଟଙ୍କା ଆଦାୟ କରାଯାଇଥିବାର ଅଭିଯୋଗ ଆସିଛି। ଏହି ପଦବୀ ପାଇଁ ଆଶାୟୀ ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏହି ଦୁର୍ନୀତିର ଶିକାର ହୋଇଛନ୍ତି ଏବଂ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଆଇଟିଆଇ ଲିମିଟେଡ୍ କେଉଁ ପରିସ୍ଥିତିରେ କାମରୁ ଓହରି ଯାଇଥିଲା ଓ ତା' ଜାଗାରେ ଗୁଜୁରାଟ କମ୍ପାନୀ କାମ ହାତେଇ ନେବାରେ ସକ୍ଷମ ହୋଇଥିଲା। ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର କିପରି ଓଡ଼ିଆ ଅସ୍ମିତାକୁ ଗୁଜୁରାଟ ସଂସ୍ଥା ହାତରେ ଟେକିଦେଲେ ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି। ରାଜ୍ୟ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ଥିବାବେଳେ ଏହି ଦୁର୍ନୀତି ଅଭିଯୋଗ ଉପରେ ସେ ସ୍ପଷ୍ଟୀକରଣ ରଖିବା ଉଚିତ ବୋଲି ଡଃ ମହାନ୍ତି କହିଛନ୍ତି। ଏହା ବ୍ୟତୀତ ଏହି ଦୁର୍ନୀତି ଅଭିଯୋଗର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ରିଚ୍ ମାଇଣ୍ଡ କମ୍ପାନୀକୁ କଳା ତାଲିକା ଭୁକ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

# ରତ୍ନ ଭଣ୍ଡାରରେ ରହିଛି ଏକାଧିକ ଫାଟ : ନୀଳଗିରି ପଥରରେ କରାଯିବ ମରାମତି

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ରତ୍ନ ଭଣ୍ଡାରରେ ରହିଛି ଏକାଧିକ ଫାଟ ଓ ରହିଛି ଏକାଧିକ ମୂଷା ଗାତ। ଷ୍ଟୋନ୍ ବିମ୍‌ରେ ଲାଗିଛି ଜଙ୍କ। ଫାଟ ଥିବା ପଥର କରାଯିବ ପ୍ରତିସ୍ଥାପନ। ନୀଳଗିରି ପଥରରେ କରାଯିବ ମରାମତି କାର୍ଯ୍ୟ। ରତ୍ନ ଭଣ୍ଡାର ମରାମତି କାମରେ ଲାଗିବ ନୀଳଗିରିର ପଥର। ଉନ୍ନତମାନର ପଥର କାର୍ଯ୍ୟ ଉପରେ ଏଏସଆଇର ଗୁରୁତ୍ୱ। ପ୍ରଥମେ ଚୂନ ପଥରଗୁଡ଼ିକୁ ପ୍ରତିସ୍ଥାପନ ବା ରିପ୍ଲେସ କରାଯିବା ପରେ ଫାଟ ରହିଥିବା ପଥରଗୁଡ଼ିକୁ ରିପ୍ଲେସ କରାଯିବ। ପୂର୍ଣ୍ଣାଙ୍ଗ ମରାମତି କାମ ଉପରେ ଦିଆଯିବ ଗୁରୁତ୍ୱ। ନୀଳଗିରିରୁ ଆସିବ ଉନ୍ନତ ମାନର ପଥର ଓ ବ୍ଲାକ ଗ୍ରାନାଇଟ୍। ରତ୍ନ ଭଣ୍ଡାରରେ ରହିଛି ଭର୍ଟିକାଲ କ୍ରାକ୍ସ ବା କାନ୍ଥରେ ରହିଛି ଏକାଧିକ ଫାଟ। ଚଟାଣରେ ମଧ୍ୟ ରହିଛି ଫାଟ । ଅନେକ ସ୍ଥାନରେ ରହିଛି ମୂଷା ଗାତ। ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡ଼ାର ବା ଜିପିଆର୍ ସର୍ଭେରୁ ସ୍ପଷ୍ଟ ହୋଇଛି ରତ୍ନ ଭଣ୍ଡାରରେ କେଉଁ ସ୍ଥାନରେ ଗାତ ଓ କେଉଁ ସ୍ଥାନରେ କେତେ ମାତ୍ରାରେ ରହିଛି ଫାଟ। ସେହିଭଳି ଷ୍ଟୋନ ବିମ୍‌ରେ ଲାଗିଛି ଜଙ୍କ ବା କଳଙ୍କି। ଏହି ଷ୍ଟୋନ ବିମ୍ ବା ରଟ ଆଇରନ କୁ ମଧ୍ୟ ପ୍ରତିସ୍ଥାପନ କରିବ ଏଏସଆଇ। ଆସନ୍ତା ଡିସେମ୍ବର ୧୭ ତାରିଖରୁ ଦୈନିକ ପ୍ରାୟ ୫ରୁ ୬ ଘଣ୍ଟା କାମ କରିବ ଏଏସଆଇ ।

# ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଦିଆଯିବ 'କର୍ମଯୋଗୀ' ଆଖ୍ୟା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆଉ କର୍ମଚାରୀ ନୁହେଁ ଏବେ 'କର୍ମଯୋଗୀ'। ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ 'କର୍ମଯୋଗୀ' ଆଖ୍ୟା ଦିଆଯିବ। ଏଣିକି ସମସ୍ତ ସରକାରୀ କର୍ମଚାରୀ 'କର୍ମଯୋଗୀ' ଭାବେ ବିବେଚିତ ହେବେ। ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ସଚିବ ମନୋଜ ଆହୁଜା ସମସ୍ତ ଏସିଏସ, ପ୍ରମୁଖ ସଚିବ ଏବଂ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ମିଶନ୍ କର୍ମଯୋଗୀକୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ।

# ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କରିବାକୁ ଗୃହରେ ଦାବି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜେଡ଼ି ବିଧାୟକ ଗୌତମ ବୁଦ୍ଧ ଦାସ ସାମ୍ବାଦିକମାନଙ୍କ ସମସ୍ୟା ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ୫ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି। ହେଲେ ସେଥିରେ ସେମାନଙ୍କର ପିତାମାତାଙ୍କ ଚିକିତ୍ସା ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଏଥିପ୍ରତି ଦୃଷ୍ଟି ଦେବା ସହିତ ଦେଶର ୧୭ଟି ରାଜ୍ୟରେ ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ବେଳେ ଓଡ଼ିଶାରେ ତାହା ତୁରନ୍ତ ଲାଗୁ କରାଯାଉ ବୋଲି କହିଥିଲେ। ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀରେ ହାତୀ ଉପଦ୍ରବ ଯୋଗୁ ଗାଁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଥିବା ଏବଂ ହାତୀମାନଙ୍କ ଦ୍ୱାରା ବ୍ୟାପକ ଭାବେ ଫସଲ ହାନୀ ଘଟୁଥିବା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ପ୍ରତି ବିଧାନ ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଥିଲେ।

# ଓଡ଼ିଶା ଆୟକର ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର ପୂର୍ବାହ୍ନରେ ସଂଘର କାର୍ଯ୍ୟକାରିଣୀ ବୈଠକ ଆୟକର ଭବନ ଆନେକ୍ସିସ୍ଥିତ ସଂଘର ସ୍ଥାୟୀ କାର୍ଯ୍ୟାଳୟରେ ସଭାପତି ପ୍ରାକ୍ତନ ଆୟକର ମୁଖ୍ୟ ଆୟୁକ୍ତ ସ୍ୱରାଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୋଡ଼ିଏରୁ ଅଧିକ ସଭ୍ୟ ଯୋଗ ଦେଇଥିଲେ। ସଂଘର ଆଗାମୀ ସାଧାରଣ ବୈଠକ ଫେବୃୟାରୀ ୯ ତାରିଖରେ ଅନୁଷ୍ଠିତ କରାଇବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଛି ବୋଲି ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି ପ୍ରକାଶ କରିଛନ୍ତି। ବୈଠକରେ ଦୁଇ ଉପସଭାପତି ବିଧୁଭୂଷଣ ମହାନ୍ତି ଓ ଶରତ ଦାଶ, କୋଷାଧ୍ୟକ୍ଷ ନିରଞ୍ଜନ ଦାଶ, ବରିଷ୍ଠ ସଦସ୍ୟ ପୀତାମ୍ବର ଲେଙ୍କା, ବ୍ରଜେନ୍ଦ୍ର ମହାନ୍ତି, ଚିନ୍ତାମଣି ଦାସ, ଚିତ୍ତରଞ୍ଜନ ଦାଶ, କେ.ସି. ସାହାଣୀ, ନିର୍ମଳେନ୍ଦୁ ଗୁପ୍ତା, କମ୍ବୁପାଣି ପଟ୍ଟନାୟକ, ଶଙ୍କର ବୋଷ, ମଧୁସୂଦନ ପାତ୍ର, କିଶୋର ମହାନ୍ତି, ରାମନାରାୟଣ ଶତପଥୀ ଓ ଲାଲମୋହନ ମାଝୀ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ୟୁରୋପୀୟ ଶୈଳୀରେ ଜେଲ୍, ୨୦୨୬ ଫେବୃୟାରୀ ସୁଦ୍ଧା ସରିବ ନିର୍ମାଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏଣିକି କଏଦୀମାନେ ଆଉ ଚଟାଣରେ ଶୋଇବେନି । ୟୁରୋପିଆନ କାରାଗାର (ଜେଲ୍) ଶୈଳୀରେ ଲୁହା ଖଟରେ ଶୋଇବେ। ଉନ୍ନତମାନ ଚିକିତ୍ସାର ସୁବିଧା ପାଇବେ। ଏହି ଲକ୍ଷ୍ୟରେ ରାଜଧାନୀ ଉପକଣ୍ଠ ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମ ପରିସରରେ ନିର୍ମାଣ ଚାଲିଛି ସ୍ୱତନ୍ତ୍ର କାରାଗାର। ମଡେଲ ଜେଲରେ ଏକାବେଳକେ ୨୫୦୦ ଅନ୍ତେବାସୀ ରହିବା ଭଳି ବ୍ୟବସ୍ଥା ହୋଇଛି। ମୁକ୍ତାକାଶ କାରାଶ୍ରମଟି ୧୧୦ ଏକର ଯାଏଁ ବ୍ୟାପିଛି । ସେଥିରୁ ୪୦ ଏକର ଜାଗାରେ ଏହି ମଡେଲ ଜେଲର ନିର୍ମାଣ ଚାଲିଛି। ସେଥିରେ ଉନ୍ନତମାନ ହସ୍ପିଟାଲ ସହ ପ୍ରଶସ୍ତ ଖେଳପଡ଼ିଆ, ଅତ୍ୟାଧୁନିକ ଜିମ୍, ଯୋଗାଶ୍ରମର ସୁବିଧା ରହିବ। ମୁକ୍ତାକାଶ ଥିଏଟରରେ ବିଭିନ୍ନ ସମାରୋହ, ପ୍ରାର୍ଥନା ସଭା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ହେବ। ଜେଲ ପରିସରରେ ସ୍ୱତନ୍ତ୍ର ଭାବେ ଏକ ସୁଧାର ଓ ସଂସ୍କାର ସେଣ୍ଟର ଖୋଲାଯିବ।

ସେଥିରେ ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମ, ପାଠାଗାର, କମ୍ପ୍ୟୁଟର ଲାବ୍ ରହିବ । ଅନ୍ତେବାସୀଙ୍କ ପାଇଁ ମୋଟ ୨୬ଟି ବିଲ୍ଡିଂ ନିର୍ମାଣ ଚାଲିଛି। ପ୍ରଥମଥର ପାଇଁ ଜେଲ୍‌କୁ ଆସୁଥିବା ବିଚାରାଧୀନ କଏଦୀଙ୍କ ପାଇଁ ୩ଟି ସ୍ୱତନ୍ତ୍ର ବ୍ଲକ ନିର୍ମାଣ ଚାଲିଛି। ସେମାନଙ୍କ ରହଣି ବେଳେ ଦୁର୍ଦ୍ଧାନ୍ତ କିମ୍ବା ପେସାଦାର କଏଦୀଙ୍କ ସଂସ୍ପର୍ଶରେ ନ ଆସିବା ଭଳି ବ୍ୟବସ୍ଥା ହେଉଛି । ସେହିପରି ପ୍ରଥମଥର ପାଇଁ ଆସୁଥିବା ଯୁବ ଅପରାଧୀଙ୍କ ରହିବାକୁ ୨ଟି ବ୍ଲକ ସହ ଅଭ୍ୟାସଗତ ଓ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ପାଇଁ ସ୍ୱତନ୍ତ୍ର ବ୍ଲକ ନିର୍ମାଣ ଚାଲିଛି। ଏହାଛଡ଼ା ଏକ ୪ ମହଲା ବିଶିଷ୍ଟ ବିଲ୍ଡିଂରେ କଏଦୀମାନେ ରହିବେ। ଏସବୁ ବ୍ଲକଠାରୁ ଦୂରରେ ଏକ ସ୍ୱତନ୍ତ୍ର ୩ ମହଲା ବିଶିଷ୍ଟ ବିଲ୍ଡିଂରେ ମହିଳା କଏଦୀମାନେ ରହି ପାରିବେ। ଜେଲର ଓ କର୍ମଚାରୀଙ୍କ ରହଣି ପାଇଁ ଟାଇପ୍-ଡି,ଇଓଏଫ୍ ବର୍ଗ କ୍ୱାର୍ଟର୍ସ ସାଙ୍ଗକୁ ସୁରକ୍ଷାକର୍ମୀଙ୍କ ପାଇଁ ୯ଟି ବାରାକ୍ ନିର୍ମାଣ କରାଯିବ । କାରାଗାରରେ ସୁରକ୍ଷା ପାଇଁ ୬ଟି ୱାଚ ଟାୱାର ରହିବ। କାରାଗାରର ମୁଖ୍ୟ ଫାଟକ ଓ ବ୍ଲକ ଭିତରେ ଥିବା ଫାଟକରେ ଉଚ୍ଚଶକ୍ତି ସମ୍ପନ୍ନ ସେନସର ଲାଗିବ। କାରାଗାର କର୍ମଚାରୀ ଓ ସୁରକ୍ଷାକର୍ମୀମାନେ ଫିଙ୍ଗରପ୍ରିଣ୍ଟ ଦେଲେ ହିଁ ଫାଟକ ଖୋଲିବ।

ଆଉ ସବୁଠୁ ବଡ଼ କଥା ହେଲା, ମଡେଲ ଜେଲରେ ୩ଟି ପୃଥକ ପାଚେରି ନିର୍ମାଣ ହେବ। ସବୁ ପାଚେରି ଭିତରେ ୨୦ ଫୁଟ୍ ଦୂରତା ରହିବ। ଫଳରେ କେହି ବାହାରୁ ଜେଲ ପରିସରକୁ ମୋବାଇଲ୍ କିମ୍ବା ନିଶାଦ୍ରବ୍ୟ ଫିଙ୍ଗିପାରିବେନି । ଯଦି କେହି ସନ୍ଦିଗ୍ଧ ଜିନିଷପତ୍ର ଫିଙ୍ଗିବ, ୩ଟି ପାଚେରି ଭିତରେ ବୁଲୁଥିବା ସୁରକ୍ଷାକର୍ମୀ ସେସବୁକୁ ଜବତ କରିପାରିବେ। ଝାରପଡ଼ାସ୍ଥିତ ସ୍ୱତନ୍ତ୍ର ଜେଲ ପାଚେରି ଡେଇଁ ଫିଙ୍ଗାଯାଉଥିବା ମୋବାଇଲ୍ ଓ ନିଶାଦ୍ରବ୍ୟ ଅଭିଯାନରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଏହି ମଡେଲ ଜେଲ ନିର୍ମାଣର ଦାୟିତ୍ୱ ମୁଣ୍ଡାଇଛି । ବିପିସି ଇନ୍ ?ଫ୍ରା ପ୍ରୋଜେକ୍ଟ ନାମକ ଘରୋଇ ସଂସ୍ଥା ଜରିଆରେ ବିଲ୍ଡିଂ ନିର୍ମାଣ ହେଉଛି । ଗତ ମାର୍ଚ୍ଚ ପହିଲାରୁ ନିର୍ମାଣ ଆରମ୍ଭ ହୋଇଛି। ୨୦୨୬ ଫେବୃୟାରୀ ସୁଦ୍ଧା ନିର୍ମାଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ମଡେଲ ଜେଲ୍ ? ପାଇଁ ୩୦୦ କୋଟି ବ୍ୟୟ ଅଟକଳ ହୋଇଥିବା ବେଳେ ୨୮୫ କୋଟି ଟଙ୍କା ମଞ୍ଜୁର ହୋଇଛି ।

# ସରକାରୀ କର୍ମଚାରୀଙ୍କ ପାଇଁ ବଡ଼ ଘୋଷଣା, ବଢିଲା ଆଉ ଦୁଇଟା ଭତ୍ତା ଟଙ୍କା

**ନୂଆଦିଲ୍ଲୀ**

କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ବଡ଼ ଘୋଷଣା। କେନ୍ଦ୍ର ସରକାର ଜୁଲାଇରେ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) କୁ ୩% ବୃଦ୍ଧି କରିଥିଲେ। ଯାହା ୫୩ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ତ୍ତମାନ ସରକାର ଆଉ ଦୁଇଟି ଭତ୍ତା ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଏହାର ପ୍ରଭାବ ସିଧାସଳଖ କର୍ମଚାରୀଙ୍କ ଦରମା ଉପରେ ପଡିବ। ଏହାର ଅର୍ଥ ହେଉଛି ବର୍ତ୍ତମାନ ତାଙ୍କର ଦରମା ବୃଦ୍ଧି ପାଇବ। ଏହି ଦୁଇଟି ଭତ୍ତା ହେଉଛି ନର୍ସିଂ ଭତ୍ତା ଏବଂ ପୋଷାକ ଭତ୍ତା। ଯେତେବେଳେ ମହଙ୍ଗା ଭତ୍ତା ୫୦% ଥିଲା, ସେତେବେଳେ ୭ମ ବେତନ ଆୟୋଗ ଅନେକ ଭତ୍ତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସେପ୍ଟେମ୍ବରରେ ଯୋଗ୍ୟ କର୍ମଚାରୀଙ୍କ ପାଇଁ ଉଭୟ ନର୍ସିଂ ଭତ୍ତା ଏବଂ ପୋଷାକ ଭତ୍ତା ସଂଶୋଧନ କରାଯାଇଛି। ୨୦୨୪ ଜୁଲାଇ ୪ରେ ରଚରଙ୍ଗ ଦ୍ୱାରା ଜାରି କରାଯାଇଥିବା ଏକ ସର୍କୁଲାରରେ କୁହାଯାଇଛି ଯେ ମହଙ୍ଗା ଭତ୍ତା ୫୦% ରେ ପହଞ୍ଚିବା ପରେ ଯେଉଁ ଭତ୍ତା ଉପରେ ପ୍ରଭାବ ପଡିବ ତାକୁ ୨୫ ଶତକଡା ବୃଦ୍ଧି କରାଯିବ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୦୨୪ ସେପ୍ଟେମ୍ବର ୧୭ ଅନୁଯାୟୀ, ପ୍ରତ୍ୟେକ ଥର ୫୦% ମହଙ୍ଗା ଭତ୍ତା ବୃଦ୍ଧି କରାଯାଉଥିବାବେଳେ ଡ୍ରେସ ଭତ୍ତା ୨୫% ବୃଦ୍ଧି କରାଯିବ।

# ଘଟଗାଁରେ ଏସଏସଜି ମହିଳାଙ୍କ ସ୍ୱତନ୍ତ୍ର ବ୍ୟାଙ୍କ ଋଣ ମେଳା

**ଘଟଗାଁ, ନ୍ୟୁଜ୍‌ବ୍ୟୁରୋ**

ଘଟଗାଁ ବ୍ଲକ ସଭା ଗୃହରେ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ବ୍ୟାଙ୍କ ଋଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ର, ସିଡିପିଓ ଜୟନ୍ତୀ ମହାନ୍ତ, ବ୍ଲକ ସଂଯୋଜକ ସରୋଜ କୁମାର ମହାରଣା, ମହିଳା ମିଶନ ଶକ୍ତି ସଭାପତି ସାଧନା ମହାକୁଡ଼ ପ୍ରମୁଖ ଯୋଗ ଦେଇ ଏସେସଜି ଗ୍ରୁପ୍‌ଗୁଡିକର ଋଣ ଆବେଦନ ଫର୍ମ ଆବେଦନ କରିବା, ସେଗୁଡିକ ଯାଞ୍ଚ କରି ଯଥା ସମୟରେ ସଂଗ୍ରହ କରି ବ୍ୟାଙ୍କକୁ ପ୍ରେରିତ କରିବା ସମ୍ପର୍କରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମକୁ ବିପିଏମ ସରୋଜ କୁମାର ଏକ୍କା, ବିପିଏ ପଙ୍କଜିନୀ ସିଂହ, ବିଏଲସି ପୂର୍ଣ୍ଣ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଏଥିରେ ୨୭ଟି ପଞ୍ଚାୟତର ଏସେସଜି ଗ୍ରୁପର ସଭାନେତ୍ରୀ, ସମ୍ପାଦିକାମାନେ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୩ଟି ଶିଳ୍ପ...

୮୫ କୋଟି ଟଙ୍କା ବକେୟା ରଖିଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ବେଦାନ୍ତ ଲିମିଟେଡ଼୍‌କୁ ୩୫୯୯ କୋଟି ଟଙ୍କାର ବିକେୟା ବିଜୁଳି ବିଲ ଛାଡ଼ କରାଯାଇଛି। ଜିନ୍ଦଲ ଷ୍ଟିଲ୍‌କୁ ୧୦୩ କୋଟି ଟଙ୍କା ଓ ଜେକେ ପେପର ମିଲ୍‌କୁ ମଧ୍ୟ ୨୬ କୋଟି ଟଙ୍କାର ବକେୟା ବିଲ ଛାଡ଼ କରାଯାଇଛି।

### ୧୨ଟି କାର୍ଯ୍ୟ ଦିବସ...

ମାଝୀଙ୍କୁ ଭାଲିଡ଼େଟାରୀ (ବିଦାୟ କାଳୀନ ସମ୍ଭାଷଣ) ପାଇଁ ଡାକିଥିଲେ। ତଦନୁସାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହର ସୁପରିଚାଳନା ଏବଂ ଏଥିରେ ସହଯୋଗ ପାଇଁ ବାଚସ୍ପତି, ଉପବାଚସ୍ପତି, ଅଧିଷ୍ଠାତା ମଣ୍ଡଳୀ ସଦସ୍ୟ, ବିରୋଧୀ ଦଳ ନେତା, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ମୁଖ୍ୟ ସଚେତକ, ଅନ୍ୟ ଦଳର ନେତା, ବିଧାନସଭା ଓ ନିରାପତ୍ତା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ଏବଂ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡ଼ିଆ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନୁରୂପ ଭାବେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ଏବଂ ଶେଷରେ ବାଚସ୍ପତି ଶ୍ରୀମତୀ ପାଢୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହାପରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହକୁ ଅପରାହ୍ନ ୪.୪୫ ମିନିଟ୍ ସମୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

### ମହିଳାଙ୍କୁ ସଶକ୍ତିକରଣ...

ସୁବିଧା ଦିଆଯାଇ ନାହିଁ। ତୁରନ୍ତ ସେମାନଙ୍କ ସମସ୍ୟା ଓ ଦାବି ପ୍ରତି ସୁବିଚାର କରି ସରକାର ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ଅନ୍ୟ ପକ୍ଷରେ ଶାସକ ଦଳ ପକ୍ଷରୁ ବିଧାୟକ ସର୍ବଶ୍ରୀ ମାନସ ଦତ୍ତ, ସନ୍ତୋଷ ଖଟୁଆ, ବିଧାୟିକା ଉପାସନା ମହାପାତ୍ର ଓ ସୀମାରାଣୀ ନାୟକ ଦୃଷ୍ଟି ଆକର୍ଷଣକାରୀ ଆଲୋଚନାରେ ଭାଗ ନେଇ ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରିବା ସହ ପୂର୍ବ ସରକାରଙ୍କ କାର୍ଯ୍ୟକ୍ରମ ପାଇଁ ମହିଳାମାନେ ଏବେ ଦାଣ୍ଡରେ ପଡ଼ିଛନ୍ତି ବୋଲି କହିଥିଲେ। ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ବିରୋଧୀ ଦଳର ଅଭିଯୋଗ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଭିତ୍ତିହୀନ। ବର୍ତ୍ତମାନ ସରକାରଙ୍କ ମହିଳାମାନଙ୍କ ପ୍ରତି ପ୍ରତିବଦ୍ଧତା ରହିଛି ଏବଂ ସେ ଦିଗରେ ନିଷ୍ଠାର ସହ ପଦକ୍ଷେପ ନିଆଯାଉଛି। ମିଶନ ଶକ୍ତିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୨୦୨୭ ମସିହା ସୁଦ୍ଧା ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇ ସେ କହିଥିଲେ ଯେ, ବର୍ତ୍ତମାନ ଦେଖାଦେଇଥିବା ସମସ୍ୟା ପାଇଁ ପୂର୍ବ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। କାରଣ ସେମାନେ ଯେଉଁ ସମୟରେ ନିର୍ବାଚନ ପୂର୍ବରୁ ମିଶନ ଶକ୍ତି ସପୋର୍ଟ ଷ୍ଟାଫଙ୍କ ନିଯୁକ୍ତି ପ୍ରକ୍ରିୟା ନବୀକରଣ କରିବା କଥା ତାହା କରିନଥିଲେ। ଏଥିପାଇଁ ସମସ୍ୟା ସୃଷ୍ଟି ହୋଇଥିଲା। ପୂର୍ବ ସରକାରଙ୍କ ଭୁଲ୍ କାର୍ଯ୍ୟକ୍ରମ ପାଇଁ ମିଶନ ଶକ୍ତି ଆଜି ପୋଲିଓ ଆକ୍ରାନ୍ତ ହୋଇପଡ଼ିଛି। ତେବେ ଏହାକୁ ସୁଦୃଢ କରିବା ଦିଗରେ ସରକାର ସମସ୍ତ ପ୍ରତିବଦ୍ଧତାର ସହ କାମ କରୁଛନ୍ତି ବୋଲି ସେ କହିବା ସହ ଆନ୍ଦୋଳନରତ ମହିଳାଙ୍କ ପ୍ରତି ତାଙ୍କର ସମସ୍ତ ସହାନୁଭୂତି ଓ ସମ୍ବେଦନଶୀଳତା ରହିଛି ବୋଲି କହିଥିଲେ। ଶ୍ରୀମତୀ ପରିଡା କହିଥିଲେ ମିଶନ ଶକ୍ତି ସପୋର୍ଟ ଷ୍ଟାଫ୍‌ଙ୍କ ଆନ୍ଦୋଳନ ଆରମ୍ଭ ଦିନ ପ୍ରଥମେ ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ବିଭାଗ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନରୁ ଓହରିଯିବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇ ଆଲୋଚନାରୁ ଗଲାବେଳେ କହିଥିଲେ। ମାତ୍ର ପରେ ପୁଣି ଆନ୍ଦୋଳନରେ ବସିଲେ। ସେ ସମୟରେ ସେମାନେ କାହାର ପ୍ରରୋଚନାରେ ଏଭଳି ପଦକ୍ଷେପ ନେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଏହି ଉତ୍ତର ବେଳେ ଏହାର ପ୍ରତିବାଦ ଜଣାଇ ବିରୋଧୀ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ।

**ଇଣ୍ଡିଆନ୍ ପୋର୍ଟ୍ସ ଆସୋସିଏସନ୍**
ପ୍ରଥମ ମହଲା, ଏନ୍‌ବିସିସି ପ୍ଲେସ୍, ସାଉଥ୍ ଟାୱାର,
ବି.ପି ମାର୍ଗ, ଲୋଦି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩
**ଭାରତର ବିଭିନ୍ନ ପ୍ରମୁଖ ବନ୍ଦରରେ ସିଭିଲ୍ ଇଞ୍ଜିନିୟରିଂ ଶୃଙ୍ଖଳାରେ କାର୍ଯ୍ୟନିର୍ବାହିସ୍ତରର ପଦବୀ ନିଯୁକ୍ତି**
ନିଯୁକ୍ତି ନୋଟିସ୍-ପରିବର୍ଦ୍ଧିତ ଶେଷ ତାରିଖ
**ବିଜ୍ଞାପନ ନଂ ୨୦୨୪/ଏସ୍‌ଜିଆର/୦୧** ଅନୁଯାୟୀ ଆମନ୍ତ୍ରିତ। ଆବେଦନପତ୍ର ଗ୍ରହଣ କରିବାର ଶେଷ ତାରିଖ ପରିବର୍ଦ୍ଧିତ ୨୬.୧୨.୨୦୨୪। ଅନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି। ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ସରକାରୀ ୱେବ୍‌ସାଇଟ୍ : www.ipa.nic.inରେ ଉପଲବ୍ଧ।
cbc 37203/12/0011/2425
ମୁଖ୍ୟ ପ୍ରଶାସନିକ ଅଧିକାରୀ (ଆଇ/ସି)

**CUTTACK MUNICIPAL CORPORATION**
C-1221
"e" PROCUREMENT NOTICE
Bid Reference No. MC(CMC)CTC_EL_No.08/2024-25
Tender ID : 2024_ORULB_108074
Tender Call Notice No. 10254 (PW) Date. 09.12.2024
Name of Works : Electrical Works
No of Works : 01
Bid Value : Rs. 8.05 Lakhs
Period of Completion : Two Calendar Months
Date and Time schedule :

| Start | End | Opening |
|---|---|---|
| 13.00 PM on dt. 11.12.2024 | 5.00 PM on dt.20.12.2024 | 11.00 A.M. on dt. 24.12.2024 |

Tender Details : can be seen from the procurement portal : www.tendersorissa.gov.in
Sd/- Executive Engineer, City Div-III
OIPR-13031/11/0106/2425

**GOVT OF ODISHA** O-833
OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in
No:-Tender – Online – NayagarhDivn. –08/2024-25 Date:- 07.12.2024
**e-Procurement Notice**
1. Name of the work : Road works.
2. Total No. of Projects : 10(Ten) Nos of projects
3. Class of contractor
a)Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.8.45 Lakhs to Rs.21.02 lakhs
5 Time for completion : 02(Two) calendar months.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 08/2024-25 | 17.12.2024 at 10.00 A.M | 27.12.2024 upto 5.30 P.M. | 30.12.2024 at 11.00 A.M. |

Further details can be seen from the website www.tendersorissa.gov.in
Executive Engineer
Rural Works Division, Nayagarh
OIPR : 25106/11/0011/2425

Government of Odisha "e" Procurement Notice
Bid Identification No.35/2024-25 C-1225

| | | | |
|---|---|---|---|
| 1. | Name of the work | : | 1 No. of work. |
| 2. | Estimated cost | : | 22.38 lakhs |
| 3. | Period of completion | : | 03 (Three) Months |
| 4. | Date & Time of availability of bid document in the portal | : | From 11.00 AM. of 13.12.2027 to 5.00 PM of 23.12.2024 |
| 5. | Last date / time for receipt of bids in the portal | : | 5.00 PM of 23.12.2024 |
| 6. | Name and address of the Officer inviting Bid | : | Additional Chief Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Additional Chief Engineer
P.H.Division, Bhubaneswar
OIPR : 13205/11/0023/2425

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ C-1223
OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/Po. Ps. Titilagarh, Dist-Balangir – 767033, e-mail:titilagarhmunicipality@gmail.com, www.titilagarhmunicipality.in
Letter No. 3218 Date. 9.12.24
QUOTATION CALL NOTICE
Quotation / Tenders are invited from the intending suppliers /manufactures having MSME certificate/GST clearance certificate, Pan Card & dealership Certificate for supply of the Electric Materials for the year 2024-25 of reputed brand /company to the office of the undersigned on or before .17.12.2024.. at 12.00 PM through Regd .Post/Speed Post/ and hand delivery during the office hour .The rate should be inclusive of all taxes and deliveries of the materials are to be made in the Municipality Office ,Titilagarh .The quotation /Tenders will be received by the undersigned up to 12.00 P.M on 17.12.2024 and will be opened on Date 17.12.2024 at 4.00 P.M at Titilagarh Municipality in the presence of quotationers /authorized representatives who choose to remain present at the time of opening of quotations .The authority will not be held responsible for any postal delay. The undersigned reserves the right to reject /cancel any or all the quotations without assigning any reason thereof.
Yours faithfully
Executive Officer
Titilagarh Municipality
OIPR : 13095/11/0007/2425

ଭୁବନେଶ୍ୱର
୧୨ ଡିସେମ୍ବର
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ପଞ୍ଜିକାରମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନର ବୈଠକ

# ପର୍ବପର୍ବାଣିକୁ ନେଇ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ପ୍ରୟାସ

**ପୁରୀ, ୧୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ବିଭିନ୍ନ ପର୍ବପର୍ବାଣିକୁ ନେଇ ଲୋକଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ତାହା ଦୂର କରିବା ପାଇଁ ପ୍ରୟାସ ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଓଡ଼ିଶାର ପ୍ରସିଦ୍ଧ ପଞ୍ଜିକାର ମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଞ୍ଚଜଣ ପଞ୍ଜିକା ପ୍ରକାଶନ କରୁଥିବା ଅନୁଷ୍ଠାନ ଯୋଗ



ଦେଇଥିଲେ। ଆଗାମୀ ପାଞ୍ଜି ପ୍ରକାଶ ପୂର୍ବରୁ ତାଙ୍କର ଗଣନା ଏବଂ ପାଣ୍ଡୁଲିପି ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ପ୍ରଦାନ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ପାଣ୍ଡୁଲିପିକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ତର୍ଜମା କରିବେ। ଭୁଲ୍ ଥିବା ସମସ୍ତ ତଥ୍ୟକୁ ଠିକ୍ କରିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏହା ଦିଆଯାଇ ଅନୁମୋଦନ କରାଯିବ। ଏହାପରେ ପଞ୍ଜିକା ପ୍ରକାଶ କରୁଥିବା ସଂସ୍ଥାଗୁଡିକ ପଞ୍ଜିକା ପ୍ରକାଶ କରିବେ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନର ବିନା ଅନୁମୋଦନରେ ବିଭ୍ରାନ୍ତିକର ସୂଚନା ପାଞ୍ଜିରେ ଦିଆଗଲେ ସମ୍ପୃକ୍ତ ସଂସ୍ଥାକୁ ନୋଟିସ୍ ଦିଆଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି। ବୈଠକରେ ପଞ୍ଜିକାର, ମୁକ୍ତିମଣ୍ଡପ ପଣ୍ଡିତ ସଭା, ପୂଜାପଣ୍ଡା ନିଯୋଗ ସାମିଲ ହୋଇଥିଲେ।

# ଆଳୁ ଉତ୍ପାଦନରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ପାଇଁ ପଦକ୍ଷେପ ନିଆଯାଉଛି : ମନ୍ତ୍ରୀ

**ଭୁବନେଶ୍ୱର, ୧୧।୧୨:ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ବିଧାନସଭାର ପ୍ରଶ୍ନୋତ୍ତର କାଳରେ ଆଳୁଚାଷକୁ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କୀତ ଏକ ପ୍ରଶ୍ନ ଉପରେ ଗୃହରେ ପାଖାପାଖି ୫୦ ମିନିଟ୍ ଧରି ବିସ୍ତୃତ ଆଲୋଚନା ହୋଇଥିଲା। ବିଧାୟକ ମାନସ କୁମାର ଦତ୍ତଙ୍କ ଏ ସମ୍ପର୍କୀତ ଏକ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ଅଶ୍ୱିନୀ ପାତ୍ର, ଅମରେନ୍ଦ୍ର ଦାସ, ରାମଚନ୍ଦ୍ର କାଡ଼ାମ, ସୁବାସିନୀ ଜେନା, ପୂର୍ଣ୍ଣଚନ୍ଦ୍ର ସେଠୀ, ଗଣେଶ୍ୱର ବେହେରା, ରଘୁନାଥ ଜଗଦଳା, ରମେଶ ଚନ୍ଦ୍ର ବେହେରା, ପ୍ରତାପ କେଶରୀ ଦେବ ପ୍ରମୁଖଙ୍କ ଅନ୍ୟ କେତେକଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ରାଜ୍ୟ ସରକାର ଚଳିତ ବର୍ଷ ୬୪.୧୭ କୋଟି ଟଙ୍କା ବ୍ୟୟରେ ରବି ଋତୁରେ ଆଳୁଚାଷ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ଉନ୍ନତମାନର ଆଳୁ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ୨୦୨୪ ମସିହା ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଚାଷୀମାନଙ୍କୁ ୧ ଲକ୍ଷ ୩୭ ହଜାର ୨୩୦ କୁଇଣ୍ଟାଲ ଆଳୁ ବିହନ ଯୋଗାଇ ଦେବାର ବ୍ୟବସ୍ଥା ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଛି। ଆଳୁ ଉତ୍ପାଦନରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ରାଜ୍ୟରେ ୫୮ଟି ବ୍ଲକରେ ହାଇବ୍ରିଡ୍ ମୋଡ଼ରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଶୀତଳ ଭଣ୍ଡାର ଗୁଡ଼ିକ ପ୍ରତିଷ୍ଠା ହୋଇଗଲେ ଚାଷୀମାନଙ୍କ ଆଳୁ ଓଡ଼ିଶାରେ ଉପଯୁକ୍ତ ଭାବେ ସଂରକ୍ଷିତ ରହିପାରିବ ଏବଂ ଏହାଦ୍ୱାରା ଚାଷୀମାନେ ଉପକୃତ ହେବେ। ଯାହାଫଳରେ କି ଆଳୁ ପାଇଁ ଆଉ ପଡ଼ୋଶୀ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ସିଂହଦେଓ କହିଥିଲେ। ସେ କହିଥିଲେ ରାଜ୍ୟର ଆଳୁ ଉତ୍ପାଦନବହୁଳ ଜିଲ୍ଲା ବିଶେଷକରି କଟକ, କନ୍ଧମାଳ, କୋରାପୁଟ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ଆଳୁଚାଷକୁ ବୃଦ୍ଧି କରିବା ପାଇଁ ଚାଷୀଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦିଆଯାଉଛି। ଆଳୁର ବିକଳ୍ପ ଫସଲ ପାଇଁ ସରକାର ବିଚାର କରୁଛନ୍ତି ମଧ୍ୟ ସେ କହିଥିଲେ।

## ତାମିଲ ମହାକବି ସୁବ୍ରମଣ୍ୟ ଭାରତୀ ଜୟନ୍ତୀ

# 'ଭାରତୀୟ ଭାଷା ଉତ୍ସବ' ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ତାମିଲ୍ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ 'ଭାରତୀୟ ଭାଷା ଉତ୍ସବ' ପାଳନ କରାଯାଉଛି। ଇଂରାଜୀ ଭାଷା ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ, କିନ୍ତୁ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ। ଲୋକସେବା ଭବନ କନ୍‌ଭେନସନ ସେଣ୍ଟର ଠାରେ ଆୟୋଜିତ ଏହି ଭାଷା ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଇଂରାଜୀ ଭାଷା ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ, କିନ୍ତୁ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ। ଆଜିକାଲି ପିଲାମାନେ ଇଂରାଜୀ ଭାଷାକୁ ଯୋଗାଯୋଗର ଏକ ମାଧ୍ୟମ ଭାବେ ବ୍ୟବହାର ନକରି, ଇଂରାଜୀ କହିବାକୁ ଏକ ଫେସନ୍ ଭାବେ ଗ୍ରହଣ କରୁଛନ୍ତି। ଇଂରାଜୀ ମିଡିଅମ୍‌ରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ଓଡ଼ିଆ ଭାଷା ପଢିବାରେ ଅକ୍ଷମ। ଏହା



ଦୁଃଖର ବିଷୟ। ଇଂରାଜୀ ଓ ହିନ୍ଦୀ ଆମ ପାଇଁ ଏକ ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ। କିନ୍ତୁ ଏହା କେବେ ଆମ ମାତୃଭାଷାର ବିକଳ୍ପ ହୋଇ ପାରିବ ନାହିଁ। ତେଣୁ ରାଜ୍ୟ ସରକାର ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦେଇ କାମ ଆରମ୍ଭ କରିଛନ୍ତି। ସରକାରୀ ଫାଇଲ୍‌କୁ ଓଡ଼ିଆ ଭାଷାରେ କରିବା ପାଇଁ ଦୃଢ ନିର୍ଦ୍ଦେଶ ଦିଆଯାଇଛି। ଅନେକ ବିଭାଗରେ ଓଡ଼ିଆ ଭାଷାରେ ଫାଇଲ୍ କାମ ଆରମ୍ଭ ମଧ୍ୟ ହେଲାଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ତାଙ୍କ ଜୟନ୍ତୀରେ ଆମେ ରାଜ୍ୟସ୍ତରରେ ଭାରତୀୟ ଭାଷା ଉତ୍ସବ ଭାବେ ପାଳନ କରୁଛୁ। ଏହା କେବଳ ଏକ ଉତ୍ସବ ନୁହେଁ, ଆମ ସଂସ୍କୃତି ଏବଂ ଗୌରବର ପ୍ରତୀକ। ଭାଷାଭିତ୍ତିକ ବିବିଧତା ହେଉଛି ଆମର ସର୍ବଶ୍ରେଷ୍ଠ ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଏହାକୁ କାୟ ମନୋବାକ୍ୟରେ ଅନୁସରଣ କରି ଆମେ ଆଗକୁ ଯିବାର ସ୍ୱପ୍ନ ଦେଖିବା ହିଁ ଆଜିର ଆବଶ୍ୟକତା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱର୍ଗତ ଭାରତୀ ଯଦିଓ ତାମିଲ ସାହିତ୍ୟକୁ ନିଜ ପ୍ରତିଭା ବଳରେ ନିଜ ସାରସ୍ୱତ ସାଧନାରେ ଉଦ୍‌ବୁଦ୍ଧ କରିଛନ୍ତି, ସେ ଅନ୍ୟାନ୍ୟ ଭାରତୀୟ ଭାଷାକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି। ସେ ନିଜର ସାହିତ୍ୟ ମାଧ୍ୟମରେ ସମାଜ ସଂସ୍କାର ଉପରେ ଗୁରୁତ୍ୱାରୋପ କରୁଥିଲେ। ସମାନତା, ମହିଳା ସଶକ୍ତିକରଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଜରିଆରେ ଏକ ପ୍ରଗତିଶୀଳ ଭାରତ ଗଠନ ପାଇଁ ଉଦ୍ୟମ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଧାରା ୪୯୮ଇ ର ଅପବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ କ୍ଷୋଭ

# ପତ୍ନୀଙ୍କ ଅଯୌକ୍ତିକ ଦାବି ପୂରଣ ନହେଲେ ସ୍ୱାମୀ ଏବଂ ସମ୍ପର୍କୀୟଙ୍କ ବିରୋଧରେ ହେଉଛି ମାମଲା

**ନୂଆଦିଲ୍ଲୀ, ୧୧।୧୨**

ଭାରତୀୟ ଦଣ୍ଡବିଧି ସଂହିତା (ଆଇପିସି)ର ଧାରା ୪୯୮ଇ ର ଅପବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯାହାକି ବିବାହିତା ମହିଳାଙ୍କ ବିରୁଦ୍ଧରେ ସ୍ୱାମୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିର୍ଦ୍ଦୟତାକୁ ଦଣ୍ଡିତ କରିଥାଏ। ଜଷ୍ଟିସ୍ ବି.ଭି. ନାଗରତନା ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି ଯେ, ବେଳେବେଳେ ଏହି ବ୍ୟବସ୍ଥା, ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ମହିଳାଙ୍କୁ ଘରୋଇ ହିଂସା ତଥା ନିର୍ଯାତନା ଠାରୁ ରକ୍ଷା କରିବା। କିଛି ମହିଳା ସେମାନଙ୍କ ସ୍ୱାମୀ ଏବଂ ତାଙ୍କ ପରିବାର ପାଇଁ ଅଯୌକ୍ତିକ ଦାବି ପୂରଣ କରିବାକୁ ବାଧ କରି ଶୋଷଣ କରାଯାଉଛି। ଅଦାଲତ କହିଛନ୍ତି ଯେ, ବେଳେବେଳେ ପତ୍ନୀଙ୍କ ଅଯୌକ୍ତିକ ଦାବି ପୂରଣ କରିବା ପାଇଁ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ଆଇପିସିର ଧାରା ୪୯୮ଇର ସାହାରା ନିଆଯାଇଥାଏ। କୋର୍ଟ



କହିଛନ୍ତି ଯେ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ବ୍ୟକ୍ତିଗତ ପ୍ରତିଶୋଧକୁ ପ୍ରୋତ୍ସାହନ ଦେବା ପାଇଁ ମହିଳାମାନଙ୍କୁ ଏହି ବ୍ୟବସ୍ଥାକୁ ବ୍ୟବହାର କରିବା ପାଇଁ ଏକ ପ୍ରବୃତ୍ତି ରହିଛି। ଏହି ନିଷ୍ପତ୍ତିରେ କୁହାଯାଇଛି ଯେ, ନିକଟ ଅତୀତରେ ସାରା ଦେଶରେ ବୈବାହିକ ବିବାଦରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଏଥି ସହିତ ବିବାହ ପ୍ରତିଷ୍ଠାନ ମଧ୍ୟରେ ମତଭେଦ ତଥା ତିକ୍ତତା ବଢିଥିଲା। ବିବାହ ବିବାଦ ସମୟରେ ଅସ୍ପଷ୍ଟ ତଥା ସାଧାରଣ ଅଭିଯୋଗ କରି ଆଇପିସିର ଧାରା ୪୯୮ଇ ପରି ବ୍ୟବସ୍ଥାର ଅପବ୍ୟବହାର କରିବାର ପ୍ରବୃତ୍ତି ବଢୁଛି, ଯାହା ଯାଞ୍ଚ କରା ନ ଗଲେ ଆଇନଗତ ପ୍ରକ୍ରିୟାର ଅପବ୍ୟବହାର ହେବ। ପତ୍ନୀ ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ଦାଖଲ କରିଥିବା ନିଷ୍ଠୁରତା ଏବଂ ଯୌତୁକ ମାମଲାକୁ ଖାରଜ କରି କୋର୍ଟ ଏହି ନିରୀକ୍ଷଣ କରିଛନ୍ତି। ତେବେ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଦାଖଲ ହୋଇଥିବା ମାମଲାକୁ ତେଲେଙ୍ଗାନା ହାଇକୋର୍ଟ ଖାରଜ କରିବାକୁ ମନା କରିଦେଇଥିବା ଆବେଦନ ଉପରେ ଏହି ଶୁଣାଣି ସୁପ୍ରିମକୋର୍ଟ କରିଛନ୍ତି। ସ୍ୱାମୀ ଛାଡ଼ପତ୍ର ପାଇଁ ଆବେଦନ କରିଥିବା ବେଳେ ପତ୍ନୀ ତାଙ୍କ ସ୍ୱାମୀ ଏବଂ ଶ୍ୱଶୁରଙ୍କ ବିରୋଧରେ ଉପରୋକ୍ତ ମାମଲା ଦାୟର କରିଥିଲେ। ତେବେ ଆବେଦନ ଉପରେ ବିଚାର କରିବା ପରେ ସୁପ୍ରିମକୋର୍ଟ କହିଥିଲେ ଯେ ପତ୍ନୀଙ୍କ ଦ୍ୱାରା ଦାଖଲ ହୋଇଥିବା ମାମଲାଗୁଡ଼ିକ ବ୍ୟକ୍ତିଗତ ଅସନ୍ତୋଷ ଏବଂ ଅଭିଯୋଗର ସମାଧାନ ଅଟେ ଏବଂ ପତ୍ନୀ ତାଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାର ଅପବ୍ୟବହାର କରୁଛନ୍ତି।

## ବଢୁଛି ଗୋ-ଚାଲାଣ ଘଟଣା
## ୫ ବର୍ଷରେ ରୁଜୁ ହୋଇଛି ୧୬୮୩ ମାମଲା

**ଭୁବନେଶ୍ୱର, ୧୧।୧୨:ନ୍ୟୁଜ୍‌ବ୍ୟୁରୋ**

ବର୍ଷକୁ ବର୍ଷ ବଢୁଛି ଗୋ-ଚାଲାଣ ମାମଲା। ୫ ବର୍ଷରେ ରୁଜୁ ହୋଇଛି ୧୬୮୩ ମାମଲା। ୨୦୧୯ରେ ୧୩୯, ୨୦୨୦ରେ ୨୬୭, ୨୦୨୧ରେ ୩୭୧, ୨୦୨୨ରେ ୩୮୬, ୨୦୨୩ରେ ବଢ଼ି ୬୨୩ରେ ମାମଲା ସଂଖ୍ୟା ପହଞ୍ଚିଛି। ଗୋ-ସୁରକ୍ଷା ପାଇଁ ମୋହନ ସରକାର ଆନ୍ତଃମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି। ଏ ସମ୍ପର୍କରେ ଗୃହରେ ଲିଖିତ ଭାବେ ଉତ୍ତର ରଖିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

## ଟେଣ୍ଡର ପାଇଁ ୧୦ଲକ୍ଷ ଟଙ୍କା କାରବାର ଘଟଣା

# ଦ୍ୱିତୀୟ ଥର ପାଇଁ ରିମାଣ୍ଡରେ ଗଲେ ୩ ଅଭିଯୁକ୍ତ, ଆୟକର ବିଭାଗର ତଦନ୍ତ ଆରମ୍ଭ

**ଭୁବନେଶ୍ୱର, ୧୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ଟେଣ୍ଡର ନାଁରେ ୧୦ ଲକ୍ଷ ଟଙ୍କା କାରବାର ଘଟଣାରେ ଦ୍ୱିତୀୟ ଥର ପାଇଁ ତିନି ଅଭିଯୁକ୍ତ ରିମାଣ୍ଡରେ ଗଲେ। ଅଭିଯୁକ୍ତ ଚଞ୍ଚଳ ମୁଖାର୍ଜୀ, ଦେବଦତ୍ତ ମହାପାତ୍ର, ସନ୍ତୋଷ ମହାରଣାଙ୍କୁ ସିବିଆଇ ରିମାଣ୍ଡରେ ନେଇଛି। ୧୦ ଦିନ ରିମାଣ୍ଡରେ ନେବା ପାଇଁ ସିବିଆଇ ଆବେଦନ କରିଥିଲା। ୫ ଦିନ ଅନୁମତି ଦେଲେ ସିବିଆଇ ସ୍ୱତନ୍ତ୍ର କୋର୍ଟ। ମିଡିଲ ମ୍ୟାନ୍ ଦେବଦତ୍ତ ମହାପାତ୍ର ସିବିଆଇ କୋର୍ଟରେ ତାଙ୍କ



ଜାମିନ ଆବେଦନ କରିଥିଲେ। ସିବିଆଇ କୋର୍ଟ ଦେବଦତ୍ତଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ସେପଟେ ଦେବଦତ୍ତଙ୍କ ଭାଇ କହିଛନ୍ତି, ସେ ନିର୍ଦ୍ଦୋଷ। ତାଙ୍କର ଏହି କାରବାରରେ କୌଣସି ଭୂମିକା ନାହିଁ। ସିବିଆଇକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଥିବା କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ସିବିଆଇ ପରେ ଆଇଟି ତଦନ୍ତ। ସିବିଆଇ ପରେ ଆୟକର ବିଭାଗର ତଦନ୍ତ ଆରମ୍ଭ କରିଛି। ଗିରଫ ୩ ଅଭିଯୁକ୍ତଙ୍କୁ ନେଇ ଆୟକର ବିଭାଗ ତଦନ୍ତ କରୁଛି। ସିବିଆଇ ନିକଟରୁ ତଥ୍ୟ ନେଇ ଟିକସ ଫାଙ୍କିବା ଉପରେ ଆୟକର ବିଭାଗ ତଦନ୍ତ କରୁଛି। ସିବିଆଇ ଜବତ କରିଥିବା କାଗଜପତ୍ରକୁ ଯାଞ୍ଚ କରୁଛି ଆୟକର ବିଭାଗ ଟିମ୍। ତିନି ଅଭିଯୁକ୍ତଙ୍କ କଳାଧନର ଗୁମର ଖୋଲିବାକୁ ଚେଷ୍ଟା କରୁଛି ବିଭାଗ।

## ମହାପ୍ରସାଦ ଦର ହ୍ରାସ ନେଇ ବିଜେଡିର ଦାବି

**ଭୁବନେଶ୍ୱର, ୧୧।୧୨**
**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରସାଦର ଦର ହ୍ରାସ ନେଇ ଗୃହରେ ଦାବି କଲେ ବିଜେଡି ବିଧାୟକ ସୁନୀଲ ମହାନ୍ତି। ଓମ୍‌ଫେଡ୍ ଘିଅ ବ୍ୟବହାର ପାଇଁ ମନ୍ଦିରକୁ ନିର୍ଦ୍ଦେଶ ଯାଇଛି। କିନ୍ତୁ ତା'ର ଦାମ୍ ବହୁତ। ଯାହା ଅବଢ଼ା ପ୍ରସ୍ତୁତରେ ପ୍ରଭାବ ପକାଉଛି। ସେହି ମହାସୁଆରମାନଙ୍କ ସହ ଆଲୋଚନା କରି ତାଙ୍କୁ ସବ୍‌ସିଡି ଜରିଆରେ ଘିଅ ଯୋଗାଇ ଦେବାର ଆବଶ୍ୟକ ରହିଛି। ଯେହେତୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତମାନେ ଗଲେ ପୁଣ୍ୟ ପ୍ରାପ୍ତି ପାଇଁ ସେମାନେ ମହାପ୍ରଭୁଙ୍କର ମହାପ୍ରସାଦ ସେବନ କରିଥାନ୍ତି। କିନ୍ତୁ ଦର ବୃଦ୍ଧି ଏବେ ସେଥିରେ ବାଧା ଉପୁଜୁଛି। ତେଣୁ ଶ୍ରୀମନ୍ଦିର ପାଇଁ ଗୃହ କମିଟି ରହିଛି ତା'ର ଏକ ବୈଠକ କରି ମହାପ୍ରସାଦ ଉପରେ ଖୁବ୍‌ଶୀଘ୍ର ଆଲୋଚନା କରିବା ପାଇଁ ସେ ଦାବି କରିଛନ୍ତି।

## ସରକାରୀ ଚାକିରି କରାଇଦେବା ନାଁରେ ୮୨ ଜଣଙ୍କୁ ଠକେଇ

# ୫ ଜଣଙ୍କୁ ବାନ୍ଧିଲାଣି ପୋଲିସ, ଲିଙ୍କ୍‌ରେ ଆହୁରି ଅନେକ

**କଟକ, ୧୧।୧୨:ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଚାକିରି ପାଇବା ନାଁରେ ୮୨ ଜଣ ଆଶାୟୀ ଠକେଇର ଶିକାର ହେଲେଣି। ଠକେଇର ନେଟୱର୍କ ଚାଲିଥିଲା କଟକ ସହର ଭିତରେ। ହେଲେ ଏବେ ଏଇ କଳା କାରବାର ଉପରୁ ଧୀରେଧୀରେ ପରଦା ଉଠିବାରେ ଲାଗିଛି। ଠକେଇ ଅଭିଯୋଗରେ ଗତ ଶନିବାର ୨ ଭାଇଙ୍କୁ ବାନ୍ଧିଥିଲା ମଙ୍ଗଳାବାଗ ଥାନା ପୋଲିସ। ମଙ୍ଗଳବାର ରାତିରେ ଆଉ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ପ୍ରାୟ ୨୭ ଲକ୍ଷ ଟଙ୍କା ଏବଂ ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରିଛି ପୋଲିସ। କିନ୍ତୁ କେବଳ ୫ ନୁହନ୍ତି, ଏହି ନେଟୱର୍କରେ ଆହୁରି ଅଧିକ ଠକ ସମ୍ପୃକ୍ତ ଅଛନ୍ତି। ତେଣୁ ସେମାନଙ୍କୁ ବାନ୍ଧିବା ଲାଗି ଏକ ଟିମ୍ ଗଠନ କରିଛନ୍ତି କଟକ ଡିସିପି। କଟକ ଜିଲ୍ଲାର ବିଭିନ୍ନ ସରକାରୀ ହସ୍ପିଟାଲରେ ଆଶାୟୀ ପ୍ରାର୍ଥୀମାନଙ୍କୁ ଚାକିରି ଦେବାର ପ୍ରଲୋଭନ ଦିଆ ଯାଇଥିଲା। କେଉଁ ସ୍ଥାନରେ ନିଯୁକ୍ତି ମିଳିବ, ସେହି ଅନୁଯାୟୀ ଦର କଷୁଥିଲେ ଚାକିରି ଦଲାଲମାନେ। ଏହିଭଳି ଠକେଇର ଶିକାର ହୋଇଥିବା ୮୨ଜଣ ପ୍ରାର୍ଥୀ ପୃଥକ ପୃଥକ ଭାବେ ଏତଲା ଦାୟର କରିଛନ୍ତି। ତେବେ ଚିନ୍ତାର କଥା ହେଲା ଏସ୍‌ସିବି ମେଡ଼ିକାଲରେ ଚାକିରି କରାଇ ଦେବା ନାଁରେ ମଧ୍ୟ ଠକେଇ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ପୋଲିସ ଗିରଫ କରିଛି। ତେଣୁ ଆଉ କିଏ କିଏ ଏହି ଠକ ଗ୍ରୁପ୍‌ରେ ଅଛନ୍ତି ତା'ର ଖୋଳତାଡ଼ ଏବେ ଚାଲିଛି। ଯାହାର ଫଳାଫଳ ହୁଏତ ଖୁବ୍‌ଶୀଘ୍ର ସାମ୍ନାକୁ ଆସିବ। ସରକାରୀ ଡାକ୍ତର-ଖାନାରେ ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ଚାକିରି ଦେବା ନାଁରେ ଏଭଳି ଠକେଇ କରାଯାଇଛି। ତେବେ ପୂର୍ବରୁ ଗିରଫ ହୋଇଥିବା ୨ ଠକଙ୍କୁ ପଚରାଉଚରା ପାଇଁ ପୋଲିସ ରିମାଣ୍ଡରେ ଆଣିଛି।

# ତ୍ୱରାନ୍ୱିତ ହେବ ଦୁର୍ଘଟଣା ଜନିତ ଚିକିତ୍ସା : ଏସ୍‌ସିବିକୁ ୫୦୦ ବେଡ୍ ବିଶିଷ୍ଟ ଟ୍ରମାକେୟାର ସେଣ୍ଟର ପାଇଁ ପ୍ରସ୍ତାବ

**କଟକ, ୧୧।୧୨:ନ୍ୟୁଜ୍‌ବ୍ୟୁରୋ**

ସଡ଼କ ଦୁର୍ଘଟଣା ହ୍ରାସ କରିବା ଦିଗରେ ସଚେତନତା ବଡ଼ ଅସ୍ତ୍ର ପାଲଟିଛି। ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ଲକ୍ଷ୍ୟରେ ବେଶ୍ ଉପାଦେୟ ସାବ୍ୟସ୍ତ ହେଉଛି ଟ୍ରମା କେୟାର ସେଣ୍ଟର ବ୍ୟବସ୍ଥା। ଦୁର୍ଘଟଣାର ପ୍ରଥମ ୪୮ ଘଣ୍ଟା ପର୍ଯ୍ୟନ୍ତ ଆହତ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ଚିକିତ୍ସା ଯୋଗାଇ ଦେବା ପାଇଁ ଡାକ୍ତରଖାନାରେ କିଛି ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଘରୋଇ ଡାକ୍ତରଖାନାରେ ଏହି ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଟ୍ରମା କେୟାର ବ୍ୟବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଆଉ ଏକ ବଡ଼ ପଦକ୍ଷେପ ନେଉଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ପ୍ରତ୍ୟେକଟି ଜିଲ୍ଲାରେ ଟ୍ରମାକେୟାର ସେଣ୍ଟରକୁ ଗୁରୁତ୍ୱ ଦିଆଯାଉଛି। ଏସ୍‌ସିବିକୁ ୫୦୦ ବେଡ୍ ବିଶିଷ୍ଟ ଟ୍ରମାକେୟାର ସେଣ୍ଟର ପାଇଁ ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି। 'ରାଜ୍ୟରେ ବିଶେଷ ଭାବରେ ଟ୍ରମାକେୟାର ସେଣ୍ଟରକୁ ଅଧିକ ଭାବରେ ଗୁରୁତ୍ୱ ଦିଆଯାଉଛି। ତେବେ ରାଜ୍ୟରେ ବର୍ତ୍ତମାନ ସମୟରେ ୧୦୭ଟି ଟ୍ରମାକେୟାର ସେଣ୍ଟର ରହିଛି। ସେଥିମଧ୍ୟରୁ ୮୯ଟି ରାଜ୍ୟ ସରକାରଙ୍କ ଅଧୀନରେ ରହିଥିବା ବେଳେ ବାକି ୧୬ଟି ଟ୍ରମା-କେୟାର ସେଣ୍ଟର ବେସରକାରୀ ହସ୍ପିଟାଲରେ ରହିଛି' ବୋଲି କହିଛନ୍ତି ଅତିରିକ୍ତ ଡିଏମଇଟି ଉମାକାନ୍ତ ଶତପଥୀ। ଶ୍ରୀ ଶତପଥୀ କହିଛନ୍ତି, 'ରାଜ୍ୟରେ ଟ୍ରମାକେୟାର ସେଣ୍ଟର ବିଭିନ୍ନ ହସ୍ପିଟାଲ ପାଇଁ ସ୍ୱତନ୍ତ୍ର ଭାବରେ ବେଡ୍ ପ୍ରସ୍ତୁତ କରାଯାଇଛି। ତେବେ ଟ୍ରମାକେୟାର ସେଣ୍ଟର ପାଇଁ ହସ୍ପିଟାଲ ସ୍ତରରେ ଲେବୁଲ ୧, ୨, ୩ ର ବ୍ୟବସ୍ଥା କରାଯାଇଛି। ଏହାସହ ଆମ୍ବୁଲାନ୍ସ ରହିଛି ଲେବୁଲ ୪ ସ୍ତରରେ। ଏହା ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଲେବୁଲ ୩ ସ୍ତରରେ, ନୂଆ ମେଡିକାଲ କଲେଜ ହେଉଛନ୍ତି ଲେବୁଲ ୨ ଏବଂ ପୁରୁଣା ମେଡିକାଲ କଲେଜ, କ୍ୟାପିଟାଲ, ପାଣିକୋଇଲି ଲେବୁଲ ୧ ରେ ରହିଛି। ଏହାସହିତ କଟକର ଏସସିବି, ବ୍ରହ୍ମପୁର ଏମକେସିଜି ଏବଂ ସମ୍ବଲପୁର ବୁର୍ଲା ମେଡିକଲ କଲେଜ ରହିଛି। ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଲେବୁଲ ୧ ମେଡିକାଲ କଲେଜରେ ମୋଟ୍ ୩୦ଟି ବେଡ୍ ରହିବ। ଜେନେରାଲ ବେଡ୍ ୨୦ଟି ରହିବା ସହ ୧୦ଟି ଆଇସିୟୁ ବେଡ୍ ରହିବ। ଏହା ସହିତ ଲେବୁଲ ୨ ମେଡିକାଲ କଲେଜରେ ମୋଟ ୨୦ଟି ବେଡ୍ ରହିବ। ସେଥି ମଧ୍ୟରୁ ଜେନେରାଲ ବେଡ୍ ୧୦ଟି ରହିଥିବାବେଳେ ଆଉ ୧୦ଟି ଆଇସିୟୁ ବେଡ୍ ରହିବ। ସେହିପରି ଲେବଲ ୩ ମେଡିକାଲରେ ମୋଟ ୧୦ଟି ବେଡ୍ ରହିବ। ସେଥିମଧ୍ୟରୁ ୫ଟି ଜେନେରାଲ ବେଡ୍ ରହୁଥିବାବେଳେ ବାକି ୫ଟି ଆଇସିୟୁ ବେଡ୍ ରହିବ। 'ରାଜ୍ୟରେ ଟ୍ରମାକେୟାର ସେଣ୍ଟରକୁ ଅଧିକ ଭାବରେ ଗୁରୁତ୍ୱ ଦିଆଯାଉଛି। କଟକ ଏସ୍‌ସିବି ହେବ ଟ୍ରମାକେୟାର ସେଣ୍ଟର ଏକ୍ସଲେନ୍ସି କରାଯିବ ନେଇ ଲକ୍ଷ୍ୟ ରଖାଯାଇଛି। ଏହା ସହିତ କଟକ ଏସସିବି ହେବ ୫୦୦ ବେଡ୍ ବିଶିଷ୍ଟ ଟ୍ରମାକେୟାର ସେଣ୍ଟର। ବର୍ତ୍ତମାନ ଏସ୍‌ସିବିରେ ରହିଛି ୩୦ ବେଡ୍ ବିଶିଷ୍ଟ ଟ୍ରମାକେୟାର ସେଣ୍ଟର। ରାଜ୍ୟରେ ୧୦୭ଟି ଟ୍ରମାକେୟାର ସେଣ୍ଟର ରହିଥିବାବେଳେ ୮୯ଟି ବର୍ତ୍ତମାନ ସମୟରେ କାର୍ଯ୍ୟକ୍ଷମ ରହିଛି। ଅନ୍ୟ ୧୮ଟି ଟ୍ରମାକେୟାର ସେଣ୍ଟର ଘରୋଇ ହସ୍ପିଟାଲ ସହିତ ସହବନ୍ଧିତ ଭାବରେ ରଖାଯାଇଛି। ରାଜ୍ୟରେ ୧୬ଟି ରାଜ୍ୟ ମଧ୍ୟରେ ରହିଥିବାବେଳେ ୨ଟି ରାଜ୍ୟ ବାହାରେ କରାଯାଇଛି ଟ୍ରମାକେୟାର ସେଣ୍ଟର। ଗୋଟିଏ ହେଲା ବିଶାଖାପାଟଣା ଓ ଅନ୍ୟଟି ରାୟପୁର ସ୍ଥିତ ରାମା କ୍ରିଷ୍ଣନ ମେଡିକାଲ କଲେଜରେ ରହିଛି ଟ୍ରମାକେୟାର ସେଣ୍ଟର' ବୋଲି କହିଛନ୍ତି ଅତିରିକ୍ତ ଡିଏମଇଟି ଉମାକାନ୍ତ ଶତପଥୀ। 'ପିଜିଆଇଏମ୍‌ଇଆର ଆଣ୍ଡ କ୍ୟାପିଟାଲ ହସ୍ପିଟାଲରେ ଟ୍ରମାକେୟାର ୟୁନିଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏଠାରେ ଟ୍ରମାକେୟାର ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ଦୁର୍ଘଟଣାରେ ଗୁରୁତର ହେଉଥିବା ରୋଗୀଙ୍କୁ ଅନ୍ୟତ୍ର ରେଫର କରାଯିବ ନାହିଁ। ବର୍ତ୍ତମାନ ଦୈନିକ ୭୦ରୁ ୧୦୦ ଦୁର୍ଘଟଣା ମାମଲା କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବାବେଳେ ସେମାନଙ୍କୁ ଆବଶ୍ୟକତା ଅନୁସାରେ ଚିକିତ୍ସା ଦିଆଯାଉଛି। ମାତ୍ର ଗୋଲଡେନ ଆୱାରକୁ ଦେଖିଲେ ଟ୍ରମା କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ତ୍ୱରିତ ଚିକିତ୍ସା ମିଳିପାରିବ। ତେବେ ୫ ମହଲା ବିଶିଷ୍ଟ ଲିଭେଲ ୧ ଟ୍ରମାକେୟାର ସେଣ୍ଟର କରାଯିବ। ତେବେ ଏହି ଟ୍ରମା କେୟାର କେନ୍ଦ୍ରରେ ୨୦୦ ଶଯ୍ୟା ବ୍ୟବସ୍ଥା ରହିବ। ବେସମେଣ୍ଟରେ ୪ଟି ଜରୁରୀକାଳୀନ ଓଟି ରହିବା ସହିତ ୮ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁ, ରେଡିଓ ଡାଇଗ୍ନୋଷ୍ଟିକ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ପ୍ରଥମ ମହଲାରେ ୨୦ ଟି ଟ୍ରମା ଶଯ୍ୟା, ୨୦ଟି ଭେଷଜ ଶଯ୍ୟା, ୩ଟି କ୍ୟାବିନ, ୧୦ ଶଯ୍ୟାର ଭେଷଜ ଆଇସିୟୁ ଓ ୮ ଶଯ୍ୟାର ଏଚ୍‌ଡିୟୁ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ସେହିପରି ଦ୍ୱିତୀୟ ମହଲାରେ ୨ଟି ଟ୍ରମା ଓଟି ସହିତ ୮ଟି ଅସ୍ତ୍ରୋପଚାର ପରବର୍ତ୍ତୀ ଶଯ୍ୟା, ୬ଟି ପ୍ରାକ୍ ଅସ୍ତ୍ରୋପଚାର ଶଯ୍ୟା କାର୍ଯ୍ୟ କରିବ। ଏହାଛଡ଼ା ତୃତୀୟ ମହଲାରେ ଏକ ସମ୍ମିଳନୀ କକ୍ଷ କରାଯିବ। ସେହିପରି ଫିଜିଓ ଥେରାପି ୟୁନିଟ ସହିତ ଦୁଇଟି ସର୍ଜିକାଲ ଓଟି, ୨୧ ଶଯ୍ୟା ବିଶିଷ୍ଟ ସର୍ଜିକାଲ ଆଇସିୟୁ ରହିବ। ଚତୁର୍ଥ ମହଲାରେ ୧୦ ଶଯ୍ୟା ବିଶିଷ୍ଟ ଜେରିଆଟିକ ଆଇସିୟୁ, ୩ଟି ଲେଖାଏଁ ନେଫ୍ରୋଲୋଜି ଓ ଡାଏଲିସିସ ଶଯ୍ୟା କରାଯିବ। ୫ ମହଲା ଅର୍ଥାତ ସବୁଠୁ ଉପର ମହଲାରେ ପ୍ରଶାସନିକ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ପରିବର୍ତ୍ତନ କରାଯିବ' ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମିବାରେ ଲାଗିଛି। ଆଗକୁ ମଧ୍ୟ ଆହୁରି କମିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏନଏଚ କଡ଼ରେ ଥିବା ମେଡିକାଲ ଏବଂ ଜିଲ୍ଲା ସ୍ତରରେ ମେଡିକାଲରେ ଟ୍ରମାକେୟାର ସେଣ୍ଟର କରିବା ଦ୍ୱାରା ଅନେକ ଠିକ ସମୟରେ ଚିକିତ୍ସା ପାଇପାରୁଛନ୍ତି। ଯାହା ଫଳରେ ଦୁର୍ଘଟଣା ହେଲେ ତୁରନ୍ତ ନିକଟସ୍ଥ ମେଡିକାଲ କଲେଜକୁ ରୋଗୀ ସ୍ଥାନାନ୍ତର କରାଯାଇପାରିବ' ବୋଲି କହିଛନ୍ତି ଅତିରିକ୍ତ ଡିଏମଇଟି ଶ୍ରୀ ଶତପଥୀ। ଦେଶରେ ଦୁର୍ଘଟଣା ଜନିତ ଚିକିତ୍ସାରେ ଆଗରେ ରହିଛି ତାମିଲନାଡୁ। ଏହା ପଛରେ ରହିଛି ଓଡ଼ିଶା। ୧୯୫୯ ମସିହା ମଧ୍ୟରେ ରାଜ୍ୟରେ ୩ଟି ମେଡିକାଲ କଲେଜ ହୋଇଥିଲା। କଟକର ଏସ୍‌ସିବି, ବ୍ରହ୍ମପୁର ଓ ଭୀମସାର ମେଡିକାଲ। ତେବେ ୨୦୧୭ ମସିହାରେ ୨ଟି ମେଡିକାଲ କଲେଜ ଆରମ୍ଭ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୩ଟି ମେଡିକାଲ କଲେଜ ଖୋଲିଛି। ଖୁବ୍‌ଶୀଘ୍ର ଆଉ ୩ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି କହିଛନ୍ତି ଶ୍ରୀ ଶତପଥୀ। ଜିଲ୍ଲାସ୍ତରୀୟ ହସ୍ପିଟାଲଠାରୁ ଆରମ୍ଭ କରି ଜାତୀୟ ରାଜପଥର ପ୍ରତି ୫୦ କିମି ଅନ୍ତରରେ ଗୋଟିଏ ଲେବୁଲ ୩ ସ୍ତରର ଟ୍ରମାକେୟାର ପ୍ରତିଷ୍ଠା କରିବା ଏବଂ ରୋଗୀଙ୍କୁ ସଠିକ୍ ଭାବରେ ଚିକିତ୍ସା କରିବା ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହାସହ କଟକ ସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ଟ୍ରମାକେୟାର ସେଣ୍ଟର ୩୦ଟି ବେଡ୍ ରହିଥିବାବେଳେ ବର୍ତ୍ତମାନ ଏହାକୁ ୫୦୦ ବିଶିଷ୍ଟ ବେଡ୍ କରିବାକୁ ପ୍ରସ୍ତାବ ରହିଛି।


